# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଫେବୃୟାରୀ ୧୧ /୨୦୧୯ (୧୬ ପୃଷ୍ଠା) | Rayagada, Monday, February 11 / 2019 | ★

୯ମ ଭାଗ ୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-


ଓଡ଼ିଶା ଆମ ଗୌରବ



## ୩୦ତମ ଜାତୀୟ
# ସଡ଼କ ସୁରକ୍ଷା ସପ୍ତାହ

## ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ :

- ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ।
- ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁଲିସ ଜେରା କରିପାରିବେ ନାହିଁ ଏବଂ ଉକ୍ତ ଭଦ୍ର ବ୍ୟକ୍ତିଙ୍କୁ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ''ଗୁଡ୍ ସମରିଟାନ ପଲିସି'' ।
- ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ, ଯାହା ଫଳରେ ବାରମ୍ବାର ମୋଟର ଯାନ ଆଇନ ଭଙ୍ଗ କରୁଥିବା ବ୍ୟକ୍ତିଙ୍କୁ ୨ ରୁ ୩ ଗୁଣ ଅଧିକ ଜରିମାନା ।
- ୫ ଗୋଟି ଦୁର୍ଘଟଣା ପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲ ପ୍ରଚଳନ କରିବାର ବ୍ୟବସ୍ଥା ।
- ପଞ୍ଚମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରାଯାଇଅଛି ଏବଂ ନବମ ଓ ଦଶମ ଶ୍ରେଣୀର ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରିବାର ବ୍ୟବସ୍ଥା ।
- ବିଭିନ୍ନ ରାଜପଥରେ ୪୩୫ ଗୋଟି ବ୍ଲାକ୍ ସ୍ପଟ ଚିହ୍ନଟ (୨୦୧୫ - ୧୭ର ତଥ୍ୟ) ଓ ଏହାର ନିରାକରଣ ବ୍ୟବସ୍ଥା ।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ

ମୁଖ୍ୟ ଅତିଥି

## ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା

ମାନ୍ୟବର ମନ୍ତ୍ରୀ,
ଅର୍ଥ, ଅବକାରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ,

ସମ୍ମାନିତ ଅତିଥି

## ଡ଼ଃ ନୃସିଂହ ଚରଣ ସାହୁ

ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ

ସ୍ଥାନ : ରବିନ୍ଦ୍ର ମଣ୍ଡପ, ଭୁବନେଶ୍ୱର
୧୧ ଫେବୃଆରୀ, ୨୦୧୯, ସମୟ : ମଧ୍ୟାହ୍ନ ୧୨ ଘଟିକା ୧୦ ମିନିଟ୍

''ସଡ଼କ ସୁରକ୍ଷା - ଜୀବନ ରକ୍ଷା''

ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି
**ବାଣିଜ୍ୟ ଓ ପରିବହନ ବିଭାଗ,**
**ଓଡ଼ିଶା ସରକାର**


ଆସନ୍ତୁ, ଓଡ଼ିଶାକୁ ଏକ ଦୁର୍ଘଟଣାମୁକ୍ତ ରାଜ୍ୟରେ ପରିଣତ କରିବା

# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା

ସଶକ୍ତିକରଣ ଏବଂ ସଚେତନତା



DSPL-398

**ଏଥର ୫ ଦିନ ପରିବର୍ତ୍ତେ ୧୦ ଦିନ ହେବାକୁ ଯାଉଛି ପିଠା କ୍ୟାମ୍ପ୍ । ଏଇ ଫେବୃୟାରୀ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ଆପଣଙ୍କ ଗ୍ରାମ ପଞ୍ଚାୟତରେ ଆୟୋଜିତ ହେବ ପିଠା କ୍ୟାମ୍ପ୍ ।**

- ୪୮ ଲକ୍ଷ ହିତାଧିକାରୀ ପାଇବେ ବର୍ଦ୍ଧିତ ଭତ୍ତା
- ୩୩ ଲକ୍ଷ ପରିବାରକୁ ମିଳିବ ୪ଟି ଲେଖାଏଁ ଏଲ୍. ଇ. ଡି ବଲ୍ବ୍
- ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ଏସ୍.ଏଚ୍.ଜି ଗ୍ରୁପ୍‌କୁ ସ୍ମାର୍ଟଫୋନ୍ କିଣିବା ପାଇଁ ମିଳିବ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା
- କାଳିଆ ଯୋଜନା ବିଷୟରେ ଲୋକମାନଙ୍କୁ ଦିଆଯିବ ସମ୍ପୂର୍ଣ୍ଣ ସୂଚନା
- ଖାଦ୍ୟ ସୁରକ୍ଷା, ଖୁସି ଓ ଜନଜାତି ସଶକ୍ତିକରଣ ବିଷୟରେ କରାଯିବ ସଚେତନ

**ଯୋଜନାରେ ସ୍ୱଚ୍ଛତା ଆଣିଲା ପିଠା**
**ଆହୁରି ସଶକ୍ତ ହେଲା ନବୀନ ଓଡ଼ିଶା**



19001/13/0043/1819

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

# ଧରିତ୍ରୀ
DHARITRI


ରାୟଗଡ଼ା, ସୋମବାର, ଫେବୃୟାରୀ ୧୧ /୨୦୧୯ | Rayagada, Monday, February 11 / 2019


ଓଡ଼ିଶା ସରକାର

## ରାଜ୍ୟର ୧୭ଟି ଜିଲ୍ଲାରେ ଥିବା
## ୩୮ଟି ସହରାଞ୍ଚଳ ପାଇଁ
# ୩୮ଟି ନୂତନ ଆହାର କେନ୍ଦ୍ରର
## ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା
# ଲୋକାର୍ପଣ

ଦିବା ୧୧ଘ ॥ ୧୧ ଫେବୃଆରୀ ୨୦୧୯
**ସଚିବାଳୟ**

DSPL-399



ସହରରେ ସୁଲଭ ଭୋଜନ
ଆହାର
ଆନନ୍ଦ ସଭିଙ୍କର ମନ

# 'ଆହାର'



- ୧ ଅପ୍ରେଲ, ୨୦୧୫ ରେ ଆରମ୍ଭ
- ୧୫୭ଟି ଆହାର କେନ୍ଦ୍ରରେ ଦୈନିକ ୧ଲକ୍ଷ ଭୋଜନ ଦିଆଯାଉଛି
- ୩୦ଟି ଜିଲ୍ଲାରେ ସମସ୍ତ ୧୧୪ଟି ସହରାଞ୍ଚଳରେ ସ୍ଥାପିତ
- ଆହାର କେନ୍ଦ୍ର ଗୁଡିକ ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ହସ୍ପିଟାଲ ନିକଟରେ ସ୍ଥାପିତ
- ପ୍ରତିଦିନ ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ (ରବିବାର ବ୍ୟତୀତ)
- **ରାତ୍ରି ଆହାର**
  ୩୧ ଡିସେମ୍ବର, ୨୦୧୮ ଠାରୁ ଜିଲ୍ଲା ସଦରମହକୁମା, ଉପ-ଖଣ୍ଡ ହସ୍ପିଟାଲ ଇତ୍ୟାଦି ପ୍ରମୁଖ ସ୍ଥାନ ନିକଟରେ ଥିବା ୫୬ଟି ଆହାର କେନ୍ଦ୍ରରେ ରାତିରେ ପରିବେଷଣ କରାଯାଉଛି ଦୈନିକ ୧୫୦୦୦ରୁ ଅଧିକ ଭୋଜନ
- ୭.୭ କୋଟିରୁ ଅଧିକ ଭୋଜନ, ଲୋକ ଉପକୃତ

13001/13/0062/1819

## ସହରରେ ସୁଲଭ ଭୋଜନ
## ଆନନ୍ଦ ସଭିଙ୍କର ମନ

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ**

@CMO_Odisha | CMO.Odisha | @Naveen_Odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ରିସି
ପରିବାରବର୍ଗ


ଶ୍ରୀ
ପରିବାରବର୍ଗ


ମୁକୁଲ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452. D-65821

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65822

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018




New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

### Birthday Wish



(Shree)
Sai Sradha Parida
F-Dhananjaya Parida
M-Sumitra Parida
At/P-Nalibasanta, D-Puri
"We wish for all of your wishes to come true."
Happy Birthday
D-65823

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



ରିସି
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ, ଜନ୍ମଦିନର ଅନେକ ଅନେକ ଶୁଭକାମନା।
ଶୁଭେଚ୍ଛା ସହ
ମାମା, ବାବା, ଜେଜେମା, ଅଜା, ଆଈ।
ଧ-୧୧୦୭୫




Commercial space 800 and 2500 sqft. for office/ godown. Contact: 9437033691. D-65608

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କନ୍ଧମାଳକୁ ୨୫୦ କୋଟିର ଭେଟି

## ସାଲୁଙ୍କି ନଦୀ ଉପରେ ହେବ ହାଇଲେଭଲ ସେତୁ



କନ୍ଧମାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

**ଫୁଲବାଣୀ ଅଫିସ, ୧୦।୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କନ୍ଧମାଳ ଗସ୍ତରେ ଆସି ଅପରାହ୍ନରେ ଫୁଲବାଣୀ ଷ୍ଟାଡିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କରିବା ସହ ନୂତନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାପରେ ବିଜୁ ଯୁବ ବାହିନୀ ଆଞ୍ଚଳିକ ସମାବେଶକୁ ଉଦ୍‌ବୋଧନ ଦେଇ ଯୁବକମାନେ ସଂଗଠିତ ହୋଇ ରାଜ୍ୟ ବିକାଶରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି।

ଜିଲାରେ ମୋଟ ୨୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଉଦ୍‌ଘାଟନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ, ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଫୁଲବାଣୀରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୬୦୦ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ, ସମ୍ପ୍ରସାରିତ ଏବଂ ଆଧୁନିକୀକରଣ କନ୍ଧମାଳ ପ୍ରକ୍ରିୟାକରଣ ୟୁନିଟ୍, ଫୁଲବାଣୀ ସ୍ୱୟଂକ୍ରିୟ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ, ଜିଲା ପଞ୍ଚାୟତ ସମ୍ବଳକେନ୍ଦ୍ର, ବୋଇଡା ଉଚ୍ଚ ମାଧ୍ୟମିକ ସ୍କୁଲ, ନବନିର୍ମିତ ଜିଲା ଲାଇବ୍ରେରି, ଜି.ଉଦୟଗିରି ୬୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଓ ଟିକାବାଲି ୪୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ଗୋଚ୍ଛାପଡା ରାସ୍ତା ଉନ୍ନତୀକରଣ, ଚକାପାଦ, ଖଜୁରିପଡା, ଦାରିଙ୍ଗବାଡି, ଟିକାବାଲି, ବାଲିଗୁଡା ଏବଂ କୋଟଗଡ ବ୍ଲକର ୮ ହାଇଲେଭଲ ସେତୁ, ଫୁଲବାଣୀ, ଚକାପାଦ, ଖଜୁରିପଡା, ତୁମୁଡିବନ୍ଧ ଏବଂ ବାଲିଗୁଡା ବ୍ଲକରେ ୧୦ ଉନ୍ନୀତ ହାଇସ୍କୁଲ, ଫିରିଙ୍ଗିଆ, ଦାରିଙ୍ଗବାଡି, ତୁମୁଡିବନ୍ଧ ଏବଂ କୋଟଗଡ ବ୍ଲକର ୧୪ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରାବାସ, ରାଇକିଆ-ଗଣ୍ଡଶୀଳା ନାଳ-ସାରଙ୍ଗଗଡ ଏବଂ ରାଇକିଆ-ସିମନବାଡି ରାସ୍ତାର ଉନ୍ନତୀକରଣ, ଜି.ଉଦୟଗିରି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ, ବାଲିଗୁଡା ଏନ୍‌ଏସି ଜଳଯୋଗାଣ ପ୍ରକଳ୍ପର ଉନ୍ନତୀକରଣ କାର୍ଯ୍ୟ ଓ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ଆନ୍ତଃ ବିଭାଗ ଓ ବହିଃ ବିଭାଗ କାର୍ଯ୍ୟ ଆଦି ରହିଛି।

ମୁଖ୍ୟମନ୍ତ୍ରୀ ନିର୍ଦ୍ଧାରିତ ସମୟଠାରୁ ସାମାନ୍ୟ ବିଳମ୍ବରେ ଆସି ଗୁଦାରି ଏୟାରଷ୍ଟ୍ରିପରେ ଓହ୍ଲାଇଥିଲେ। ସେଠାରୁ କାର ଯୋଗେ ଷ୍ଟାଡିୟମରେ ପହଞ୍ଚିଥିଲେ। ପ୍ରଥମେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ସେମାନଙ୍କ ଅଞ୍ଚଳରେ କରିଥିବା କାର୍ଯ୍ୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଏହାପରେ ବିଜୁ ଯୁବ ବାହିନୀର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅରୂପ ପଟ୍ଟନାୟକ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟମନ୍ତ୍ରୀ ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାଗା ମିଶନରେ କେତେକ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି ସମାବେଶରେ କନ୍ଧମାଳ, ଗଞ୍ଜାମ, ବୌଦ୍ଧ, ନୟାଗଡ ଓ ଗଜପତି ଜିଲାରୁ ହଜାର ହଜାର ସଂଖ୍ୟାରେ ବିଜୁ ଯୁବ ବାହିନୀ ସଦସ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ, ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଉଠା ଜଳସେଚନ ନିଗମରେ ଲାଗୁହେବ ୭ମ ବେତନଧାରା

## ସମୂହ ଛୁଟିରୁ ଓହରିଲା ଇଞ୍ଜିନିୟର୍ସ ସଂଘ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି)ରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର୍ସମାନେ ଚଳିତ ମାସ ୨୧ରୁ ସମୂହ ଛୁଟିରେ ଯିବା ପାଇଁ ଘୋଷଣା କରିଥିଲେ। ସେମାନଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ସୁପାରିଶ ଲାଗୁ ନ କରାଯିବା କାରଣରୁ ସାମୂହିକ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ରବିବାର ହସ୍ତଗତ ହୋଇଥିବା ଖବର ଅନୁଯାୟୀ ଓଏଲ୍‌ଆଇସିର ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ଗତ ୮ତାରିଖ ଅର୍ଥାତ ଶୁକ୍ରବାର ରାଜ୍ୟ ସରକାର ଜଳସମ୍ପଦ ବିଭାଗ ପକ୍ଷରୁ ଓଡ଼ିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କ ପାଖକୁ ଏକ ଚିଠି (ନଂ. ୩୭୨୩) ଲେଖାଯାଇଥିଲା। ଏହି ଚିଠିରେ ନିଗମର କାର୍ଯ୍ୟରତ ଇଂଜିନିୟରର୍ସ ତଥା କର୍ମଚାରୀଙ୍କ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏହି ସୁପାରିଶ ପିଛିଲା ଭାବେ ୨୦୧୬ ଜାନୁୟାରୀ ପହିଲାରୁ ଏହା ଲାଗୁ ହେବ ବୋଲି ଜଣାପଡିଛି। ପ୍ରକାଶ ଯେ, ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ଦରମା ପ୍ରଦାନ ପାଇଁ ଇଂଜିନିୟରର୍ସମାନଙ୍କ ପକ୍ଷରୁ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କୁ ଗତ ୫ରେ ଏକ ଚିଠି ପ୍ରଦାନ କରାଯାଇଥିଲା।

ଏହି ଚିଠିରେ ଉଲ୍ଲେଖ ଥିବା ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶିକା , ଜଳସମ୍ପଦ ବିଭାଗ ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାକୁ ବିଚାର କରି ରାଜ୍ୟ ସରକାର ନିଗମ କର୍ମଚାରୀଙ୍କ କ୍ଷେତ୍ରରେ ୭ମ ବେତନ କମିଶନ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

### ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

# ଭାଜପା-ବିଜେଡି ଦୋଷ ଲଦାଲଦି

**ଭୁବନେଶ୍ୱର, ୧୦।୨(ବ୍ୟୁରୋ):** ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରିବା କ୍ଷେତ୍ରରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟ ରାଜ୍ୟରେ ଅଙ୍ଗନୱାଡି କର୍ମୀ ଦରମା ବାବଦକୁ ଅଧିକ ଟଙ୍କା ପାଉଥିବା ବେଳେ ଓଡିଶା ସରକାର ଏଥିପାଇଁ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ ବୋଲି ଭାଜପା ଅଭିଯୋଗ କରୁଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏକ ଚିଠି ଲେଖିବା ପରେ ଭାଜପା ଏଭଳି ଅଭିଯୋଗ ଆଣିଛି। ଅନ୍ୟପଟେ ଭାଜପା ଏକ ଭ୍ରଷ୍ଟାଚାରୀ ଦଳ ବୋଲି ବିଜେଡି କହିବାସହ ସେମାନେ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ନେଇ ଗତ ୨୫ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ଏକ ଚିଠି ଲେଖିଥିଲେ। ଧର୍ମେନ୍ଦ୍ର ଲେଖିଥିବା ଚିଠି ଉପରେ କେନ୍ଦ୍ରମନ୍ତ୍ରୀ ମାନେକା ନିଜର ଉତ୍ତର ରଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ ଅକ୍ଟୋବର ୧ତାରିଖରୁ ସବୁ ରାଜ୍ୟର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୨୦ରେ ଅବଗତ କରାଯାଇଥିଲା। ଚଳିତ ଆର୍ଥିକବର୍ଷ ପାଇଁ ବର୍ଦ୍ଧିତ ପାରିଶ୍ରମିକ ବାବଦକୁ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟର୍ସ ଲାଗି କେନ୍ଦ୍ର ସରକାରଙ୍କ ଅଂଶ ବାବଦରେ ଓଡିଶାକୁ ୧୬୬୯୪.୩୮ ଲକ୍ଷ ଟଙ୍କା ଦିଆଯାଇଛି । ଓଡିଶା ସମେତ ଦେଶର ଅନ୍ୟ ରାଜ୍ୟରେ ଖାଲି ପଡିଥିବା ଅଙ୍ଗନୱାଡି ପଦବୀଗୁଡିକୁ ପୂରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବାରମ୍ବାର ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଅନୁରୋଧ କରିଛନ୍ତି । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳମାନଙ୍କୁ ମଧ ଏ ସମ୍ପର୍କରେ କ୍ଷମତା ଦେବାକୁ ଅନୁରୋଧ କରାଯାଇଥିବା ମାନେକା ଚିଠିରେ ଉଲ୍ଲେଖ କରିଛନ୍ତି । ଅନ୍ୟପଟେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ପୂର୍ବରୁ ଅଙ୍ଗନୱାଡି କର୍ମୀମାନେ ୪ହଜାର ଟଙ୍କା ଲେଖା ପାଉଥିଲେ। କେନ୍ଦ୍ର ସରକାର ୩ମାସ ତଳୁ ସେମାନଙ୍କ ଦରମା ବାବଦ ଅର୍ଥକୁ ଅଧିକ ୩ହଜାର ଟଙ୍କା ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ସେହି ବର୍ଦ୍ଧିତ ଦରମା ପ୍ରଦାନ କରୁଛନ୍ତି। ଉକ୍ତ ଟଙ୍କାକୁ ଆମେ ଦେଇଛୁ ବୋଲି କହି ବିଜେଡି ରାଜନୀତି କରୁଛି। ରାଜ୍ୟ ସରକାର ତୁରନ୍ତ ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରନ୍ତୁ ବୋଲି ଗୋଲକ କହିଛନ୍ତି। ଭାଜପାର ଏଭଳି ଅଭିଯୋଗକୁ ନେଇ ବିଜେଡି ନେତା ସୁବାସ ସିଂ କହିଛନ୍ତି ଯେ, ଭାଜପା ହେଉଛି ଏକ ଭ୍ରଷ୍ଟାଚାରୀ ଦଳ, ଯାହା ବିଶ୍ୱରେ ବିରଳ।

# ପୂଜା ହେଲା ମାଦଳା ପାଞ୍ଜି

**ପୁରୀ ଅଫିସ, ୧୦।୨:** ଶ୍ରୀମନ୍ଦିରରେ ରବିବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମଧାହ୍ନ ଧୂପ ପରେ ଆଜ୍ଞାମାଳ ପ୍ରାପ୍ତ ହୋଇ ବେଣ୍ଟ ନିମନ୍ତେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୁଦେବୀ ବିଜେ ହୋଇଥିଲେ। ଏହାପରେ ସନ୍ଧ୍ୟା ଆଳତି ବଢିଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା ହୋଇଥିଲା। ମାଦଳା ପାଞ୍ଜି ରଖାଯାଇ ପତନି, ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୨ଟି ନଡ଼ିଆ ଭଙ୍ଗା ଯାଇଥିଲା।

## ଭାଜପା ପ୍ରତିଶ୍ରୁତି ସମାବେଶକୁ ବିଜେଡିର ଟାର୍ଗେଟ

# ଫେଲ୍‌ମାରି ପ୍ରତିଶ୍ରୁତି ଦେବା ଦୁର୍ଭାଗ୍ୟଜନକ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ରାଜ୍ୟ ଭାଜପା ପକ୍ଷରୁ ଶନିବାର କରାଯାଇଥିବା ପ୍ରତିଶ୍ରୁତି ସମାବେଶକୁ ୨୪ ଘଣ୍ଟା ପୂରିନାହିଁ। ହେଲେ ବିଜେଡି ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀ କରି ଏହାର ଜବାବ ରଖାଯାଇଛି। ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସଞ୍ଜୟ କହିଛନ୍ତି ଯେ, ଭାଜପାକୁ ଭାରତୀୟ ଜନତା ପାର୍ଟି ବଦଳରେ ଭାରତୀୟ ଜୁମ୍‌ଲା ପାର୍ଟି କୁହାଯିବା ଉଚିତ। ପୂର୍ବ ପ୍ରତିଶ୍ରୁତି ପାଳନ ନ କରି ପୁନର୍ବାର କିପରି ପ୍ରତିଶ୍ରୁତିର ପାହାଡ଼ କରାଯାଏ, ତାହା ଏହି ଗୈରିକ ଦଳଠାରୁ ଶିଖିବାର ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂମିହୀନଙ୍କୁ ପକ୍କାଘର, ସ୍ଥାୟୀ ଜମିପଟ୍ଟା ଏବଂ ବେକାରିଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ୫ ବର୍ଷ ପୂର୍ବରୁ କରାଯାଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧.୫ଗୁଣା ବୃଦ୍ଧି କରାଯାଇନାହିଁ। ବିଧାନସଭା ଗୃହ କମିଟି ଦ୍ୱାରା ସୁପାରିସ ୨୯୩୦ ଟଙ୍କା ଏମ୍‌ଏସ୍‌ପିକୁ ଗ୍ରହଣ କରାଗଲା ନାହିଁ। ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଆଲୋଚନା ପାଇଁ ଗୋଟାଏ ମିନିଟ୍ ସମୟ ଦେଲେ ନାହିଁ। ତେଣୁ ବର୍ତ୍ତମାନ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଧୋକା ବ୍ୟତୀତ ଆଉ କିଛି ନୁହେଁ ବୋଲି ସଞ୍ଜୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋଇଲା ରୟାଲଟି ସଂଶୋଧନ ନ ହେବା ଦ୍ୱାରା ରାଜ୍ୟ ବହୁ କୋଟି ଟଙ୍କାର ରାଜସ୍ୱ ହରାଉଛି। ରେଳବିଭାଗ ଦେଉଥିବା ଟିକସ ଅନୁସାରେ ପ୍ରଦତ୍ତ ଅର୍ଥ ନଗଣ୍ୟ। କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଶିଳ୍ପ କରିଡର(ମାଡ୍ରାସ-ଭାଇଜାକ୍ ଏବଂ ଗୁଜରାଟ-ପଶ୍ଚିମବଙ୍ଗ) ମଧ୍ୟରେ ଓଡ଼ିଶାକୁ ସାମିଲ ନ କରିବା ଦୁର୍ଭାଗ୍ୟଜନକ। ୩୩ଟି ଯୋଜନାରୁ କେନ୍ଦ୍ର ଅର୍ଥ କାଟ କରିବା ସହ ୮ଟି ଯୋଜନାକୁ ଅନୁଦାନ ବନ୍ଦ କରିଦେଇଛି। ମହାନଦୀ, ପୋଲାଭରମ, କୋଷ୍ଟାଲ ହାଇୱେ ଭଳି ପ୍ରସଙ୍ଗରେ କେନ୍ଦ୍ର ଓଡ଼ିଶାର ଯଥାର୍ଥ ଦାବିକୁ ଗ୍ରହଣ କରିନାହିଁ। ନବକଳେବର ସମୟରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ, ଦୀଘା-ଗୋପାଳପୁର କୋଷ୍ଟାଲ ହାଇୱେ, ଚନ୍ଦନପୁର-ରାମେଶ୍ୱର ରାସ୍ତା ନିର୍ମାଣ କଥା ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟର କଥା କୌଣସି ଗୋଟିଏ ପ୍ରକଳ୍ପ ସମାପ୍ତ ହୋଇନାହିଁ। କୋଷ୍ଟାଲ ହାଇୱେରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଡିପିଆର ଅନୁପାଳନ ହେଉ ନ ଥିବା ସଞ୍ଜୟ ଅଭିଯୋଗ କରିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରାହ୍ମଣୀ ସେତୁ ଏବଂ ସୁପରସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ପୂର୍ଣ୍ଣାଙ୍ଗ କଲେ ନାହିଁ, ଏହା ଫଳରେ ଜଣେ ଭାଜପା ବିଧାୟକ ନିଜ ପଦ ଏବଂ ଦଳରୁ ଇସ୍ତଫା ଦେଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେବା ଲଜ୍ଜାହୀନ କଥା। ଉଜ୍ଜଳା ହିତାଧିକାରୀ ଦ୍ୱିତୀୟଥର ଗ୍ୟାସ ଭରୁ ନାହାନ୍ତି। ଏହା କେନ୍ଦ୍ରମନ୍ତ୍ରୀଙ୍କ ବିରାଟ ବିଫଳତା। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା, ବାର୍ଷିକ ୨ କୋଟି ରୋଜଗାର, ପ୍ରତି ଆକାଉଣ୍ଟକୁ ୧୦ ଲକ୍ଷ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟ ସରକାର ବସୁନ୍ଧରା ଯୋଜନା, ଜାଗା ମିଶନ ଏବଂ ଜଙ୍ଗଲ ଅଧିକାର ଆଇନକୁ ଲାଗୁ କରିବାରେ ସଫଳ ହୋଇଛନ୍ତି। ସମସ୍ତଙ୍କୁ ପକ୍କାଘର ଏବଂ ପଟ୍ଟା ଦେବାରେ ବିଜେଡି ସରକାର ଆଗକୁ ବଢୁଛି। ତେଣୁ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେବା ନାଁରେ ନ ଠକନ୍ତୁ ବୋଲି ପ୍ରତାପ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ସସ୍ମିତ ପାତ୍ର, ରାଜ୍ୟ ସମ୍ପାଦକ ବିଜୟ ନାୟକ ଏବଂ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ଉପସ୍ଥିତ ରହିଥିଲେ। ଅପରପକ୍ଷରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ବିଜେଡି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ୍ ପ୍ରତିଶ୍ରୁତି କୁଆଡେ ଗଲା। କେନ୍ଦ୍ର ସରକାର ବର୍ତ୍ତମାନ ଦେଉଥିବା ଏମ୍‌ଏସ୍‌ପି ଠିକ୍ ଭାବେ ମିଳୁନାହିଁ। ୟୁପିଏ ଅପେକ୍ଷା ଏନ୍‌ଡିଏ ରାଜ୍ୟକୁ ଅଧିକ ଅର୍ଥ ପ୍ରଦାନ କରିଛି। ହେଲେ ଏହି ଅର୍ଥ କାର୍ଯ୍ୟକାରୀ ନ ହୋଇ ଫେରିଯାଉଛି।


## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରାଧ୍ୟାପକ ବୈକୁଣ୍ଠନାଥ ମହାନ୍ତି
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘଷଷ୍ଠୀ)
ଭୁବନେଶ୍ୱର
ଆଜି ଆପଣଙ୍କ ଏକବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ପତ୍ନୀ- ସେବତୀ, ପୁଅ- ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍, ଝିଅ-ଜ୍ୱାଇଁ: ମମତା-ରକ୍ଷକ, ସାନ ନାତି- ଶିମନ୍ ଓ ବନ୍ଧୁମାନେ।
ଧ-୧୧୦୫୪

### ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ହରିଶ୍‌ଲାଲ ମଂଡୋଲିଓ୍ୱାଲ୍
ତିରୋଧାନ: ୩୦।୦୧।୨୦୧୯
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୪୦୪୫


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର ସହ ମଙ୍ଗଳଙ୍କ ସଂଯୋଗ ଏକାଧାରରେ ଦୈହିକ ସୁସ୍ଥତା, ପାରିବାରିକ ଉନ୍ନତି ସହ ବ୍ୟବସାୟ ଓ ପରିବହନ ସକାଶେ ବହୁତ ଶୁଭଫଳ ପାଇବେ। ସାମାଜିକ ସ୍ତରରେ ସୁଖ ଓ ସମ୍ମାନ ପ୍ରାପ୍ତି ହେବ। ବନ୍ଧୁମିଳନରୁ ଖୁସି ରହିବେ, କିନ୍ତୁ ଅଶ୍ୱିନୀ ନକ୍ଷତ୍ର ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବୃଷ** ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ବହୁ ପ୍ରୀତିପ୍ରଦ ହେବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକ୍‌ଲିଫି ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ୍ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ** ଯେକୌଣସି ପ୍ରକାରର ପରିସ୍ଥିତି ହେଉନା କାହିଁକି ଆପଣ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବନାହିଁ। ପୁନର୍ବସୁ ନକ୍ଷତ୍ର ସାମାଜିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ ଓ ଆଲୋଚନା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ** କର୍ମସ୍ଥ ଗ୍ରହ ପ୍ରଭାବ ଆପଣଙ୍କୁ ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତି ମାନଙ୍କ ସହ ଯୋଗସୂତ୍ର ସ୍ଥାପନ କରିବାରେ ସାହାଯ୍ୟ କରିବ। ଈର୍ଷାପରାୟଣ ଶତ୍ରୁମାନଙ୍କ ସମସ୍ୟା ସୃଷ୍ଟି ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ। ଅଫିସରେ ଦାୟିତ୍ୱ କ୍ରମେ ବୃଦ୍ଧିପାଇବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବକେୟା ପ୍ରାପ୍ତିକୁ ଦୃଷ୍ଟିରେ ରଖି ପରିସ୍ଥିତି ଅନୁଯାୟୀ କାମ କରିବେ।

**ସିଂହ** ଚତୁର୍ଥସ୍ଥ ବୃହସ୍ପତି ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବିଭିନ୍ନ ଯୋଜନା କରିବାର ଚେଷ୍ଟାକରି କେତେକାଂଶରେ ସଫଳ ହେବେ। କେତେକ ନୂତନ କାମର ପରିକଳ୍ପନା କରି ତାହାକୁ ଆରମ୍ଭ କରିବାର ମନସ୍ଥ କରିପାରନ୍ତି।

**କନ୍ୟା** ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ। ଫଳରେ ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବେ। ସମସ୍ୟା ରହିଥିଲେ ମଧ ବୁଝିବିଚାରି କାମ କରିବା ସାଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ କେହି ଈର୍ଷା କରିପାରନ୍ତି।

**ତୁଳା** କର୍ମାଧିପତିଙ୍କର ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜର ଲୋକମାନଙ୍କ ବିରୁଦ୍ଧାଚରଣ ଦୁଃଖର କାରଣ ହୋଇପାରେ। ବ୍ୟବସାୟିକ, ସାମାଜିକ ଅଭିବୃଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଖୁସି ରହିବେ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିକାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ ।

**ବିଛା** ମଙ୍ଗଳ ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସମସ୍ୟା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ଜ୍ୟେଷ୍ଠା ନକ୍ଷତ୍ର ସକାଶେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ।

**ଧନୁ** ମୂଳା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା,ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା କାରବାର, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର** ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସହ ବୈବାହିକ ସମ୍ପର୍କ ସ୍ଥାପନର ଶୁଭସୂଚନା ମନକୁ ଖୁସିକରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପରେ ହସି ହସି କଥା କହିବେ।

**କୁମ୍ଭ** ତୃତୀୟସ୍ଥ ଚନ୍ଦ୍ର କୌଣସି ଶୁଭକାର୍ଯ୍ୟର ଯୋଜନା ଦିଗରେ ଚେଷ୍ଟିତ କରାଇବ। ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ । ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ଆବଶ୍ୟକ ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ । ଶତଭିଷା ନକ୍ଷତ୍ର ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମୀନ** ସୁଖଭାବରେ ଚନ୍ଦ୍ର ଆପଣଙ୍କ ବ୍ୟବହାର ବନ୍ଧୁମାନଙ୍କ ମନୋରଞ୍ଜନ କରାଇବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ପୂର୍ବାଭାଦ୍ରପଦ୍ ନକ୍ଷତ୍ର ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ଧୀରେ ଧୀରେ ସମସ୍ୟା ସମାଧାନ ହେବାର ରାସ୍ତା ଉନ୍ମୁକ୍ତହୋଇପାରେ।

ଆଜି ମାଘ ଶୁକ୍ଳ ଷଷ୍ଠୀ ସୋମବାର, ଫେବୃୟାରୀ ୧୧ ତାରିଖ। ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ଓ ବାଣିଜ୍ୟକରଣ ପାଇଁ ଶୁଭଦିନ। ଦିବା ଘ.୭।୫୦ମି. ମଧ୍ୟେ ଘ.୧।୨୬ମି. ଗତେ, ଘ.୨।୫୦ମି. ମଧ୍ୟେ ଘ.୪।୧୨ମି. ଗତେ, ଘ.୫।୩୩ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୫ମି. ଗତେ, ଘ.୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୭।୪୬ମି. ଗତେ, ଘ.୯।୧୧ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ DHARITRI

ରାୟଗଡ଼ା, ସୋମବାର, ଫେବୃୟାରୀ ୧୧ /୨୦୧୯ | Rayagada, Monday, February 11 / 2019 | ପୃଷ୍ଠା-୧




**ଧୋନୀଙ୍କ ମାଇଲଖୁଣ୍ଟ**

ମହେନ୍ଦ୍ର ସିଂ ଧୋନୀ ପ୍ରଥମ ଭାରତୀୟ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

**୧୧ ୦୬**

**ଇଣ୍ଡିଆ କନ୍‌ଫରେନ୍ସରେ ଯୋଗଦେବେ ତନୁଶ୍ରୀ**

ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତ ବୋଷ୍ଟନସ୍ଥିତ ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଇଣ୍ଡିଆ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେବେ।



## ୫ ଆତଙ୍କବାଦୀ ନିହତ



**ଶ୍ରୀନଗର,୧୦।୨(ପି.ଟି.)**

ଜମ୍ମୁ କଶ୍ମୀରର କୁଲଗାମ୍ ଜିଲାରେ ରବିବାର ସୁରକ୍ଷା କର୍ମୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳିବିନିମୟ ହୋଇଛି। କେଲେମ ଗାଁକୁ ସର୍ଚ୍ଚ ଅପରେଶନରେ ଯାଇଥିବା ସୁରକ୍ଷା ବଳ ଟିମ୍ ଉପରକୁ ଆତଙ୍କବାଦୀମାନେ ଗୁଳିବର୍ଷଣ କରିବାରୁ ସୁରକ୍ଷା ଯବାନଙ୍କ ପାଲଟା ଜବାବ୍‌ରେ ୫ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି। ମୃତ ଆତଙ୍କବାଦୀ ୱାସିମ୍ ଅହମ୍ମଦ ରାଠର, ଆକିବ୍ ନଜିର ମୀର୍, ପରଭେଜ୍ ଅହମ୍ମଦ ଭଟ୍ଟ, ଇଦ୍ରିଶ୍ ଅହମ୍ମଦ ଭଟ୍ଟ, ଜାହିଦ୍ ଅହମ୍ମଦ ପରାୟ ହିଜ୍‌ବୁଲ ମୁଜାହିଦ୍ଦିନ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଥିଲେ ବୋଲି ପୋଲିସ କହିଛି। ଏହି ଏନ୍‌କାଉଣ୍ଟରକୁ ବିରୋଧ କରି ବିକ୍ଷୋଭ ହୋଇଥିଲା। ଏନ୍‌କାଉଣ୍ଟରସ୍ଥଳରେ ବିକ୍ଷୋଭକାରୀ ଓ ସୁରକ୍ଷା ଯବାନ ମୁହାଁମୁହିଁ ହୋଇଥିଲେ। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ଉତ୍ତେଜନା ବଳବତ୍ତର ରହିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।


■ ଡଙ୍କାରୀ, ରାହାଡ଼ପୁରରେ ୧୪୪ ଧାରା ଜାରି

# ପୁରୁଣା ଖାଦାନରୁ ଚାଲିଛି ଲୁଟ୍

- ■ ବିପଦରେ ରାଣୀବନ୍ଧି ଡ୍ୟାମ
- ■ ଚାଷୀ ମହଲରେ ଅସନ୍ତୋଷ
- ■ ଆଖିବୁଜିଛି ପ୍ରଶାସନ

**ଯାଜପୁର ଅଫିସ,୧୦।୨**

ଯାଜପୁର ଜିଲା ଧର୍ମଶାଳା ତହସିଲ ରାହାଡ଼ପୁର ବେଆଇନ କଳାପଥର ଖାଦାନ ଉପରେ ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପ୍ରଭାବହୀନ ହୋଇଛି। ଏହି ଖାଦାନକୁ କ୍ଲୋଜର ନୋଟିସ ଦେଇ ଜିଲା ପ୍ରଶାସନ ସାଧାରଣରେ ପ୍ରଶଂସିତ ହୋଇଥିଲା। ହେଲେ ଏକ ସପ୍ତାହ ନ ପୂରୁଣୁ ପଥର ବ୍ୟବସାୟୀଙ୍କ ପ୍ରଭାବ ଆଗରେ ଜିଲା ପ୍ରଶାସନର ଦମ୍ଭ ଭାଙ୍ଗି ଯାଇଛି। ଡଙ୍କାରୀ ଓ ରାହାଡ଼ପୁରରେ ୧୪୪ ଧାରା ଜାରି ପରେ ନିକଟସ୍ଥ ରାଣୀବନ୍ଧି ଡ୍ୟାମକୁ ଲାଗିଥିବା ଏକ ପୁରୁଣା ଖାଦାନକୁ ବେଆଇନ ଭାବେ ଖୋଳି ସେଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରାଯାଇ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଟ୍ରିପ ଚୋରାଚାଲାଣ କରାଯାଉଛି। ଏଥିଯୋଗୁ ପୁଣି ରାଣୀବନ୍ଧି ଉପରେ ବିପଦ ମାଡ଼ିଆସିଛି। ଏହାବାଦ ଯାଜପୁର - ଢେଙ୍କାନାଳ ସୀମାନ୍ତବର୍ତ୍ତୀ ବିଚ୍ଛିନ୍ନାଞ୍ଚଳ ନିଶ୍ଚନ୍ତା ପାହାଡ଼ରୁ ବେଆଇନ ପଥର ଉତ୍ତୋଳନ ହୋଇ ଏଆରଏସ୍‌ଏସ୍ କ୍ରଶରକୁ ବେଆଇନ ଭାବେ ଯୋଗାଣ ହେଉଛି।



ବେଆଇନ ଭାବେ ପଥର ଚୋରାଚାଲାଣ ଚାଲିଛି।

ସୂଚନାଯୋଗ୍ୟ ଯେ, ରାହାଡପୁର ପାହାଡ଼ର ୬ ଓ ୧୦ ନମ୍ବର ଖାଦାନ ଉପରେ ଗତ ୫ ତାରିଖ ତହସିଲ ପ୍ରଶାସନ ୧୪୪ ଧାରା ଜାରି କରି କ୍ଲୋଜର ନୋଟିସ ଦେଇଥିଲା। ଏହାସହ ପାହାଡକୁ ସଂଯୋଗ କରୁଥିବା ରାସ୍ତାରେ ଜେସିବି ମାଧ୍ୟମରେ ଗର୍ତ୍ତ କରାଯାଇ ଯାନବାହନ ଗମନାଗମନ ଉପରେ ରୋକ ଲଗାଯାଇଥିଲା। ଡଙ୍କାରୀ ଓ ରାହାଡ଼ପୁର ଖାଦାନ ବନ୍ଦ ହେବା ପରେ ଜଣେ ଜିଲା ପରିଷଦ ସଭ୍ୟଙ୍କ ପ୍ରୋତ୍ସାହନରେ ଏହି ପୁରୁଣା ଖାଦାନକୁ ଖୋଲା ଯାଇଥିବା ଚର୍ଚ୍ଚା ହେଉଛି । ଏଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରି ପାରାଦୀପ, ଧାମରା, ରାଜନଗର ପ୍ରଭୃତି ଅଞ୍ଚଳକୁ ଚୋରାଚାଲାଣ କରାଯାଉଛି। ପରିବେଶ ବିଭାଗ କିମ୍ବା ଜିଲା ପ୍ରଶାସନରୁ କୌଣସି ଅନୁମତି ନ ଥାଇ ଏହି ପଥର ଚୋରାଚାଲାଣକୁ ପ୍ରଶାସନ ଆଖି ବୁଜି ଦେଇଛି । ଏହାଦ୍ୱାରା ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ଆହୁରି ବିପଦ ସୃଷ୍ଟି ହୋଇଛି। ୧୯୮୮ରୁ ଡଙ୍କାରୀ ଓ ରାହାଡପୁର ପାହାଡ ପାଦଦେଶରେ ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ପ୍ରକଳ୍ପ ପାଣିରେ ରମ୍ଭେଇ, କାଦୁଅମାଗୁର ଆଦି ☞ପୃଷ୍ଠା-୪

## ବଡ଼ ମନା କରିବାରୁ ବେଦିରେ ବସିଥାନ୍ତେ ସାନଭଉଣୀ

■ ନାବାଳିକାଙ୍କୁ ଉଦ୍ଧାର କଲା ସିଡବ୍ଲ୍ୟୁସି

**କୁନ୍ଦୁରା,୧୦।୨(ଡି.ଏନ୍.ଏ.)**

ବିବାହ ସ୍ଥିର ହୋଇସାରିଥିଲା। କିନ୍ତୁ ବଡ଼ଝିଅ ମନା କରିଦେବାରୁ ମା' ବାପା ନାବାଳିକା ସାନଝିଅଙ୍କୁ ରବିବାର ବେଦୀରେ ବସାଇଥାନ୍ତେ। କିନ୍ତୁ ଏହି ଉଦ୍ୟମକୁ ଶେଷ ମୁହୂର୍ତ୍ତରେ ପଣ୍ଡକରି ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିଛି କୋରାପୁଟ ଜିଲା ଶିଶୁ ସୁରକ୍ଷା ସମିତି ଓ କୁନ୍ଦୁରା ଥାନା।

ସୂଚନା ଅନୁଯାୟୀ, ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତ ଅନ୍ତର୍ଗତ ବାମୁଣୀଗାଁର ଜଣେ ଯୁବତୀଙ୍କ ସହ ତାଙ୍କ ଅନିଚ୍ଛା ସତ୍ତ୍ୱେ କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଲିମ୍‌କିଆଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ସହ ବିବାହ ସ୍ଥିର କରାଯାଇଥିଲା। ଯୁବତୀ ଜଣକ ମାଟ୍ରିକ ଶିକ୍ଷା ପରେ ଏକ ଘରୋଇ ଚିକିତ୍ସାଳୟରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ଏହି ବିବାହ ପାଇଁ ସେ ମନା କରିଦେବା ପରେ ବାପାମା'ଙ୍କ ମୁଣ୍ଡରେ ଚିନ୍ତା ପଶିଥିଲା। ସାମାଜିକ ସମ୍ମାନ ଭୟରେ ସେମାନେ ଦଶମ ଶ୍ରେଣୀରେ ପଢୁଥିବା ନିଜ ସାନଝିଅଙ୍କୁ ବଡ଼ଝିଅ ସ୍ଥାନରେ ବାହା ଦେବାକୁ ବ୍ୟବସ୍ଥା କରିଥିଲେ। ଏପରିକି ଉକ୍ତ ନାବାଳିକାଙ୍କୁ ଶନିବାର ଜୟପୁର ସହର ଉପକଣ୍ଠ ଜୟନଗରରେ ରଖାଯାଇଥିଲା। ରବିବାର ଲିମକିଆଗୁଡ଼ାରେ ବିବାହ ହୋଇଥାନ୍ତା। ତେବେ ନାବାଳିକା କନ୍ୟା ଜଣକ ଉପସ୍ଥିତ ବୁଦ୍ଧି ଖଟାଇ କୌଣସି ମତେ ୧୦୯୮ (ଜିଲା ଶିଶୁ ସୁରକ୍ଷା ସମିତି)କୁ ଯୋଗାଯୋଗ କରିଥିଲେ। ଅନିଚ୍ଛା ସତ୍ତ୍ୱେ ମା'ବାପା ତାଙ୍କୁ ବିବାହ ଦେଉଥିବା ଜଣାଇଥିଲେ। ଏହାପରେ ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷା ଗାୟତ୍ରୀ ଦେବୀ, ଡିସିପିଓ ରାଜଶ୍ରୀ ଦାଶଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଲିଡର ମିନତି ମହାଙ୍କୁଡ଼, ଅର୍ଜୁନ ଗୌଡ଼, ପିଣ୍ଟୁ ହରିଜନ, ପିତାମ୍ବର ପୂଜାରୀ, ଥାନା ଅଧିକାରୀ ଭବାନୀ ମୁଦୁଲି, ଏସ୍‌ଆଇ ଶୁଭ୍ରାନ୍ତ ପଣ୍ଡା ଲିମ୍‌କିଆଗୁଡ଼ାରେ ପହଞ୍ଚି ନାବାଳିକା ଜଣଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଜଣକ କହିଛନ୍ତି ଯେ ପାଠ ପଢ଼ିବା ପାଇଁ ତାଙ୍କର ପ୍ରବଳ ଇଚ୍ଛାଶକ୍ତି ରହିଛି। ଆଗାମୀ ଦିନରେ ଅନ୍ୟ କୌଣସି ସ୍ଥାନରେ ଏଭଳି କାର୍ଯ୍ୟ ହେଲେ ସେ ନିଜେ ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ସହ ଅନ୍ୟମାନଙ୍କୁ ସଚେତନ କରାଇବେ।

### ଆଜିର ମନ୍ତବ୍ୟ

"ଫେଲ୍ ଛାତ୍ର ସବୁବେଳେ ଟପ୍ପରଙ୍କୁ ଘୃଣା କରନ୍ତି।

-ଅରୁଣ ଜେଟ୍‌ଲୀ, କେନ୍ଦ୍ରମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୪% ହ୍ରାସ ଘଟି ୮.୯୯ ନିୟୁତ ଟନ୍ ରହିଛି।

**-ୱାର୍ଲଡ ଷ୍ଟିଲ ଆସୋସିଏଶନ**

# ୯୦ ହଜାର କୋଟି ଟପିବ ଜନଧନ ଆକାଉଣ୍ଟ ଜମା

**ନୂଆଦିଲ୍ଲୀ,୧୦।୨**

ଗରିବଙ୍କୁ ବ୍ୟାଙ୍କ ସହ ଯୋଡିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ୨୦୧୪ ଅଗଷ୍ଟ ୨୮ରେ ଶୁଭାରମ୍ଭ କରିଥିଲେ। ଏବେ ଏହି ଯୋଜନାରେ ବ୍ୟାଙ୍କ ଆକାଉଣ୍ଟରେ ଜମା ପରିମାଣ ୯୦ ହଜାର କୋଟି ଟଙ୍କା ଟପିଯିବ ବୋଲି ଆକଳନ କରାଯାଉଛି। ଜନଧନ ଆକାଉଣ୍ଟଧାରୀଙ୍କୁ ଦୁର୍ଘଟଣା ବୀମା ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିବା ପରେ ଏଥିରେ ଜମା ପରିମାଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି ବୋଲି ସରକାରୀ ସୂତ୍ରରୁ




ପ୍ରକାଶ। ଅର୍ଥ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ୨୦୧୭ ମାର୍ଚ୍ଚରୁ ଏହି ଯୋଜନା ଆରମ୍ଭ ହେବା ପରେ ଏହି ଆକାଉଣ୍ଟରେ ଜମା ପରିମାଣ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଜାନୁୟାରୀ ୩୦ ସୁଦ୍ଧା ଜନଧନ ଯୋଜନାରେ ବ୍ୟାଙ୍କରେ ୮୯,୨୫୭.୫୭ କୋଟି ଟଙ୍କା ଜମା ପଡିଲାଣି। ଜାନୁୟାରୀ ୨୩ ସୁଦ୍ଧା ଏହା ୮୮,୫୬୬.୯୨ କୋଟି ଟଙ୍କା ଥିଲା। ଏହି ଯୋଜନାରେ ପୂର୍ବରୁ ଆକାଉଣ୍ଟଧାରୀଙ୍କୁ ୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଏବଂ ୫ ହଜାର ଟଙ୍କାର ଓଭରଡ୍ରାଫ୍ ସୁବିଧା ଦିଆଯାଉଥିଲା। ଏହି ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧିକୁ ଦେଖି ସରକାର ☞ପୃଷ୍ଠା-୪

■ ଟିଏମ୍‌ସି ବିଧାୟକ ହତ୍ୟାକାଣ୍ଡ

## ମୁକୁଲଙ୍କ ବିରୋଧରେ ଏତଲା

**କୋଲକାତା,୧୦।୨(ପି.ଟି.)**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ସତ୍ୟଜିତ୍ ବିଶ୍ୱାସ ହତ୍ୟାକାଣ୍ଡକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଜୋର ଧରିଛି। ହତ୍ୟାକାଣ୍ଡ ପାଇଁ ଶାସକ ଟିଏମ୍‌ସି ସିଧାସଳଖ ଭାଜପାକୁ ଦାୟୀ କରିଛି। ପୋଲିସରେ ଦାଏର ଏତଲାରେ ଭାଜପା ନେତା ମୁକୁଲ ରୟ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ମୁକୁଲଙ୍କ ବ୍ୟତୀତ ଏତଲାରେ ଉଲ୍ଲେଖ ଥିବା ଅନ୍ୟ ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି। ଟିଏମ୍‌ସିର ପୂର୍ବତନ ସାଧାରଣ ସମ୍ପାଦକ ମୁକୁଲଙ୍କର ଦଳ ସୁପ୍ରିମୋ ମମତା ବାନାର୍ଜୀଙ୍କ ସହ ମତଭେଦ ହେବାରୁ ସେ ☞ପୃଷ୍ଠା-୪

# ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ କେନ୍ଦୁଝର ଶ୍ରୀଶ୍ରୀ ବଳଦେବଜୀଉଙ୍କ ରଥ

**କେନ୍ଦୁଝର, ୧୦।୨(ସ୍ୱ.ପ୍ର.)**

କେନ୍ଦୁଝରର ଶ୍ରୀଶ୍ରୀ ବଳଦେବଜୀଉଙ୍କ ରଥ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି। ଦେଶରେ ସର୍ବୋଚ୍ଚ ରଥ ଭାବେ ମାନ୍ୟତା ମିଳିଛି। ଉକ୍ତ ସଂସ୍ଥାର ଅଧିକାରୀ ରାଜେଶ କୁମାର ବର୍ମା ରବିବାର କେନ୍ଦୁଝର ଗସ୍ତକରି ରଥର ଉଚ୍ଚତା ମାପିବା ସହ ବିଭିନ୍ନ ଦସ୍ତାବିଜ ଯାଞ୍ଚକରି ଏହି ଘୋଷଣା କରିଛନ୍ତି। ଏ ନେଇ କେନ୍ଦୁଝର ଉପଜିଲାପାଳ ତଥା ଦେବୋତ୍ତର


India Book of Records

CERTIFICATE

TALLEST CHARIOT

The record for making the tallest chariot of Lord Jagannath was achieved by Sub-Collector & Executive Office, Endowment Department (Debottar), Keonjhar, Odisha, at Lord Baladevjew Bije Temple, Keonjhargarh, Keonjhar on February 10, 2019.

Date: February 16, 2019

ମିଳିଥିବା ଇଣ୍ଡିଆ ବୁକ ଅଫ୍ ରେକର୍ଡ ପ୍ରମାଣପତ୍ର।

ନିର୍ବାହୀ ଅଧିକାରୀ ସୋମନାଥ ପ୍ରଧାନଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଛି।

ପୂର୍ବରୁ ୫ଟି ସଂସ୍ଥା ପକ୍ଷରୁ ମଧ ସର୍ବୋଚ୍ଚ ରଥ ବୋଲି ପ୍ରମାଣପତ୍ର ମିଳିଥିଲା। ଏବେ ଏହି ସଂସ୍ଥା ପକ୍ଷରୁ ମିଳିବା ପରେ ଏହା ଗ୍ରୀନିଜ ବୁକ ଅଫ ୱାର୍ଲଡ ରେକର୍ଡ ଓ ଅନ୍ୟ ଗ୍ଲୋବାଲ ରେକର୍ଡ ପାଇଁ ଆବେଦନ କରାଯାଇପାରିବ ବୋଲି କୁହାଯାଉଛି। ଏହି ରଥ ରାଜାରାଜୁଡା ଅମଳରୁ ପ୍ରସ୍ତୁତ ହୋଇ ଆସୁଛି। ଏହି ରଥର ଉଚ୍ଚତା ଆଗରୁ ଅଧିକ ଥିଲା। କାଠର ଅଭାବ ଯୋଗୁଁ ଏହା କମିବାକୁ ଲାଗିଥିବା କୁହାଯାଉଛି।

### ଆଜିର ସମ୍ପାଦକୀୟ

ମଧ୍ୟସ୍ଥର ନାହିଁ ପ୍ରୟୋଜନ


SUDHAKAR PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NATIONAL EGG CO-ORDINATION COMMITTEE | 10.02.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 81 | 133 | 143 |
| BLS | 82 | 135 | 145 |
| ANG | 80 | 132 | 142 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers









For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits are applicable only on select variants of 2018 manufacturing. ***Contact your nearest dealer for loan amount and tenure details. All finance offers through the dealer, and at the sole discretion of the financier. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). The above mentioned offers are valid till 28th February, 2019. ^Benefits of ₹45,000 include insurance at ₹1, Exchange bonus of ₹20,000 and Cash benefit of ₹10,000 for MT variants only. Exchange at the sole discretion of Renault Selection only. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ



# ମଧ୍ୟସ୍ଥର ନାହିଁ ପ୍ରୟୋଜନ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଦେଶର ପ୍ରମୁଖ କ୍ଷମତାକେନ୍ଦ୍ର ଭାବେ ଜଣାଶୁଣା। ରାଷ୍ଟ୍ର ହିତରେ ନ ଲାଗି ଏହା ଯେତେବେଳେ ଅହଂକାର ଓ ଆର୍ଥିକ କାରବାର ସହିତ ପ୍ରବଳ ମାତ୍ରାରେ ଜଡ଼ିତ ହୋଇଯାଏ, ସେତେବେଳେ ଦୁର୍ନୀତିର ଗନ୍ତାଘର ପାଲଟିବାର ଆଶଙ୍କା ଥାଏ। ନିକଟ ଅତୀତରେ ପିଏମ୍‌ଓର ଶୀର୍ଷ ଅଧିକାରୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରସାତଳକୁ ଯିବା ସହ ଏହାର ମର୍ଯ୍ୟାଦାହାନି ହୋଇଛି। କିଛି ମାସ ତଳେ ସିବିଆଇ ମୁଖ୍ୟ ଭାବେ ଆଲୋକ ବର୍ମା ଓ ଦ୍ୱିତୀୟ ଶୀର୍ଷ ଅଧିକାରୀ ରାକେଶ ଆସ୍ଥାନାଙ୍କ ମଧ୍ୟରେ କଳିକୁ ପିଏମ୍‌ଓ ବଢ଼ାଇଥିଲା। କେବଳ ସେତିକି ନୁହେଁ, ପିଏମ୍‌ଓରେ ଥିବା ସର୍ବୋଚ୍ଚ ଅଧିକାରୀଙ୍କ ମଧ୍ୟରେ ଅହଂକାର ଲଢ଼େଇର ଖେଳଣା ସାଜିଥିଲେ ଏହି ଦୁଇ ଅଧିକାରୀ। ସେହିପରି କୋଲକାତାରେ ଯେଉଁ ସିବିଆଇ ନାଟକ ମଞ୍ଚସ୍ଥ ହୋଇ ସୁପ୍ରିମକୋର୍ଟ ଯାଏ କଥା ଗଲା, ତା' ପଛରେ ପିଏମ୍‌ଓ ଥିବା ଆଲୋଚନା ହେଉଛି। ଦେଶର ସ୍ୱତନ୍ତ୍ର ତଥା ସ୍ୱାଧୀନ ସଂସ୍ଥାଗୁଡ଼ିକରେ ପିଏମ୍‌ଓରୁ ସିଧାସଳଖ ନିର୍ଦ୍ଦେଶ ଦିଆଯାଉଥିବା ନେଇ ଅନେକ ସମୟରେ ଅଭିଯୋଗ ଆସୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ନ୍ୟାଶନାଲ ସାମ୍ପଲ ସର୍ଭେ ଅଫିସ (ଏନ୍‌ଏସ୍‌ଏସ୍‌ଓ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ରାଜନୈତିକ ଉଦ୍ଦେଶ୍ୟ ରଖି ବ୍ୟବହାର କରାଯାଉଥିବାର ପ୍ରମାଣ ମିଳିସାରିଲାଣି। ପିଏମ୍‌ଓର ହସ୍ତକ୍ଷେପ ଯୋଗୁ ଜଣକ ପରେ ଜଣେ ଆର୍‌ବିଆଇ ଗଭର୍ନର ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏସବୁକୁ ଏବେ ଟପି ଯାଇଛି ରାଫାଲ ଯୁଦ୍ଧ ବିମାନ କିଣାରେ ପିଏମ୍‌ଓର ହସ୍ତକ୍ଷେପ। ଏହାକୁ ନେଇ ଦେଶ ରାଜନୀତି ସରଗରମ ହୋଇଛି।

ପୂର୍ବରୁ ଏହିଭଳି ଅସ୍ତ୍ରଶସ୍ତ୍ର କିଣାରେ ମଧ୍ୟସ୍ଥଙ୍କ ଦ୍ୱାରା ଦୁର୍ନୀତି ହେଉଥିଲା ବୋଲି ଦୋଷାରୋପ କରାଯାଉଥିଲା। ହେଲେ ଫ୍ରାନ୍ସର ଦାସଲ୍ଟ ଆଭିଏଶନ୍ କମ୍ପାନୀ ସହିତ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ରାଫାଲ ଲଢ଼ୁଆ ବିମାନ କିଣିବା ସମ୍ପର୍କରେ ଆଲୋଚନା କରୁଥିବା ବେଳେ ପିଏମ୍‌ଓ ମୂଳଚାଲ ଓ 'ସମାନ୍ତରାଳ ଆଲୋଚନା' କରୁଥିଲା ବୋଲି ଏବେ ଜଣାପଡ଼ିଛି। ଏହାର ଅର୍ଥ ହେଲା ଖୋଦ୍ ପିଏମ୍‌ଓ ହୋଇଯାଇଛି ମଧ୍ୟସ୍ଥ ବା ତୃତୀୟ ପକ୍ଷ। ଏହି କଥା ଜାଣିପାରି ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏଥିସହ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରି ପିଏମ୍‌ଓର ସମ୍ପୃକ୍ତ ଅଧିକାରୀଙ୍କୁ ସମାନ୍ତରାଳ ଆଲୋଚନାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ଲାଗି ମନ୍ତ୍ରଣାଳୟର ସଚିବଙ୍କ ପକ୍ଷରୁ ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଥିଲା। ପ୍ରତିରକ୍ଷା ସଚିବଙ୍କ ଦ୍ୱାରା ଫାଇଲ୍‌ରେ ଲେଖାଯାଇଥିବା ନୋଟ୍ ପଦାରେ ପଡ଼ିବା ପରେ ଏବେ ଏହାକୁ ଅନେକ ପ୍ରକାରରେ ଖଣ୍ଡନ କରାଯାଉଛି। କୁହାଯାଉଛି ଯେ, ସେହି ଫାଇଲରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ସଚିବଙ୍କ କଥାକୁ ଖଣ୍ଡନ କରିଥିଲେ। ତେବେ ଏହି ଦୁଇଟି ମନ୍ତବ୍ୟର ତାରିଖ ଦେଖିଲେ ଏକ ମାସରୁ ଊର୍ଦ୍ଧ୍ୱ ସମୟର ବ୍ୟବଧାନ ବାରି ହୋଇପଡୁଛି। ସେଥିରୁ ସହଜରେ ବୁଝାପଡ଼ିବ ଯେ, ଏତେ ଦୀର୍ଘ ସମୟ ମଧ୍ୟରେ ସବୁ ପ୍ରମାଣକୁ ନଷ୍ଟ କରି ଦିଆଯାଇଥିଲା।

ଦେଶର ସବୁଠାରୁ ସମ୍ବେଦନଶୀଳ କ୍ଷେତ୍ର ହେଉଛି ପ୍ରତିରକ୍ଷା। ହେଲେ ଦେଖାଯାଇଛି ସ୍ୱାଧୀନତା ପରେ ଯେତେ ସରକାର ଆସିଛନ୍ତି, ପ୍ରତିରକ୍ଷା ଦୁର୍ନୀତିରେ ସମ୍ପୃକ୍ତ ଥିବା ବାରମ୍ବାର ଅଭିଯୋଗ ହୋଇଆସିଛି। ବୋଫର୍ସ ତୋପ କିଣାଠାରୁ ଆରମ୍ଭ କରି ଅଗୁସ୍ତା ଓ୍ୱେଷ୍ଟଲାଣ୍ଡ ଓ ଏବର ରାଫାଲ ପର୍ଯ୍ୟନ୍ତ ଦୁର୍ନୀତିର ତାଲିକା ହିସାବ କଲେ ଏହା ଲମ୍ବିଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ଉପା ସରକାର ସମୟରେ ହୋଇଥିବା ଦୁର୍ନୀତିକୁ ଦୋହରାଇ ଚାଲିଥିଲେ। ଜନସାଧାରଣ ଉପାର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ତାଙ୍କୁ କ୍ଷମତାସୀନ କରିଥିଲେ ମଧ୍ୟ ଏହି ସରକାର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିବାରେ ଅସମର୍ଥ ହୋଇଥିବା ଘଟଣା ଏବେ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଫାଲ ସଂକ୍ରାନ୍ତରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲଙ୍କ ଅଭିଯୋଗକୁ ବର୍ତ୍ତମାନର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଖଣ୍ଡନ କରିଥିଲେ ମଧ୍ୟ ସରକାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବାକୁ ଅମଙ୍ଗ ହେଉଥିବାରୁ ମୋଦି ସରକାରଙ୍କ ଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଯଦି ସରକାର ସଚ୍ଚୋଟ, ତେବେ ଜେପିସି ବସାଇବାର କୌଣସି ବାଧା ରହିବା କଥା ନୁହେଁ। ଏତଦ୍‌ବ୍ୟତୀତ ସରକାରଙ୍କ ଦ୍ୱାରା ପରିଚାଳିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର କାର୍ଯ୍ୟଦକ୍ଷତା ବୃଦ୍ଧି କରାଇବାକୁ ଯାଇ ରାଫାଲ ଚୁକ୍ତିରେ ତାହାର ସମ୍ପୃକ୍ତିକୁ ସୁରକ୍ଷିତ ରଖାଯାଇପାରିଥାଆନ୍ତା। ସେହି କାର୍ଯ୍ୟ କରାଯାଇ ନାହିଁ। ଅନ୍ୟପଟେ ଅନିଲ ଅମ୍ବାନୀଙ୍କ ଦ୍ୱାରା ନୂତନ ଭାବେ ଗଢ଼ି ଉଠିଥିବା ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ (ଆର୍‌ଡିଏଲ୍)କୁ ଦାସଲ୍ଟ ସହଯୋଗୀ କମ୍ପାନୀ ଭାବେ ଚୁକ୍ତିରେ ଅନ୍ତର୍ଭୁକ୍ତ କରାଗଲା। ଏହା ମଧ୍ୟ ଏବେ ଅବିଶ୍ୱାସର କାରଣ ପାଲଟିଛି। ସେଥିପାଇଁ କୁହାଯାଉଛି ଯେ, ମଧ୍ୟସ୍ଥଙ୍କୁ ଦୂରେଇ ଦେଇ ପିଏମ୍‌ଓ ନିଜେ ସେହି କାର୍ଯ୍ୟ କରୁଛି।

ସମାଧାନ ଭାବରେ କୁହାଯାଇପାରନ୍ତା ଯେ, ଭବିଷ୍ୟତରେ ଯେତେବେଳେ ବି ଏହିଭଳି ଉଚ୍ଚମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତ ଚୁକ୍ତି କରାଯିବ, ସେଥିରେ ସ୍ୱଚ୍ଛତା ସହିତ ଗୋପନୀୟତାର ଏକ ସନ୍ତୁଳନ ସୃଷ୍ଟି କରିବା ସର୍ବନିମ୍ନ ଆବଶ୍ୟକତା ହେବା କଥା।

# ଦୁର୍ନୀତିର ସ୍ୱରୂପ

ପ୍ରେମାନନ୍ଦ ନାୟକ

ତୃଣମୂଳ ସ୍ତରରେ ଲୋକମାନେ ଶାସନ ତଥା ବିକାଶରେ ପ୍ରତ୍ୟକ୍ଷ ଭାବେ ଭାଗୀଦାର ହୋଇପାରିଲେ ଦେଶର ପ୍ରକୃତ ଉନ୍ନତି ସାଧିତ ହେବ ବୋଲି ଚିନ୍ତାକରି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଛି। ଏହା ଜରିଆରେ ଗ୍ରାମାଞ୍ଚଳର ବିକାଶ, ଦାରିଦ୍ର୍ୟ ଦୂରୀକରଣ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଯୋଜନାର ରୂପାୟନ ବେଳେ ବିନିଯୋଗ ଅର୍ଥରୁ ବିପୁଳ ପରିମାଣ ବାଟମାରଣା ହେବା ସହିତ ସାଧାରଣ ଜନତାଙ୍କୁ ଶୋଷଣ କରି କେତେଜଣ ଲାଭବାନ ହେଉଛନ୍ତି। ଫଳରେ ସରକାରଙ୍କ ଜନହିତକର ଯୋଜନାର ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ। ନିମ୍ନରେ ଖବରକାଗଜରୁ ପଢ଼ିଥିବା କେତେକ ସତ୍ୟ ଘଟଣା ଉଲ୍ଲେଖ କରୁଛୁ।

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅଙ୍କରିଆପଦର ଗ୍ରାମର ଉଲ୍ଲେଶ ଦୀପଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ଆଗରେ ଥିବାବେଳେ କାର୍ଯ୍ୟାଦେଶ ପତ୍ର ପାଇଁ ସରପଞ୍ଚ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଲେ। ଗରିବ ଉଲ୍ଲେଶ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ଉକ୍ତ ତାଲିକାରେ 'ମୃତ' ଦର୍ଶାଯାଇ ତାଲିକାରେ ବହୁ ତଳେ ଥିବା କିଛି ବଡ଼ବଡ଼ିଆ ହିତାଧିକାରୀଙ୍କୁ ଘର ଦିଆଗଲା। ଉଲ୍ଲେଶ ଜିଲାପାଳଙ୍କ ପାଖରେ ଅଭିଯୋଗ କଲାପରେ ଘଟଣାର ତଦନ୍ତ କରାଯାଇ ଅଙ୍କରିଆପଦର ପଞ୍ଚାୟତର ନିର୍ବାହୀ ଅଧିକାରୀ ଦେବରାଜ ମାଝିଙ୍କୁ ନିଲମ୍ବନ କରାଗଲା। ସେହିଭଳି ବେଗୁନିଆ ଅଞ୍ଚଳର ଜଗନ୍ନାଥ ମହାରଣା 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଓ ପାଇଖାନା ନିର୍ମାଣ ବାବଦରେ ମଞ୍ଜୁର ହୋଇଥିବା ମୋଟ ୧ଲକ୍ଷ ୨୦ ହଜାର ଟଙ୍କା ମଧ୍ୟରୁ ୯୦ହଜାର ଟଙ୍କା ପାଇଥିଲେ। ଅବଶିଷ୍ଟ ୩୦ ହଜାର ଟଙ୍କା ପାଇଁ ବେଗୁନିଆ ବ୍ଲକ ଗ୍ରାମ ରୋଜଗାର ସେବକ ତାଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ। ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ୪ ନମ୍ବର ଓ୍ୱାର୍ଡ଼ର ରାଜୁ ଭୋଇ 'ଇନ୍ଦିରା ଆବାସ' ପାଇଁ କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ବାବଦରେ ୨୦ ହଜାର ଟଙ୍କା ପାଇଥିଲେ। ଦ୍ୱିତୀୟ କିସ୍ତି ପ୍ରଦାନ ପାଇଁ କାର୍ଯ୍ୟନିର୍ବାହୀ ଜଣକ ରାଜୁଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କଲେ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଉପରଦୁମୁକା ଗ୍ରାମର ହିତାଧିକାରୀ ମାଳତୀ ନାୟକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିବା ପରେ ମାଳତୀଙ୍କ ଦିଅରଙ୍କଠାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଲ୍ କରାଇଦେବା ପାଇଁ ୫ ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କଲା।

ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଇନ୍ଦିରା ଆବାସ', 'ବିଜୁ ପକ୍କାଘର', 'ମୋ କୁଡ଼ିଆ', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ରେ ଗରିବ ଲୋକମାନେ ଘରଖଣ୍ଡେ ପାଇବା ପାଇଁ ପଞ୍ଚାୟତ ସ୍ତରରେ କିଭଳି ଶୋଷଣର ଶିକାର ହେଉଛନ୍ତି, ଉପରୋକ୍ତ ଘଟଣାଗୁଡ଼ିକ ତାହାର ଗୋଟିଏ ଗୋଟିଏ ନମୁନା ମାତ୍ର। ଏହିଭଳି ଘଟଣା ପ୍ରାୟ ସମସ୍ତ ପଞ୍ଚାୟତରେ ଘଟୁଛି। ସରକାରଙ୍କର ଅନ୍ୟ ଯୋଜନାଗୁଡ଼ିକ ମଧ୍ୟ ଦୁର୍ନୀତିମୁକ୍ତ ନୁହନ୍ତି। ବିଦ୍ୟାଳୟଗୁଡ଼ିକରେ ମିଥ୍ୟା ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନଭୋଜନ ସାମଗ୍ରୀ ହେରଫେର କରାଯାଉଛି ତ ଯୋଗାଣ ଏବଂ ନିର୍ମାଣ କାର୍ଯ୍ୟରେ ପର୍ସେଣ୍ଟେଜ୍ ଦେଇ ବିପୁଳ ଅର୍ଥ ହଡ଼ପ ହେଉଛି।

ଏବେ ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ର ପ୍ରସଙ୍ଗକୁ ଆସିବା। ବିହାରର ଅରାରିଆ ଜିଲାର ୨୦୮୦ ପ୍ରାଥମିକ ବିଦ୍ୟାଳୟରେ ମୋଟ ସାଢେ ୫ଲକ୍ଷ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଦର୍ଶାଯାଉଥିଲେ ସୁଦ୍ଧା ବାସ୍ତବରେ ସେତିକି ସଂଖ୍ୟାରେ ପିଲା ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଥିଲା। ୨୫୧ଜଣ ପ୍ରଧାନଶିକ୍ଷକଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କଠାରୁ ଜରିମାନା ଆକାରରେ ମୋଟ ୬୧ଲକ୍ଷ ୬୮ ହଜାର ଟଙ୍କା ଆଦାୟ କରିଛନ୍ତି। ବିଗତ ଦୁଇବର୍ଷରେ ଗଙ୍ଗାନଦୀ ସଫେଇ କାର୍ଯ୍ୟକ୍ରମରେ ସରକାର ପ୍ରାୟ ୭ହଜାର କୋଟି ଟଙ୍କା ଖର୍ଚ୍ଚ କରିସାରିଥିଲେ ମଧ୍ୟ ଆଶାନୁରୂପ ଫଳ ମିଳିପାରିନାହିଁ। ସୂଚନାଯୋଗ୍ୟ, ବିଗତ ୨୮ବର୍ଷ ମଧ୍ୟରେ କେନ୍ଦ୍ର ସରକାର ପ୍ରାୟ ୨୦ ହଜାର କୋଟି ଟଙ୍କା ଗଙ୍ଗାନଦୀ ସଫେଇ କାର୍ଯ୍ୟରେ ବ୍ୟୟ କରିଛନ୍ତି। କିନ୍ତୁ ଫଳ ଯଥା ପୂର୍ବଂ ତଥା ପରମ୍। ତିନିକୋଟି ଟଙ୍କା ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ବମ୍ବେରେ କାର୍ଯ୍ୟରତ ଆୟକର ବିଭାଗ ଡେପୁଟି କମିଶନର ଜୟପାଲ ସ୍ୱାମୀଙ୍କ ସମେତ ତିନିଜଣଙ୍କୁ ସିବିଆଇ ଅଧିକାରୀମାନେ ତା୨୨।୯।୨୦୧୭ରେ ଗିରଫ କଲେ। ୨୦୦୫ରେ ୧୧ଜଣ ସାଂସଦ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସଂସଦରୁ ବହିଷ୍କୃତ ହୋଇଥିଲେ। ଏହି ଅଭିଯୁକ୍ତମାନଙ୍କ ଭିତରେ ଭାଜପା, କଂଗ୍ରେସ, ବିଏସ୍‌ପି ଏବଂ ଆର୍‌ଜେଡିର ସାଂସଦ ଅଛନ୍ତି। କଟକର ଏସ୍‌ସିବି ମେଡ଼ିକାଲ କଲେଜ ହାସ୍‌ପାତାଳରେ ହେପାଟୋଲୋଜି ବିଭାଗର ଦୁଇଜଣ ଡାକ୍ତର ଏକ ନିର୍ଦ୍ଦିଷ୍ଟ ଔଷଧ କମ୍ପାନୀ ସହିତ ସଲାସୁତୁରାରେ ସରକାରଙ୍କ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍‌ଟିଏଫ୍)ରୁ ବିପୁଳ ଅର୍ଥ ରୋଜଗାର କରିବା କାରଣ ଯୋଗୁ ଗତ ଡିସେମ୍ବରରେ ଗିରଫ ହେଲେ। ଚଢାଉ ବେଳେ ଜଣେ ଡାକ୍ତର ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି, ଯାହାକି ତାଙ୍କ ଆୟର ୨୯୪ ପ୍ରତିଶତ। ସେହିପରି ବାଙ୍ଗାଲୋରରେ ଆୟକର ବିଭାଗ ଚଢାଉ ବେଳେ ଧରାପଡ଼ିଛି ଡାକ୍ତର ଓ ନିଦାନ କେନ୍ଦ୍ର ମଧ୍ୟରେ ଅନୈତିକ ସମ୍ପର୍କ। ରୋଗୀକୁ ଅନାବଶ୍ୟକ ପରୀକ୍ଷା ଲାଗି ପାଥୋଲାବ୍‌କୁ ପଠାଇ ସେଠାରୁ ବିପୁଳ ପରିମାଣର କମିଶନ ନେଉଛନ୍ତି। ଆୟକର ବିଭାଗ ଅଧିକାରୀମାନେ ୨ଟି ଆଇଭିଏଫ୍ ସେଣ୍ଟର ଓ ୫ଟି ଡାକ୍ତରୀ ପରୀକ୍ଷା କେନ୍ଦ୍ର ଉପରେ ଚଢାଉବେଳେ ୧୦୦ କୋଟି ଟଙ୍କା ମୂଲ୍ୟର ଗହଣା ଓ ନଗଦ ୧ କୋଟି ୪୦ଲକ୍ଷ ଟଙ୍କା ଜବତ କରିଛନ୍ତି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ହୋଇଥିବା ଏକ ସର୍ଭେରେ ଭାରତକୁ ଏସିଆରେ ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବେ ବିବେଚନା କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତର ଅର୍ଦ୍ଧାଧିକ ଭାରତୀୟ ସରକାରୀ ସେବା ଓ ସୁବିଧା ପାଇବା ଲାଗି ଲାଞ୍ଚ ପ୍ରଦାନ କରିଥାନ୍ତି। ତଥ୍ୟ ଅନୁଯାୟୀ ଭାରତରେ ଲାଞ୍ଚ ଗ୍ରହଣ କରିବାର ହାର ୬୯ ପ୍ରତିଶତ। ପୋଲିସ ବିଭାଗରେ ୮୫, ସରକାରୀ କର୍ମଚାରୀ ୮୪, ବ୍ୟବସାୟିକ ଅଧିକାରୀ ୭୯, ସ୍ଥାନୀୟ କାଉନସିଲର ୭୮ ଏବଂ ସାଂସଦ ୭୬ ପ୍ରତିଶତ ବୋଲି ଉଲ୍ଲେଖ କରାଯାଇଛି।

ଭାଜପା ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି ବୋଲି କହୁଥିଲେ ମଧ୍ୟ ଲୋକପାଳ ଓ ଲୋକାୟୁକ୍ତ ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଉଦାସୀନତା ଦୁର୍ନୀତିକୁ ପ୍ରୋତ୍ସାହନ ସଦୃଶ। ମଧ୍ୟପ୍ରଦେଶର ଭାଜପା ସରକାରଙ୍କ ଅମଳରେ ହୋଇଥିବା ୧୨୦୦ କୋଟି ଟଙ୍କାର ଭ୍ୟାପମ୍ ଦୁର୍ନୀତି ବିଷୟ ସର୍ବଜନବିଦିତ। ଏହି ମାମଲାରେ ୪୪ଜଣ ସାକ୍ଷୀଙ୍କୁ ହତ୍ୟା କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଏ ଦେଶର ଚୌକିଦାର କହି ନିଜେ ଖାଇବେ ନାହିଁ କି କାହାରିକୁ ଖାଇବାକୁ ଦେବେନାହିଁ ବୋଲି କହୁଛନ୍ତି। କିନ୍ତୁ 'ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା' ନ୍ୟାୟରେ ଦେଶରେ ଭ୍ରଷ୍ଟାଚାର ତା'ର କାୟା ବିସ୍ତାର କରିଚାଲିଛି। ଉପରୋକ୍ତ ଧରଣର ଘଟଣାଗୁଡ଼ିକ ଛଡ଼ା ସରକାରଙ୍କ ବିଭିନ୍ନ ଟିକସ, ଶୁଳ୍କ ଇତ୍ୟାଦି ରାଜସ୍ୱ ଆଦାୟକାରୀ ସଂସ୍ଥାଗୁଡ଼ିକର ବିଭାଗୀୟ ଅଧିକାରୀମାନେ ଟିକସ/ଶୁଳ୍କ ଫାଙ୍କି ମାମଲାର ବିଚାରବେଳେ ମୋଟାଅଙ୍କର ଲାଞ୍ଚ ନେଇ ବୃହତ୍ ପରିମାଣର ଅର୍ଥ ଛାଡ଼ିଦେଉଛନ୍ତି। ସରକାର ସେ ବାବଦରେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ନୀତିଶ୍ଳୋକ କହେ, 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍'। କ୍ଷୁଧାତୁର ଲୋକ କି ପାପ କରି ନ ପାରେ? ତେବେ ପ୍ରଶ୍ନ ହେଉଛି, ଉପରୋକ୍ତ ଦୁର୍ନୀତି ଅଭିଯୁକ୍ତମାନେ କେତେ ପରିମାଣରେ କ୍ଷୁଧାର୍ତ୍ତ ବା ଅଭାବଗ୍ରସ୍ତ ଯେ ସେମାନେ ଅନୈତିକ ଉପାୟରେ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି?

କୌତୂହଳର ବିଷୟ, ଏବେ ଭିଜିଲାନ୍ସ ଚଢାଉରୁ ବର୍ତ୍ତିବା ପାଇଁ ଦୁର୍ନୀତିଖୋର କର୍ମଚାରୀମାନେ ନୂଆ ଉପାୟ ଅବଲମ୍ବନ କଲେଣି। ନିଜେ ଲୋକଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ ନ କରି ଦଲାଲଙ୍କ ମାଧ୍ୟମରେ ତାହା ନେଉଛନ୍ତି, ଯାହାଦ୍ୱାରା ଭିଜିଲାନ୍ସ ଦ୍ୱାରା ଧରାପଡ଼ିବାର ଭୟ ରହିବ ନାହିଁ ଏବଂ ନିଜର ସ୍ୱଚ୍ଛତା ଅକ୍ଷୁଣ୍ଣ ରହିବ। ଫଳରେ ଦଲାଲମାନେ ଦୁଇପଟୁ ପାଉଣା ପାଇ ମାଲାମାଲ ହେଉଛନ୍ତି। କିନ୍ତୁ ଜନସାଧାରଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି।

ଶହୀଦନଗର, ଭୁବନେଶ୍ୱର, ମୋ-୯୪୩୭୩୮୨୧୦୦

# ଆମ ହାତରେ ଆମ ପରିବେଶ

ପ୍ରଜ୍ଞାପାରମିତା ପତ୍ରି

କଥାରେ ଅଛି- 'ଘର ପାଖେ ଥିଲେ ଗୋବର ଖାତ, ରୋଗ ହେଉଥିବ ଅନବରତ।' ଗାଁ ଗହଳିର ଲୋକମାନେ ଏଥିପ୍ରତି ଖୁବ୍ ଚେତିଲେଣି ଓ ନିଜ ଗୋବର ଗାଡ଼ିଆକୁ ଘରଠାରୁ ଦୂରରେ ରଖିଲେଣି। ମାତ୍ର ସହରରେ ବସବାସ କରୁଥିବା ବଡ଼ବଡ଼ିଆ ବାବୁମାନେ ଚେଇଁ ଶୋଇଛନ୍ତି। ସିଲ୍‌ଭର ସିଟି ଓ ସ୍ମାର୍ଟ ସିଟିର ସ୍ମାର୍ଟ ବାବୁ ଓ ବାବୁଆଣୀମାନେ ସ୍ମାର୍ଟ ଗୋବର ଗାଡ଼ିଆ ତିଆରି କରିଚାଲିଛନ୍ତି। ଦୈନିକ ବାହାରୁଥିବା ଅଳିଆ ଆବର୍ଜନାକୁ ବିଏମ୍‌ସିରେ ନ ଦେଇ ଏଣେତେଣେ ନାଳନର୍ଦ୍ଦମାରେ ଫୋପାଡିବାରେ ଲାଗିଛନ୍ତି, ଯାହାଦ୍ୱାରା ବଢୁଛି ଡେଙ୍ଗୁ, ବ୍ୟାପୁଛି ମ୍ୟାଲେରିଆ। ଘର ଆଖପାଖରେ ସବୁବେଳେ ପାଣି ଜମି ରହିଲେ ନାନା ପ୍ରକାର ରୋଗ ଜୀବାଣୁ ବ୍ୟାପିଥାଆନ୍ତି। ସାରା ଦେଶରେ ପ୍ରତ୍ୟେକ ଦିନ ୧,୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଥିବାବେଳେ ବର୍ଷକରେ ୩୬,୫୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଛି। ଯଦି ଗୋଟିଏ ବର୍ଷରେ ଏତିକି, ତେବେ ୧୦ ବର୍ଷରେ ଏହାର ମାତ୍ରା କେତେ ଅଧିକ ହେବ, ତାହା ଆକଳନ କଲେ ମନରେ ଡର ବସା ବାନ୍ଧୁଛି। ସତରେ କ'ଣ ଦିନେ ଆମେ କେବଳ ଆବର୍ଜନାର ସହରରେ ରହିବା! ଆମ ଚାରିପାଖରେ ଖାଲି ଅଳିଆ ଓ ଆବର୍ଜନା ଶୋଭାବର୍ଦ୍ଧନ କରୁଥିବେ! ଏମିତି କେତେକ'ଣ ଚିନ୍ତା ବର୍ତ୍ତମାନର ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ସଭ୍ୟ ସମାଜକୁ ଶଙ୍କାଗ୍ରସ୍ତ କରୁଛି। ସରକାର ସ୍ୱଚ୍ଛ ଭାରତ ଅଭିଯାନରେ ଶହ ଶହ, କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଏହାର ଫଳାଫଳ ସେଭଳି କିଛି ଆଖିଦୃଶିଆ ହେଉନି। ଏବେ ପ୍ରଶ୍ନ ଉଠୁଛି ଏଥିପାଇଁ ଦାୟୀ କିଏ? ସରକାର ନା ପୌରପାଳିକା ନା ଖୋଦ୍ ଜନସାଧାରଣ? ସମସ୍ତେ ସମସ୍ତଙ୍କ ଉପରେ କାଦୁଅ ଫୋପଡ଼ା ଫୋପଡ଼ିରେ ବ୍ୟସ୍ତ। ପରିବେଶକୁ ନିର୍ମଳ ରଖିବା ସରକାର ଓ ମ୍ୟୁନିସିପାଲିଟିର ଯେତିକି ଗୁରୁଦାୟିତ୍ୱ ଜନସାଧାରଣଙ୍କ ତାଠୁ ଅଧିକ ଦାୟିତ୍ୱ ରହିଛି। ଛୋଟବେଳୁ ପଢ଼ିଆସିଛୁ ଯେ, ସମସ୍ତେ ନିଜ ନିଜ ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଗାଁ ପରିଷ୍କାର ରହିବ, ଗାଁ ପରିଷ୍କାର ରହିଲେ ସହର ଓ ତା'ପରେ ପୂରା ଦେଶ। ଯଦି ଏବେଠୁ ସଚେତନ ନ ହେବା ତେବେ ଆଗାମୀ କୋଡ଼ିଏ ବର୍ଷ ମଧ୍ୟରେ ସାରା ରାଷ୍ଟ୍ର ଆବର୍ଜନାର ରାଜଧାନୀ ପାଲଟିଥିବ।

ଆମ ରାଜ୍ୟର କଟକ ଓ ଭୁବନେଶ୍ୱର ପରି ବଡ଼ ବଡ଼ ସହରରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ସହରରେ ରହିଥିବା ଆବର୍ଜନା ବର୍ଷାପାଣି ସହ ମିଶି ଚାରିଆଡ଼େ ପ୍ରବେଶ କରୁଛି ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଘଣ୍ଟା ଘଣ୍ଟା ରାସ୍ତା ଉପରେ ପାଣି ଜମି ରହୁଥିବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ଆଉ କିଛି ସ୍ଥାନରେ ବଡ଼ ବଡ଼ ଡ୍ରେନ୍ ଅବହେଳିତ ଅବସ୍ଥାରେ ଖୋଲା ପଡିଥିବାରୁ ଅନେକଙ୍କ ପାଇଁ ମୃତ୍ୟୁର ଯନ୍ତା ସାଜୁଛି। ଗତ ବର୍ଷାଋତୁରେ ବିଏମ୍‌ସିର ଅବହେଳା ଓ ମନମୁଖି କାର୍ଯ୍ୟ ଯୋଗୁ ଭୁବନେଶ୍ୱର ୟୁନିଟ୍-୬ରେ ଡ୍ରେନ୍ ପାଣିରେ ଭାସିଯାଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କିଛି ବର୍ଷ ପୂର୍ବେ ନୟାପଲ୍ଲୀ ମମତାଜ ହାଇସ୍କୁଲ ନିକଟରେ ୯ ବର୍ଷର ଜଣେ ଛାତ୍ର ଟ୍ୟୁଶନରୁ ଫେରୁଥିବା ସମୟରେ ଡ୍ରେନ୍ ପାଣିରେ ଭାସିଯାଇ ମୃତ୍ୟୁର ଶିକାର ହୋଇଥିଲା। ଆଉ କେତେ ଜୀବନ ଗଲେ ସରକାରଙ୍କ ଚେତା ଫେରିବ ତାହା ସାଧାରଣରେ ଚର୍ଚ୍ଚା ହେଉଛି।

ସ୍ୱାସ୍ଥ୍ୟକର ପରିବେଶ ଗଠନ ପାଇଁ ଆମେ ନିଜେ ସଚେତନ ହେଲେ ଏ ଜଟିଳ ସମସ୍ୟାର ସମାଧାନ ହୋଇପାରନ୍ତା। 'ସଫା ପରିବେଶ ରହିବା ପାଇଁ, ଗୋବର ଖାତକୁ ଦେବା ଦୂରେଇ' -ଏହି କଥାକୁ ମର୍ମେ ମର୍ମେ ଅନୁଭବ କରିବା ଉଚିତ। ସମାଜକୁ ଆବର୍ଜନାମୁକ୍ତ କରିବା ପାଇଁ ପ୍ରଥମେ ସରକାରୀ ଭାବେ ନିଷେଧ କରାଯାଇଥିବା ପ୍ଲାଷ୍ଟିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ତ୍ୟାଗ କରିବା। ପ୍ରତିଦିନ ନଷ୍ଟ ହେଉଥିବା ଖାଦ୍ୟର ପରିମାଣକୁ କମାଇବା ସହ ଜିନିଷ କିଣାବିକା ସମୟରେ ପ୍ୟାକିଂର ମାତ୍ରା କମ୍ କରିବା ଆବଶ୍ୟକ। ବ୍ୟବହୃତ ଡ୍ରେସ୍ ନ ଫୋପାଡି ତାକୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଦେବା, ପୁନଃ ବ୍ୟବହାର ହୋଇପାରୁଥିବା ସାମଗ୍ରୀର ବ୍ୟବହାର ପାଇଁ ଅଭ୍ୟାସ ବୃଦ୍ଧି, ଘରର ଅଳିଆ ଆବର୍ଜନାକୁ ରାସ୍ତାକଡ଼ରେ ନ ଫିଙ୍ଗି ଗୋଟିଏ ଜାଗାରେ ଜମା ରଖି ବିଏମ୍‌ସି କର୍ମଚାରୀଙ୍କୁ ଦେବା ଏବଂ ସବୁଠାରୁ ବଡ଼ ଓ ଭଲ କାମ ଗଛ ଲଗାଇବା ଉପରେ ଯଦି ଆମେ ଗୁରୁତ୍ୱ ଦେବା, ତେବେ ଅନେକ କିଛି ଅସମ୍ଭବ କାର୍ଯ୍ୟକୁ ଅନାୟାସରେ ସମ୍ଭବ କରିପାରିବା। ଏ ସବୁ ହୋଇପାରିଲେ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଠନର ଗୁରୁଦାୟିତ୍ୱ ଗୋଟିଏ ଅନୁଷ୍ଠାନ କିମ୍ବା ସଂସ୍ଥା ଉପରେ ନ ଛାଡ଼ି ଆମେ ନିଜେ ନେଇପାରିବା। ଆସନ୍ତୁ ସମସ୍ତେ ମିଶି ଏହି ସ୍ୱଚ୍ଛତାର ସ୍ୱପ୍ନକୁ ସାକାର କରିବା।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ,
ମୋ-୮୩୩୮୬୯୬୯୭,
pragyanpatri777@gmail.com

## ଆମ ସମସ୍ୟା

### ସ୍ମାର୍ଟ ସିଟିରେ ବିପର୍ଯ୍ୟସ୍ତ ପରିମଳ

ମହାଶୟ,

ସ୍ମାର୍ଟ ସିଟିର ସ୍ୱଚ୍ଛତା ପାଇଁ ବିଡିଏ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଛି। ହେଲେ ସେପରି କିଛି ଆଖିଦୃଶିଆ କାମ ନଜରକୁ ଆସୁନାହିଁ। ବିଶେଷକରି ବିଡିଏ ଅଧୀନ ସତ୍ୟନଗର ଓ୍ୱାର୍ଡର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ। ଅନେକ ବସ୍ତିବାସିନ୍ଦା ଖୋଲାସ୍ଥାନ କିମ୍ବା ଡ୍ରେନରେ ମଳମୂତ୍ର ତ୍ୟାଗ କରୁଛନ୍ତି। ସ୍ଥାୟୀ ବାସିନ୍ଦାଙ୍କ ସ୍ୱରେଜ ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ନ ଥିବାରୁ ସେମାନେ ଡ୍ରେନ ମଧ୍ୟରେ ସବୁ ଛାଡୁଛନ୍ତି। ଡ୍ରେନ ମୁକ୍ତ ରହୁଥିବା ହେତୁ ଏହା ମଧ୍ୟରୁ ନିର୍ଗତ ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଛି। କେତେକ ବସ୍ତିବାସିନ୍ଦା ସରକାରୀ ଜାଗାରେ ଖୋଲା ପାଇଖାନା ନିର୍ମାଣ କରି ମଳମୂତ୍ର ତ୍ୟାଗ କରୁଛନ୍ତି। ଏତଦ୍ ବ୍ୟତୀତ ସ୍ଥାୟୀ ବାସିନ୍ଦା ଓ ବସ୍ତି ବାସିନ୍ଦାଙ୍କ ଘର ନିକଟରେ ଅନେକ ଅବ୍ୟବହୃତ ସ୍ଥାନ ଖାଲି ପଡିଛି। ଲୋକେ ସେମାନଙ୍କ ବ୍ୟବହୃତ ଜଳକୁ ଡ୍ରେନ ମଧ୍ୟକୁ ନ ଛାଡି, ସେହି ଖୋଲା ସ୍ଥାନକୁ ଛାଡୁଛନ୍ତି। ଖୋଲା ସ୍ଥାନରେ ଜମି ରହୁଥିବା ଜଳରେ ପତ୍ର, ଜରି, କାଠିକୁଟା ଇତ୍ୟାଦି ପଡି ପଚା ଗନ୍ଧ ସୃଷ୍ଟି କରୁଛି। ପୋକ, ଜୋକ, ମଶା, ମାଛି ସେମାନଙ୍କ ବଂଶ ବୃଦ୍ଧି ଘଟାଉଛନ୍ତି। ଦୁର୍ଗନ୍ଧ ବାୟୁ ସେବନ ସହ ମଶାମାଛିଙ୍କ ଦାଉରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଏପରି ବିପର୍ଯ୍ୟସ୍ତ ପରିମଳ ଅବସ୍ଥା ପ୍ରତି ବିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ପଡୁ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### କୁଷ୍ଠାଶ୍ରମ ହସ୍ପିଟାଲର ପୁନରୁଦ୍ଧାର ହେଉ

କଟକ ନୟାବଜାରସ୍ଥିତ କୁଷ୍ଠାଶ୍ରମ ହସ୍ପିଟାଲ ୧୯୧୯ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ରକ୍ଷଣାବେକ୍ଷଣ ନ ହେବାରୁ ଆଜବେଷ୍ଟସ ଏବଂ ବେଡ୍ ଭଗ୍ନ ଅବସ୍ଥାରେ ରହିଛି। ରୋଗୀ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ବେଡ୍ ବୃଦ୍ଧି କରାଯାଉନାହିଁ। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଦୈନନ୍ଦିନ ଖାଦ୍ୟ ଖର୍ଚ୍ଚ ପଚାଶ ଟଙ୍କା ରହିଛି। ବଜାର ଦର ତୁଳନାରେ ତାହା ଯଥେଷ୍ଟ ନୁହେଁ। ଉନ୍ନତମାନର ସେବା ଓ ଖାଦ୍ୟ ଯୋଗାଇ ଦିଆଯିବା ଉଚିତ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଆଜିର ଖାଦ୍ୟ ପରବର୍ତ୍ତୀ ଦିନକୁ ବାସି ହୋଇଯାଏ। ଏହାକୁ ତଟକା ରଖିବା ଲାଗି ଆଜିକାଲି ଫ୍ରିଜ୍ ବ୍ୟବହାର କରାଯାଉଛି। ଫ୍ରିଜ୍‌ରେ ରଖାଯାଉଥିବା ଖାଦ୍ୟଦ୍ରବ୍ୟ ବେଶିଦିନ ରହିଲେ ଏଥିରେ ଥିବା ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ। କିନ୍ତୁ ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈଶାଳୀ ବମ୍‌ବୋଲେ ଏ ସମ୍ପର୍କିତ ଏକ ଜ୍ଞାନକୌଶଳ ବିକାଶ କରିଛନ୍ତି। ଏହାଦ୍ୱାରା ଖାଦ୍ୟଦ୍ରବ୍ୟକୁ ୩ ବର୍ଷ ପର୍ଯ୍ୟନ୍ତ ସତେଜ ରଖାଯାଇପାରିବ। ଏଥିପାଇଁ କୌଣସି ରେଫ୍ରିଜରେଟର ଆବଶ୍ୟକ ପଡିବ ନାହିଁ। ଏହାର ପୋଷକତତ୍ତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଏକ ରିପୋର୍ଟରେ ଦର୍ଶାଯାଇଛି। ଇଲେକ୍ଟ୍ରନ୍ ବିମ୍ ରେଡିଏଶନ୍ ଜ୍ଞାନକୌଶଳ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଖାଦ୍ୟରେ ଥିବା ପରଜୀବୀ ଏହି ଜ୍ଞାନକୌଶଳ ଦ୍ୱାରା ନଷ୍ଟ ହୋଇଯିବେ। ଉକ୍ତ ଜ୍ଞାନକୌଶଳ ସୈନ୍ୟବାହିନୀ ଏବଂ ମହାକାଶଚାରୀଙ୍କ ନିମନ୍ତେ ବ୍ୟବହାର ପାଇଁ ଯୋଜନା କରାଯାଉଛି। ଗତ ୬ବର୍ଷ ଧରି ବୈଶାଳୀ ଏବଂ ତାଙ୍କ ଗବେଷକ ଦଳ ଏହା ଉପରେ ଗବେଷଣା ଜାରି ରଖିଥିଲେ। ଏହା ଜନକଲ୍ୟାଣ ଦିଗରେ ବିନିଯୋଗ ହେବାକୁ ଯାଉଛି।

### ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କୋଟିଏ ଯୁଗ ଗଲାଣି ଏବେ ବିତି,
କୋଟିଏ ଯୁଗ ବଞ୍ଚିବାକୁ
ମରଣ-ରଣେ ଯୁଝି
ଜୀବନ ତିଳେ ପାରିଲା କାହିଁ ଜିତି?
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୧ ଫେବୃୟାରୀ ୧୯୯୪

- ଓଡ଼ିଶାରେ ଚାରୋଟି ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ପଠାଯାଇଥିବା ପ୍ରସ୍ତାବ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟର ଅନୁମୋଦନ ଲାଭ କରିଛି।
- ଆଙ୍ଗୋଲାର ସଦର୍ନ ପ୍ରୋଭିନ୍‌ସରେ ଏକ ମତ୍ସ୍ୟଧରା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ୟୁରୋପ ସଂଗଠନର ଅର୍ଥ ବିନିଯୋଗ।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୩- ମୁମ୍ବାଇ ଆକ୍ରମଣ ଘଟଣାରେ ପାକିସ୍ତାନର ଦୁଇ ସେନାଧିକାରୀ ମେଜର ଅବଦୁଲ ରେହମନ ପାଶା ଏବଂ ମେଜର ଇକବାଲଙ୍କ ବିରୋଧରେ ମୁମ୍ବାଇର ଏକ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି।

୫- ପୃଥିବୀର ଚୁମ୍ବକୀୟ ଉତ୍ତରମେରୁ ଦ୍ରୁତଗତିରେ ସ୍ଥାନାନ୍ତର ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

୬- କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ତେହରିକ୍ ଉଲ୍ ମୁଜାହିଦ୍ଦିନକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି।

୭- କଂଗ୍ରେସ କ୍ଷମତାକୁ ଆସିଲେ ତିନି ତଲାକ ଆଇନକୁ ରଦ୍ଦ କରିବ ବୋଲି ଦଳର ମହିଳା ଶାଖା ସଭାନେତ୍ରୀ ସୁସ୍ମିତା ଦେବ କହିଛନ୍ତି।

୮- ବିଷାକ୍ତ ମଦ ପିଇ ଉତ୍ତରପ୍ରଦେଶରେ ୨୦ ଜଣ ଓ ଉତ୍ତରାଖଣ୍ଡରେ ୧୬ ଜଣଙ୍କ ମୃତ୍ୟୁ।

## su | do | ku | ସୁ-ଡୋ-କୁ

[illegible]

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଶନିବାର ପ୍ରକାଶିତ ଉତ୍ତର


airasia.com
Take off with LOVE to Thailand, Malaysia and Beyond
Thailand FREE VISA-ON-ARRIVAL till 30 April 2019
For lowest fares book only on www.airasia.com or the AirAsia Mobile App
Fly from Bhubaneswar
Bangkok
Kuala Lumpur
ALL-IN FARE FROM ₹2,999
Fly thru
Bali • Ho Chi Minh City • Melbourne
Langkawi • Manila • Krabi • Phuket
Sydney • Singapore
and many more destinations
ALL-IN FARE FROM ₹4,799
airasia.com
Now Everyone Can Fly
Book now till 17 Feb 2019
Travel from 25 Feb till 31 Jul 2019
AirAsia
AirAsia
All India domestic flights are operated by AirAsia India Ltd. and all international flights are operated by either AirAsia Berhad, Thai AirAsia Co. Ltd., AirAsia X Berhad or PT. Indonesia Co. Ltd. Our seats are limited and may not be available on all flights during public holidays, school breaks and weekends. Discount is applicable only on the base fare. All-in fares include fares, fuel surcharges and airport taxes. Inclusive of one-way only. A payment processing fee is applicable to all payments made via credit, debit or charge cards. Our other terms and conditions of arriage apply. Skytrax has named AirAsia Group as World's Best Low-Cost Airline for the tenth year in a row. **AirAsia India being a joint-venture of AirAsia Berhad, is a part of AirAsia Group and is permitted by Skytrax to use this logo for Indian market.

# ଶୃଙ୍ଖଳିତ ନିର୍ବାଚନ ବଡ଼ ଚ୍ୟାଲେଞ୍ଜ

ଭୁବନେଶ୍ୱର, ୧୦।୨
(ଜ୍ୟୋତି ରଞ୍ଜନ ମହାପାତ୍ର)

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ବହୁ ହିଂସା ଓ ସାମ୍ପ୍ରଦାୟିକ ଦଙ୍ଗାକୁ ସାମ୍ନା କରିବ। ନିର୍ବାଚନ ସମୟରେ ଜଟିଳ ପରିସ୍ଥିତି ଉପୁଜିବ। ଆମେରିକା ଗୋଇନ୍ଦା ସଂସ୍ଥାର ଏଭଳି ରିପୋର୍ଟ ଶୃଙ୍ଖଳିତ ତଥା ଅବାଧ ନିର୍ବାଚନ ନେଇ ଆଶଙ୍କା ସୃଷ୍ଟି କରିଛି। ଓଡ଼ିଶାରେ ଏକସଙ୍ଗେ ଲୋକସଭା ଓ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ଜାତୀୟ ସ୍ତରର ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ଓ ସଭାରେ ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତି ମନ୍ତବ୍ୟ ରାଜ୍ୟ ରାଜନୀତିକୁ ଉତ୍ତପ୍ତ କରିବାରେ ଲାଗିଛି। ପ୍ରତିପକ୍ଷ ଶକ୍ତିକୁ ଦୁର୍ବଳ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସିବିଆଇ ଓ ପୋଲିସକୁ ମଧ୍ୟ ବ୍ୟବହାର କରିବା ଆରମ୍ଭ କରିଦେଇଛନ୍ତି। ଅତୀତରେ ରାଜନୈତିକ ଦଳ ଓ ନେତାମାନେ ନିଜ ଫାଇଦା ପାଇଁ ଗ୍ୟାଙ୍ଗଷ୍ଟରମାନଙ୍କୁ ଆଶ୍ରା ଦେଇଛନ୍ତି। ସେହିପରି ମାଓବାଦୀମାନେ ବିଭିନ୍ନ ଜିଲାରେ ସକ୍ରିୟ ରହିଥିବାବେଳେ ବିଗତ ଦିନରେ ଆତଙ୍କବାଦୀ କାର୍ଯ୍ୟକଳାପର ଅନେକ ନଜିର ରହିଛି। ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଓ ଗୋଇନ୍ଦା ରିପୋର୍ଟ ଉଦ୍‌ବେଗର ବିଷୟ ହୋଇଛି। ଏପରିକ୍ଷେତ୍ରେ ଶୃଙ୍ଖଳିତ ନିର୍ବାଚନ ରାଜ୍ୟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ନିକଟ ଅତୀତରେ ଅନେକ ରାଜନୈତିକ ହତ୍ୟା ଓ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳିଥିଲା। ଗତ ମାସରେ କେନ୍ଦ୍ରାପଡ଼ାରେ ନେତାଜୀଙ୍କ ଜୟନ୍ତୀ ଉତ୍ସବକୁ ନେଇ ଦୁଇ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ସାମ୍ପ୍ରଦାୟିକ ବିଶୃଙ୍ଖଳା ବଢ଼ୁଥିବାବେଳେ ପୋଲିସ ଓ ପ୍ରଶାସନ କର୍ଫ୍ୟୁ ଲାଗୁ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହା ପଛରେ ରାଜନୈତିକ ଦଳ ସମ୍ପୃକ୍ତି ରହିଥିବା ନେଇ ଚର୍ଚ୍ଚା ହୋଇଥିଲା। ଏହାର ବହୁ ପୂର୍ବରୁ ଗ୍ୟାଙ୍ଗଷ୍ଟର

## ଚିନ୍ତା ବଢ଼ାଇଲା ଗୋଇନ୍ଦା ରିପୋର୍ଟ

- ସୃଷ୍ଟି ହୋଇପାରେ ହିଂସା, ଦଙ୍ଗା
- ବ୍ୟବହାର ହୋଇପାରନ୍ତି ପୋଲିସ, ଅପରାଧୀ

ଟି ବ୍ରଦର୍ସ ଓ ଟିଟୋଙ୍କ ସହ ରାଜନେତାଙ୍କ ଲିଙ୍କ୍ ପଦାକୁ ଆସିଛି। ଗାଁ ଗାଁରେ ଘଟୁଥିବା ଛୋଟ ବଡ଼ ଅପରାଧରେ ରାଜନୀତିର ସମ୍ପୃକ୍ତି ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କଲେଜ ନିର୍ବାଚନ ସମୟରେ ରାଜ୍ୟର ବହୁ କ୍ୟାମ୍ପସ ଅଶାନ୍ତ ହୋଇଉଠିଥିଲା। ୨୦୧୭ ସେପ୍ଟେମ୍ବର ୧୬ରେ କଲେଜ ନିର୍ବାଚନକୁ ନେଇ ଗଞ୍ଜାମ ଜିଲାର ଛତ୍ରପୁର କାଉନ୍ସିଲର ଲକ୍ଷ୍ମୀଦର ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ବିଜେପୁର ଉପନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଗତବର୍ଷ ଫେବୃୟାରୀ ୨୩ରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବଡ଼ଭାଇ ସୁବ୍ରତ ସିଂ ଏବଂ ତାଙ୍କର ତିନି ସହଯୋଗୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଡ୍ରାଇଭର ବିଲେଶ୍ୱର ସିଂଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ନିର୍ବାଚନ ପାଖେଇ ଆସୁଥିବାବେଳେ ଏସବୁ ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ସୃଷ୍ଟି ହୋଇଛି। କାରଣ ଲକ୍ଷ୍ମୀଦର ହତ୍ୟା ଘଟଣାରେ ପୋଲିସ ପକ୍ଷରୁ ଦୁଇ ଭାଜପା ନେତା ଗୋଲକ ମହାପାତ୍ର ଓ ଭୃଗୁ ବକ୍ସିପାତ୍ରଙ୍କୁ ନୋଟିସ କରାଯାଇଥିବାବେଳେ ଚିଟ୍‌ଫଣ୍ଡ ଦୁର୍ନୀତିରେ ବିଜେଡିର ଦୁଇ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅରୁଣ ସାହୁଙ୍କୁ ସିବିଆଇ ସମନ ଆଗକୁ ରାଜନୈତିକ ବିଶୃଙ୍ଖଳା ବଢ଼ାଇବ ବୋଲି ବିଶେଷଜ୍ଞମାନେ ମତଦେଉଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ମହେଶ ପ୍ରସାଦ କହିଛନ୍ତି, ଗତ କଲେଜ ନିର୍ବାଚନ ସମୟର ସ୍ଥିତିକୁ ଦେଖିଲେ ଆଗାମୀ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବ ବୋଲି ଆଶା କରାଯାଇ ନ ପାରେ। ଆଇନଜୀବୀ ବିଶ୍ୱଜିତ ଖୁଣ୍ଟିଆ କହିଛନ୍ତି, ବଡ଼

### ଚ୍ୟାଲେଞ୍ଜ ପାଇଁ ପୂରା ପ୍ରସ୍ତୁତ: ଡିଜିପି

ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ଗୋଇନ୍ଦା ରିପୋର୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କୌଣସି ହିଂସା ବା ଅପରାଧ ଘଟିବା ପୂର୍ବରୁ କିଭଳି ଖବର ପହଞ୍ଚିପାରିବ ଓ ଅପରାଧୀକୁ ଦମନ କରାଯିବ ତାହାର ଆକ୍‌ସନ ପ୍ଲାନ ଆରମ୍ଭ କରିଛି ପୋଲିସ। ବିଭିନ୍ନ ଜିଲାରେ ଥିବା ହାର୍ଡକୋର ଅପରାଧୀଙ୍କୁ ଧରିବା ନେଇ ବଛା ବଛା ପୋଲିସ ଅଫିସରଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ପ୍ରତିଟି ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପୋଲିସ ପୂରା ପ୍ରସ୍ତୁତ ରହିଛି। ତେବେ କୌଣସି କ୍ଷେତ୍ରରେ ପୋଲିସ ପ୍ରଭାବିତ ନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଜିପି ଆର୍.ପି. ଶର୍ମା କହିଛନ୍ତି।

### ଭାଜପା ହିଂସା, ଦଙ୍ଗା ସୃଷ୍ଟି କରି ରାଜନୀତି କରେ: ବିଜେଡି

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କୁହନ୍ତି, ସାଢ଼େ ୪ବର୍ଷ ହେଲା ରାଜ୍ୟରେ ଯେବେଠାରୁ ଭାଜପା ମୁଣ୍ଡ ଟେକିଲାଣି, ସେବେଠାରୁ ଏହାର ନେତାମାନେ ହିଂସାର ସାହାରା ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଅପଚେଷ୍ଟା କରୁଛନ୍ତି। ବିଜେପୁର ନିର୍ବାଚନ ସମୟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ଉପରକୁ ଆକ୍ରମଣରେ ବିଜେଡି କର୍ମୀ ତଥା ଗାଡ଼ି ଡ୍ରାଇଭରଙ୍କ ମୃତ୍ୟୁ ଘଟିବା, ଛତ୍ରପୁର କାଉନ୍ସିଲର ଲକ୍ଷ୍ମୀଦର ହତ୍ୟାକାଣ୍ଡ ଘଟଣାରୁ ଭାଜପାର ରାଜନୈତିକ ହିଂସା ବାରି ହୋଇଯାଇଛି। କଟକରେ ଟି ବ୍ରଦର୍ସଙ୍କୁ ବାଇକ୍ରୁଡି ଆଖିଆ ଦେଇ ସଭାମଞ୍ଚରେ ସମ୍ବୋଧନ କରିବାଠାରୁ ଟିଟୋଙ୍କୁ ଦୁଇଟି ପେଟ୍ରୋଲ ପମ୍ପ ଲାଇସେନ୍ସ ପ୍ରଦାନରେ ଭାଜପାର ଅପରାଧ ପ୍ରୀତି ସ୍ପଷ୍ଟ ହୋଇଛି। ମାତ୍ର ବିଜେଡି ଶାସନରେ ରାଜନୈତିକ ହିଂସାକୁ କୌଣସି ମତେ ପ୍ରଶ୍ରୟ ଦିଆଯାଇ ନାହିଁ କି ଆଗାମୀ ନିର୍ବାଚନରେ ଦିଆଯିବ ନାହିଁ।

### ବିଜେଡି କ୍ଷମତାର ଦୁରୁପଯୋଗ କରିବ : ଭାଜପା

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କୁହନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ଘଟିଥିବା ଅନେକ ହତ୍ୟାକାଣ୍ଡ ଓ ହିଂସାରେ ବିଜେଡିର ସମ୍ପୃକ୍ତି ପଦାକୁ ଆସିଥିଲା। ଏବେ ନିଜ ଗୌରିକୁ ନେଇ ଶାସକ ଦଳ ଭୟଭୀତ। ତେଣୁ କ୍ଷମତାର ଦୁରୁପଯୋଗ କରି ଆଗାମୀ ନିର୍ବାଚନରେ ହିଂସା ଘଟାଇ ଗାଦି ଦଖଲ ପାଇଁ ପ୍ରୟାସ କରିବ ବିଜେଡି। ଏଥିପାଇଁ ପୋଲିସ ଓ ପ୍ରଶାସନକୁ ବ୍ୟବହାର କରିବ। କିନ୍ତୁ ଭାଜପା ସବୁବେଳେ ହିଂସାଠାରୁ ଦୂରେଇ ରହି ଜନସାଧାରଣଙ୍କ ସ୍ୱାଧୀନ ମତଦାନକୁ ଅଧିକ ଗୁରୁତ୍ୱ ଦେଉଛି ବୋଲି ମହାପାତ୍ର କହିଛନ୍ତି।

### ବିଜେଡି ଶାସନରେ ମଦ, ଅପରାଧ ବଢ଼ିଛି: କଂଗ୍ରେସ

ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ପ୍ରମୁଖ ସତ୍ୟ ନାୟକ କୁହନ୍ତି, ବିଗତ ଦିନକୁ ଦେଖିଲେ ନେତା ଓ ଅପରାଧୀଙ୍କ ମଧୁର ସମ୍ପର୍କ ବିଜେଡି ଶାସନରେ ବଢ଼ିଛି। ସରକାର ମଦର ପ୍ରଚାର ପ୍ରସାର କରୁଥିବାରୁ ରାଜ୍ୟରେ ଅପରାଧ ବଢ଼ି ଚାଲିଛି। ଅପରାଧୀଙ୍କୁ ସୁରକ୍ଷା ଓ ତଦନ୍ତକୁ ପ୍ରଭାବିତ କରାଯାଉଛି। ବିରଞ୍ଚି ଦାସ ହତ୍ୟା ମାମଲାରେ ଶାସକ ଦଳର ଚାପରେ ତଦନ୍ତ କମିଶନ ଠିକ୍ ଭାବେ ତଦନ୍ତ କରିପାରି ନ ଥିଲେ। ଜାଣିଶୁଣି ସରକାର ଲୋକାୟୁକ୍ତ ନିଯୁକ୍ତି କରିବାରେ ପଛଘୁଞ୍ଚା ଦେଉଛନ୍ତି। କିଏ ସରକାରଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିପାରିବ? ଟ୍ୱିନସିଟିରେ ଅପରାଧ ବଢ଼ୁଥିବା ଖୋଦ୍ ପୋଲିସ କମିଶନର କହିଛନ୍ତି। ଅନେକ ହାର୍ଡକୋର ଅପରାଧୀ ନବୀନଙ୍କ ମଞ୍ଚରେ ବସୁଛନ୍ତି, ସଚିବାଳୟରେ ପଶୁଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ହିଁ ହିଂସାକୁ ଆପଣାଇବା ଜଣାଜଣ ଦିଶୁଛି। କିନ୍ତୁ କଂଗ୍ରେସ ହିଂସା ଠାରୁ ଦୂରେଇ, ସାଧାରଣ ଜନତାଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ରହିବ।

ବଡ଼ ଅପରାଧୀମାନେ ସହରର ବସ୍ତି ଓ ଗ୍ରାମାଞ୍ଚଳରେ ଆଶ୍ରା ଜମାଇ ରହୁଛନ୍ତି। ପୋଲିସ ନିଜ ଆଡ଼ୁ ଖୋଜଖାଡ଼ କରୁନି। ଗତବର୍ଷ ମେ ୩୧ରେ ରାଜଧାନୀରେ ପଶ୍ଚିମବଙ୍ଗ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଥିବା ମାଓବାଦୀ ନେତା ଆଲିକ ଚକ୍ରବର୍ତ୍ତୀଙ୍କୁ ରାଜଧାନୀରୁ ଗିରଫ କରାଯାଇଥିଲା। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ ମଧ୍ୟ କମିଶନରେଟ ପୋଲିସ ବା ରାଜ୍ୟ ପୋଲିସ ନିକଟରେ ଖବର ନ ଥିଲା। ଏଥିରୁ ରାଜ୍ୟ ପୋଲିସ ଓ ଗୋଇନ୍ଦା ବିଭାଗ ଶୋଇରହିଥିବା ଜଣାପଡ଼ୁଛି। ଫଳରେ ଆଗାମୀ ନିର୍ବାଚନରେ ହିଂସା ଓ ଅପରାଧ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାକୁଡ଼ି ଚୋର, ଲାଉ ଚୋର ଚୋର ଚୋର ବଡ଼ା ଚୋର ।**

ଅଳ୍ପ ବୟସରୁ ଛୋଟ ମୋଟ ଚୋରି କରୁ କରୁ ତାହା ସମୟକ୍ରମେ ଅଭ୍ୟାସଗତ ହୋଇଯାଏ। ସେହି ସମୟରୁ ଆଙ୍କଟ ନ କଲେ କାଳକ୍ରମେ ସେ ବଡ଼ ଚୋର ପାଲଟିବାର ସମ୍ଭାବନା ରହିଥାଏ। ସାଧାରଣତଃ ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ, ତେବେ ତାହା ଜୀବନକୁ ନଷ୍ଟ କରି ଦେଇଥାଏ। ସାମାନ୍ୟ ଜିନିଷ ଚୋରି କରୁ କରୁ ବଡ଼ ଚୋର ପାଲଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଉଛି।

**କାଉ ବସାରେ କୋଇଲି ଡିମ୍ବ ଥୋଇ ଦେଇ ଅଇଲି ।**

ସାଧାରଣତଃ ଅଳସୁଆ ବ୍ୟକ୍ତିମାନେ କଷ୍ଟ କରି କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରିଥାନ୍ତି। କୌଣସି ଦାୟିତ୍ୱ ନିଜେ ବହନ ନ କରି ପରମୁଖରେ ଲଦିଦେବାକୁ ଉଚିତ ମଣିଥାନ୍ତି। କୋଇଲି କାଉର ଅଜାଣତରେ ତା' ବସାରେ ଡିମ୍ବ ଥୋଇଦେବା ଭଳି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପରକୁ ଦେଇ ଆଶ୍ୱସ୍ତି ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଉଛି।

ନିର୍ବାଚିତ ଉଗଡ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅନୁକୂଳ ହେଲା ରଥକାଠ



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଥକାଠ ଅନୁକୂଳ ପୂଜା କରାଯାଉଛି।

ପୁରୀ ଅଫିସ, ୧୦।୨: ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଦାରୁବିଗ୍ରହଙ୍କ ଲାଗି ତିଆରି ହେବ ତିନିରଥ। ପରମ୍ପରା ଅନୁଯାୟୀ, ରବିବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସଙ୍କଳ୍ପ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥ କାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ, ଗଦାଧର ଦାଶ ପୂଜାରୀ କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୁର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଅନୁକୂଳ ସମୟରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ନୀତି ପ୍ରଶାସକ ବିଷ୍ଣୁଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ ହେବ।

ପ୍ରଥମ ପୃଷ୍ଠାରୁ...

## ପୁରୁଣା ଖାଦାନରୁ ଚାଲିଛି...

ଗ୍ରାମର ପ୍ରାୟ ୪୮ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଛି। କିନ୍ତୁ ତଙ୍କାରୀ ପାହାଡ଼ରେ କଳାପଥର ଖନନ ଆରମ୍ଭ ପରେ ଜଳସେଚନ ଠପ୍ ହୋଇଯାଇଛି। ପାହାଡ଼ର ବିଭିନ୍ନ ସ୍ଥାନରେ ଖନନ ଯୋଗୁ ବର୍ଷା ପାଣି ଠିକ୍ ଭାବେ ପାଦଦେଶକୁ ଆସି ପାରୁନାହିଁ। ପାହାଡ଼ରୁ ଝରୁଥିବା ଉତ୍ସଗୁଡ଼ିକ ଶୁଖି ମଧ୍ୟ ଏଠାରେ ବନ୍ଦ ହୋଇଯାଇଛି। ଯଦ୍ଦ୍ୱାରା ରାଣୀବନ୍ଧି ଡ୍ୟାମରେ ଜଳ ସଂରକ୍ଷିତ ହୋଇ ନ ପାରି ଚାଷୀଙ୍କ ଆଶା ମଉଳି ଯାଉଛି। କଳାପଥର ଖାଦାନର ପଥର ଗୁଣ୍ଡ ଯୋଗୁ ଏହି ଡ୍ୟାମ ତା'ର ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରସଂଖ୍ୟା ୮୨/୩।୧୦।୨୦୧୮ରେ ସୂଚନା ମିଳିଛି। ଏବେ ରାଣୀବନ୍ଧିକୁ ଲାଗି ରହିଥିବା ପୁରୁଣା ଖାଦାନ କାର୍ଯ୍ୟକାରୀ ହେଲେ ଯେଉଁ ପାଣି ଟିକକ ସଂରକ୍ଷିତ ରହୁଥିଲା ତାହା ମଧ୍ୟ ବନ୍ଦ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ କ୍ରିଟିକାଲ ପାଣ୍ଠିରୁ ୮ଲକ୍ଷ ଟଙ୍କା ଅନୁଦାନ ଆସିଛି। ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ୨୦୧୫-୧୬ ଆର୍ଥିକ ବର୍ଷରେ ନମ୍ବାପ୍ ବଜେଟରୁ କେନାଲ କଂକ୍ରିଟକରଣ ପାଇଁ ୭ଟି ପର୍ଯ୍ୟାୟରେ ଅନୁଦାନ ମିଳିଛି। ଗୋଟିଏରେ ୨ଲକ୍ଷ ୯୧ହଜାର ୧୭୯ ଟଙ୍କା ଏବଂ ଅନ୍ୟଗୁଡ଼ିକରେ ୨ଲକ୍ଷ ୭ହଜାର ୮୩୩ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ୯ଲକ୍ଷ ୨୯ ହଜାର ଟଙ୍କା ଅନୁଦାନ ମିଳିଛି। ଚାଷୀଙ୍କ ଉନ୍ନତି ପାଇଁ ସରକାର ଜଳସେଚନକୁ ପ୍ରାଧାନ୍ୟ ଦେଉଥିବାବେଳେ ଏଠାରେ ତାହାର ଓଲଟା ହୋଇଛି। କେତେଜଣ ପ୍ରଭାବଶାଳୀ ନେତାଙ୍କ ସ୍ୱାର୍ଥ ପାଇଁ ରାଣୀବନ୍ଧି ତା'ର ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଧର୍ମଶାଳା ଅଧୀନରେ ଥିବା ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡା କୁହନ୍ତି, ଧର୍ମଶାଳା ତହସିଲ ଅଧୀନରେ ଥିବା ସମସ୍ତ ବେଆଇନ ଖାଦାନ ଉପରେ ଅନୁଧ୍ୟାନ ଚାଲିଛି। ପର୍ଯ୍ୟାୟକ୍ରମେ ତଦାରଖ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୯୦ ହଜାର କୋଟି ଚପିବ...

୨୦୧୮ ଅଗଷ୍ଟ ୨୮ ପରେ ବୀମା ରାଶିକୁ ୨ ଲକ୍ଷ ଟଙ୍କା ଏବଂ ଓଭରଡ୍ରାଫ୍ଟ ସୁବିଧାକୁ ୧୦ ହଜାରରୁ ବୃଦ୍ଧି କରିଛନ୍ତି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଅଦ୍ୟାବଧି ୩୪.୧୪ କୋଟି ଜନଧନ ଆକାଉଣ୍ଟ ଖୋଲାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ପ୍ରାୟ ୫୯ ପ୍ରତିଶତ ଆକାଉଣ୍ଟଧାରୀ ହେଉଛନ୍ତି ମହିଳା। ଏହାଛଡ଼ା ୨୭.୨୬ କୋଟି ଆକାଉଣ୍ଟଧାରୀଙ୍କୁ ରୁପେ ଡେବିଟ୍ କାର୍ଡ ପ୍ରଦାନ କରାଯାଇଛି।

## ମୁକୁଲଙ୍କ ବିରୋଧରେ...

ଗତବର୍ଷ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଟିଏମ୍‌ସିର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱାସଙ୍କ ହତ୍ୟାର କାରଣ ଟିଏମ୍‌ସିରେ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଓ ବିଧାୟକ ଯୋଗ ଦେଇଥିବା ପୂଜା ପେଣ୍ଡାଲରେ ସୁରକ୍ଷାରେ ତ୍ରୁଟି ପାଇଁ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଜଣେ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ବିଧାୟକ ବିଶ୍ୱାସଙ୍କୁ ପଛପଟୁ ଗୁଳି କରାଯାଇଥିଲା ଏବଂ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ପାରାଦୀପରେ ପୁଣି ଛୁରାମାଡ଼

ପାରାଦୀପ, ୧୦।୨(ସ୍ୱ.ପ୍ର.)

ପାରାଦୀପ ଥାନା ଅଧୀନ ଲକ୍ଷ୍ମଡ଼ା ବସ୍ତିରେ କାଠପୋଲ ନିକଟରେ ରବିବାର ରାତି ୯ଟାରେ ପୁଣି ଛୁରାମାଡ଼ ହୋଇଛି। ଲକ୍ଷ୍ମଡ଼ା ବସ୍ତିର ପ୍ରକାଶ ମିଶ୍ର ନାମକ ଯୁବକଙ୍କୁ ଗୁରା ନାମକ ଯୁବକ ଛୁରାମାଡ଼ କରିଛି। ଏଥିରେ ପ୍ରକାଶ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଙ୍କ ଅନ୍ତବୁଜୁଲା ବାହାରକୁ ବାହାରି ଆସିଛି। ଏଥିସହ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ଏହି ଆକ୍ରମଣ ପୂର୍ବ ଶତ୍ରୁତାଯୋଗୁ ଘଟିଥିବା କୁହାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବସ୍ତିରେ ବିଭିନ୍ନ ଚୋରି ଓ ଅନ୍ୟ କାରଣକୁ ନେଇ କେତେଜଣ ମୁଷ୍ଟିମେୟ ଲୋକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଭିଡ଼ନ୍ତା ଲାଗି ରହିଥିଲା। ସେହି କାରଣରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES) ମଳଦ୍ୱାରକ୍ଷତ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE ଜମାଦି ଦ୍ୱାରା Mobile + Laptop + Bike + 20000/-
Ph-7739216167, 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୫% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261, 7991052595
405 D, Gandhi Marg, Mumbai-02

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଋଣ ଆଧାର କାର୍ଯ୍ୟଧାରା ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ପି.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 (Telangana)
7787907927, 7787922501, 9319932148
Email id- pmjansamridhi@gmail.com

ମହାଗୁରୁ ବଙ୍ଗାଳୀ
ସେକ୍ସୋଲୋଜିଷ୍ଟ: ବଶୀକରଣ, ମୂଠକରଣୀ, ପରସ୍ତ୍ରୀ ସମସ୍ୟା, ଶତ୍ରୁ ମୁକ୍ତି
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୭୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧା
Email- sixdocuments@gmail.com
B-19, Moti Bagh, New Delhi
7064382081, 8658167603

T.F. FINANCE (Govt. Registered)
ବିନା ଗ୍ୟାରେଣ୍ଟର, ମାର୍କସିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BUSINESS
70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ।
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 9996602452

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
Toll Free -1800-120-3430
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ସହି ଋଣ ବଜାରୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ଼।
Website : mahalaxmicreditservices.com
Lane No 5, MG Road, Bangalore
9105689469, 8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ, କୃଷି, ଟ୍ରାକ୍ଟର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀ ଠାରୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550, 7618439473
ବାଲେଶ୍ୱର - 7055500110, 7351444489
କଟକ - 7618439473
ଯାଜପୁର - 7088008550, 8447055760
ସୁନ୍ଦରଗଡ଼ - 7351004140, 7055111132
3rd Floor, D.N. Enclave, Meerut, U.P.

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993)
50,000/- ରୁ 75,00,000/- ପର୍ଯ୍ୟନ୍ତ ପାଆନ୍ତୁ। 2% ସୁଧ 50% ଛାଡ଼
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551, 9068296909

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128, 7508116267
T-51, Gali No.8, Gautampuri, Delhi-110053

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact 8658340105

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଦୋକାନ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ: 9179208056, 8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
2% ସୁଧ 50% ରିହାତି + ସବ୍‌ସିଡି
7827094474, 7827246964
Add : - 41/14, Sec-1 Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ସଂକ୍ଷେପରେ




# ୨୦ରୁ ରୟାଲ କପ୍ ଟି-୨୦ କ୍ରିକେଟ

## ■ ଉଦ୍‌ଘାଟନୀ ମ୍ୟାଚ୍‌ରେ ଜେକେପୁରକୁ ଭେଟିବ ମାଲକାନଗିରି

ନବରଙ୍ଗପୁର,୧୦।୨(ବି.ପ୍ର.)

ଆସନ୍ତା ୨୦ରୁ ନବରଙ୍ଗପୁରରେ ୧୧ତମ ସର୍ବଭାରତୀୟ ରୟାଲ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏ ନେଇ ସ୍ଥାନୀୟ ଏକ ଲଜ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରୟାଲ କପ୍ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ନବରଙ୍ଗପୁର ସାଇନ୍ସ କଲେଜ ପଡ଼ିଆରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ ୧୦ଟି ଦଳ ଭାଗ ନେବେ। ପ୍ରତ୍ୟେକ ଦିନ ଦୁଇଟି ଇନିଂସ୍‌ରେ ମ୍ୟାଚ୍ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ମାଲକାନଗିରି ଜେଆର୍‌ସିସି ଟିମ ଜେକେପୁରକୁ ଭେଟିବ। ଦ୍ୱିତୀୟ ମ୍ୟାଚ୍‌ରେ ଜୟପୁର-ନବରଙ୍ଗପୁର ଗିଲାୟାନ୍ସ ମଧ୍ୟରେ ଖେଳାଯିବ। ୨୩ରେ ସେମିଫାଇନାଲ ଓ ୨୪ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ବିଜେତା ଦଳକୁ ୩୩ ହଜାର ୩୩୩ ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୫ ହଜାର ୨୫ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ଏହାବ୍ୟତୀତ ମ୍ୟାନ ଅଫ୍ ଦି ମ୍ୟାଚ୍, ବେଷ୍ଟ ବୋଲର, ବେଷ୍ଟ ବ୍ୟାଟ୍ସ ମ୍ୟାନଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯିବ ବୋଲି କ୍ଲବ୍ ସାଧାରଣ ସମ୍ପାଦକ ସରୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ବ୍ରହ୍ମପୁର ଆଲଫା, ବିଶାଖାପାଟଣା, ବଲାଙ୍ଗୀର, ଜଗଦଲପୁର ଲାଭା, ରାଞ୍ଚି ସହ ଆୟୋଜକ ଟିମ୍ ରୟାଲ କ୍ଲବ୍ ଅଂଶ ଗ୍ରହଣ କରିବେ। କ୍ଲବ୍‌ର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଆଜୀବନ ସଭାପତି ଭାବେ ପ୍ରକାଶ ତ୍ରିପାଠୀଙ୍କୁ ଚୟନ କରାଯାଇଛି। ସେହିପରି ଜଗନ୍ନାଥ ମହାପାତ୍ର ସଭାପତି, ସରୋଜ ପଟ୍ଟନାୟକ ସାଧାରଣ ସମ୍ପାଦକ, ଏ. ଶିବରାମ ରାଜୁ କାର୍ଯ୍ୟକାରୀ ସଭାପତି, ଅଶୋକ ଦୁଗ୍ଗୁ, ଅଶ୍ୱିନୀ ଦାଶ ଏବଂ ଚିତ୍ତରଞ୍ଜନ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ପ୍ରଦୀପ ପଟ୍ଟନାୟକ, ଦେବଦତ୍ତ ସାହୁ, ଉତ୍ତମ ନାୟକ ଯୁଗ୍ମ ସମ୍ପାଦକ, ହିମାଂଶୁ ନାୟକ କୋଷାଧ୍ୟକ୍ଷ, ଆଶିଷ ପଟ୍ଟନାୟକ ଆଇନ ଉପଦେଷ୍ଟା, ଜୀବନରାମଙ୍କୁ ଉପଦେଷ୍ଟା ଓ ପ୍ରୋଜେକ୍ଟ ଲିଡରଭାବେ ଜନାବ ସାଜାଦ ଖାନ୍‌ଙ୍କୁ ମନୋନୀତ କରାଯାଇଛି।


ଖବରଦାତା ସମ୍ମିଳନୀରେ କ୍ଲବର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

■ ଭାଗନେବେ ୧୦ ଦଳ
■ ନୂତନ କର୍ମକର୍ତ୍ତା ଚୟନ

# ମଦ ଦୋକାନ ବନ୍ଦ ଦାବି, ଅନଶନ ୩ ଦିନରେ

ଛତ୍ରପୁର,୧୦।୨(ଡି.ଏନ୍.ଏ)

ମଦ ଦୋକାନ ବନ୍ଦ ଦାବିରେ ଗଞ୍ଜାମ ଜିଲା ଶିବସେନା ପକ୍ଷରୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଲିଥିବା ଆମରଣ ଅନଶନ ରବିବାର ତୃତୀୟ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେବା ଯାଏ ଅନଶନ ଚାଲିବ ବୋଲି ଶିବସେନା ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଅନଶନରତ ୩ ମହିଳା ଶନିବାର ରାତିରେ ଅସୁସ୍ଥ ହୋଇ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସୁସ୍ଥ ହେବା ପରେ ସେମାନେ ପୁଣି ଅନଶନ ଚଳାଇଥିବା ସୂଚନା ମିଳିଛି। ଗଞ୍ଜାମ ବ୍ଲକ କରପଡା ଗାଁରେ ଚାଲିଥିବା ଚୋରାମଦ କାରବାର ବନ୍ଦ ସହ ଏଥିରେ ସମ୍ପୃକ୍ତଙ୍କୁ ଗିରଫ କରିବାକୁ ଶିବସେନା ଦାବି କରିଛି। ସେହିପରି କୁକୁଡାଖଣ୍ଡି ବ୍ଲକ ଅଧୀନ ଲାଠି ଗାଁରେ ଚାଲିଥିବା ମଦ ଦୋକାନ ବନ୍ଦ କରିବା ପାଇଁ ମଧ୍ୟ ଦାବି ହୋଇଛି। ଶିବସେନାର ରାଜ୍ୟ ଉପପ୍ରମୁଖ ବଳରାମ ବାବାଙ୍କ ନେତୃତ୍ୱରେ ଏହି ଆମରଣ ଅନଶନ ଚାଲିଛି।

## ■ ପାପଡ଼ାହାଣ୍ଡି ବାଲିଯାତ୍ରା ଶୁଭାରମ୍ଭ

# ଶୋଭାଯାତ୍ରାରେ ଆସିଲେ ଗୁରୁମା ମାଇଣି

ପାପଡ଼ାହାଣ୍ଡି, ୧୦।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ବାଲିଯାତ୍ରା ରବିବାର ବସନ୍ତ ପଞ୍ଚମୀରେ ଶୁଭାରମ୍ଭ ହୋଇଛି । କୋରାପୁଟ ଜିଲା ଲାଟିଆଗୁଡ଼ାର ଗୁରୁମା ମାଇଣି ବିମଳା ରନ୍ଧାରୀ ପହଞ୍ଚିବା ପରେ ତଣ୍ଡାଗୁଡ଼ା ଗ୍ରାମରୁ ଏକ ବିରାଟ ଶୋଭାଯାତ୍ରାରେ ବାଦ୍ୟ ନୃତ୍ୟ ଓ ଆତସବାଜି ତାଳେ ତାଳେ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠକୁ ନିଆଯାଇଥିଲା। ସେଠାରୁ ଗୁରୁମା ମାଇଣି ବାଲି ପଡ଼ିଆକୁ ଯାଇଥିଲେ। ଆସନ୍ତା ତିନିମାସ ଧରି ଏହି ବାଲିଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ପୂଜାପାଠ ସହ ଗୁରୁମା ମାଇଣି ପୂରାଣ ପାଠ କରିବେ। ଲୋକଙ୍କ ବିଶ୍ୱାସ, ଏହି ବାଲିଯାତ୍ରା ହେଲେ ଫସଲ ଭଲ ଅମଳ ହେବା ସହ ଗ୍ରାମର ଉନ୍ନତି ହୋଇଥାଏ। ଯାତ୍ରାରେ ପାପଡ଼ାହାଣ୍ଡି, ଦଳେଇଗୁଡ଼ା, ତଣ୍ଡାଗୁଡ଼ା, ମାଝିଗୁଡ଼ା, ଦିଶାରୀଗୁଡ଼ା, ସୁନାଡ଼ଙ୍ଗରୀ ଗ୍ରାମର ରଇତଙ୍କ ସମାଗମ ହେବ। ବାଲିଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଲାଗି ଏକ କମିଟି ଗଠନ କରାଯାଇଛି। ଶୋଭାଯାତ୍ରାରେ ସ୍ୱାଧୀନ ପଟ୍ଟନାୟକ, ସୋମନାଥ ବିଷୋଇ, ଗୁପ୍ତେଶ୍ୱର ପଟ୍ଟନାୟକ, ବି. ଜଗନମୋହନ ରାଓ, ଜି. ଅନନ୍ତ ମୂର୍ତ୍ତି, ପ୍ରଫୁଲ୍ଲ ବିଷୋୟୀ, ତ୍ରିନାଥ ପ୍ରଧାନ , ଗଙ୍ଗା ନାୟକ, ଉପେନ୍ଦ୍ର ରାଓ , ଶିବପ୍ରସାଦ ଅଗ୍ରୱାଲ, ହରି ପାଣିଗ୍ରାହୀ, ଉମା ମହେଶ୍ୱର ରାଓ, ମହେନ୍ଦ୍ର ବିଷୋଇ ପ୍ରମୁଖ ସାମିଲ ଥିଲେ। ଗୁରୁ ମାଇଣିଙ୍କ ନିର୍ଦ୍ଦେଶକ୍ରମେ ରବିବାର ରଇତଙ୍କ ଦ୍ୱାରା ଶୁଭକଳସ ସ୍ଥାପନ କରାଯାଇଥିଲା। ବାଲି ପଡ଼ିଆରେ ଭୀମ ଭିମାନୀ ପ୍ରତିଷ୍ଠା କରାଯିବ। ପ୍ରଥମ ଦିନରେ ଦେଶିଆ ନାଚ ପରିବେଷଣ ହୋଇଥିଲା। ପ୍ରତି ବାର ବର୍ଷରେ ବାରଖଣ୍ଡ ଗ୍ରାମବାସୀ ମିଶି ଏହି ବାଲିଯାତ୍ରା ଆୟୋଜନ କରିଥାନ୍ତି।


ଗୁରୁମା ମାଇଣିଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।


ଡାବୁଗାଁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ସରସ୍ୱତୀ ପୂଜା।

# ଡାବୁଗାଁ ଅଞ୍ଚଳରେ ବିଦ୍ୟାଦାତ୍ରୀଙ୍କ ପୂଜା

ଡାବୁଗାଁ,୧୦।୨(ଡି.ଏନ୍.ଏ.)

ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ ହୋଇଛି। ଜିଲା ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନ୍ତେବାସୀମାନେ ମା'ଙ୍କ ପୂଜା କରିଥିଲେ। ବଡ଼ଓଲମା ଆଶ୍ରମ ବିଦ୍ୟାଳୟ-୧ ଓ ୨, ବୋରିପଦର ଆଶ୍ରମ ବିଦ୍ୟାଳୟ, କୋଇଲାରି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକରେ ପୂଜା କରାଯାଇଛି।

**ରେଳ ବିକାଶ ନିଗମ ଲିମିଟେଡ୍**

**"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"**

**"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"**

ସମ୍ବଲପୁର ଏବଂ ୱାଲଟିଅର ଡିଭିଜନ, ପୂର୍ବତଟ ରେଳପଥର ସେକ୍ସନ ଟିଟିଲାଗଡ଼ (ବହିର୍ଭୂତ) – ଜିମିଡ଼ିପେଟା (ଅନ୍ତର୍ଭୁକ୍ତ) କିମି ୨୦୨.ସିଏଚ୍.୬୮୬ରୁ କିମି ୩୫୭ ସିଏଚ୍.୨୬୮ର ୩ୟ ଲାଇନ୍ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ ପ୍ରଚଳନ ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ପ୍ରତ୍ୟେକ ଲେଭଲକ୍ରସିଂରେ ରାସ୍ତାରୁ ୪.୬୭ମି.ର ସ୍ପଷ୍ଟ ଉଚ୍ଚତାରେ ହାଇଟ୍ ଗଜ୍ ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସକ୍ରିୟ ଟ୍ରାକ୍ସନ୍ ତାର ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ । ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ଲୋଡିଂ କରିବା ଉଦ୍ଦେଶ୍ୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ହାଇଟ୍ ଗେଜ୍‌ଗୁଡ଼ିକୁ ଯେପରି ଯାନବାହନରେ ଲୋଡ୍ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହା ଦୃଷ୍ଟିରେ ରଖାଯିବା ଆବଶ୍ୟକ । ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:

(i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ଏହା ପରବର୍ତ୍ତୀ ରାସ୍ତା ତଥା ରେଳପଥ ଅବରୋଧ ।
(ii) ନିଆଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନବାହନ ପ୍ରତି ବିପଦ ।
(iii) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ନିଆଁ ଓ ଜୀବନର ବିପଦ ମଧ୍ୟ ରହିଛି ।

ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ),
ରେଳ ବିକାଶ ନିଗମ ଲିମିଟେଡ୍, ୱାଲ୍‌ଟିଅର

**JEWELS INTERNATIONAL**
**Chetana College of Special Education**

**(Recognized by SSEPD Department, Govt. of Odisha, Approved by Rehabilitation Council of India)**
**Affiliated to Utkal University**

**Contact : 9437126187, 9437265920, 9090207307**
**E-mail : chetanacollege@yahoo.co.in**
**Website: http://www.chetana-jewelsinternational.org**

Applications are invited for admission in to D.Ed.Special Education (MR) for the Academic Session 2019-2021. Last date for receiving on line application is 15.03.2019. The Prospectus and Application form is available at RCI Website **https://applyadmission.net/aioat2019/.** Application Forms of B.Ed, M.Ed. Special Education (MR) & M.A in Applied Psychology will be available after 15.03.2019.

**Principal**

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: କଟକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛତ୍ରିଆ, କ୍ୟାପସ ରୋଡ୍, ଜିଲ୍ଲା: କଟକ
ଶାଖା ଫୋନ୍ ନଂ.: ୦୬୭୧-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ ଅଫ୍ ଫାଇନାନସିଆଲ୍ ଆସେଟସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

[illegible]

**ଇ-ନିଲାମ ତାରିଖ ଏବଂ ସମୟ: ତା ୧୩.୦୩.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମାତ ବର୍ଦ୍ଧିତ ସମୟ ସହିତ**

**କ୍ଷମତାପ୍ରାପ୍ତ ଅଧିକାରୀ: ଯାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: [illegible]**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | [illegible] ଶାଖା / ୧. ଋଣଗ୍ରହୀତା: ସୁମନ୍ତ ସାହୁ, [illegible] / ଆକାଉଣ୍ଟ ନଂ.: [illegible] | | ସୁମନ୍ତ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible], ଜିଲ୍ଲା: ଅନୁଗୁଳ, [illegible] | [illegible] ସୁଦ୍ଧା ଟ.[illegible]/- + [illegible] ପରଠାରୁ ସୁଧ + ଅନ୍ୟାନ୍ୟ ଖର୍ଚ୍ଚ / [illegible] | ଟ.[illegible]/- / ଟ.[illegible]/- / ଟ.୧,୦୦,୦୦୦/- |
| | ୨. ଋଣଗ୍ରହୀତା: [illegible], [illegible] / ଆକାଉଣ୍ଟ ନଂ.: [illegible] | ଜାମିନଦାର/ବନ୍ଧକଦାତା: ସୁମନ୍ତ ସାହୁ, [illegible] | [illegible] | [illegible] ସୁଦ୍ଧା ଟ.[illegible] + [illegible] ପରଠାରୁ ସୁଧ + ଅନ୍ୟାନ୍ୟ ଖର୍ଚ୍ଚ / [illegible] | |
| ୨. | [illegible] ଶାଖା, [illegible] / ଋଣଗ୍ରହୀତାମାନେ: ୧) [illegible], ୨) [illegible] / ଆକାଉଣ୍ଟ ନଂ.: [illegible] | | [illegible] | [illegible] ସୁଦ୍ଧା ଟ.[illegible]/- + [illegible] ପରଠାରୁ ସୁଧ + ଅନ୍ୟାନ୍ୟ ଖର୍ଚ୍ଚ / [illegible] | ଟ.[illegible]/- / ଟ.[illegible]/- / ଟ.୧,୦୦,୦୦୦/- |

* [illegible]

ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୧୨.୦୩.୨୦୧୯ରିଖ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
**ତା.୧୨.୦୩.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍
**www.sbi.co.in at link https://bank.sbi/portal/web/home/auction-notices** ଦେଖନ୍ତୁ

ତାରିଖ : ୦୮.୦୨.୨୦୧୯, ସ୍ଥାନ: କଟକ | ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ





“ ୨୦୧୪ରେ ନୂଆ ସରକାର ଗଠନ ହେବା ପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ଦୁର୍ବଳ ହେବାରେ ଲାଗିଛି।
-ମହିନ୍ଦ୍ରା ରାଜପାକ୍ସେ, ଶ୍ରୀଲଙ୍କା ବିରୋଧୀ ଦଳ ନେତା

## ସଂକ୍ଷେପରେ

### ଆବୁ ଧାବିରେ ହିନ୍ଦୀ ତୃତୀୟ କୋର୍ଟ ଭାଷା

**ଦୁବାଇ,୧୦।୨(ପି.ଟି.):** ଆରବିକ୍ ଏବଂ ଇଂଲିଶ ପରେ ହିନ୍ଦୀକୁ ଆବୁଧାବୀରେ ତୃତୀୟ ସରକାରୀ ଭାଷା ଭାବେ କୋର୍ଟରେ ବ୍ୟବହାର ଲାଗି ଗ୍ରହଣ କରାଯାଇଛି। ଏହାକୁ ଶ୍ରମିକମାନଙ୍କ ମାମଲା କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବାର ଉଦ୍ୟମ ସ୍ୱରୂପ ଆବୁ ଧାବି ନ୍ୟାୟିକ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଫଳରେ ହିନ୍ଦୀଭାଷୀଙ୍କୁ ସେଠାର ବିଚାର ପ୍ରକ୍ରିୟା, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିବା ସହଜ ହୋଇପାରିବ।

### ‘ଡିଜିଟାଲ ଯୁଗରେ ବିଚାର ଚାପଗ୍ରସ୍ତ’



**ନୂଆଦିଲ୍ଲୀ,୧୦।୨(ପି.ଟି.):** ବର୍ତ୍ତମାନର ଡିଜିଟାଲ ଯୁଗରେ ବିଚାର କରିବା ଉପରେ ଚାପ ରହିଛି ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏ.କେ. ସିକ୍ରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲ’ ଆସୋସିଏଶନ୍ ଫର୍ ଏସିଆ ଆଣ୍ଡ ଦି ପାସିଫିକ୍ ପକ୍ଷରୁ ଆୟୋଜିତ ପ୍ରଥମ ସମ୍ମିଳନୀରେ ଯୋଗଦେଇ ‘ଡିଜିଟାଲ୍ ଯୁଗରେ ପ୍ରେସ୍ ସ୍ୱାଧୀନତା’ ଉପରେ ସେ ଆଲୋକପାତ କରିଥିଲେ। ଜଷ୍ଟିସ୍ ସିକ୍ରି କହିଥିଲେ, ପୂର୍ବରୁ ମଧ୍ୟ ମିଡିଆ ଟ୍ରାଏଲ୍ ହେଉଥିଲା। କିନ୍ତୁ ଆଜି ଯେତେବେଳେ ଗୋଟିଏ ପ୍ରସଙ୍ଗ ଉଠୁଛି, ସେତେବେଳେ ଗୋଟିଏ ପିଟିଶନ ଦାଏର ହେଉଛି। କୋର୍ଟ ଏହାର ବିଚାର କରିବା ପୂର୍ବରୁ ରାୟ କ’ଣ ଆସିବା ଉଚିତ ସେନେଇ ଲୋକେ ସୋସିଆଲ ମିଡିଆରେ ଆଲୋଚନା ଆରମ୍ଭ କରିଦେଉଛନ୍ତି। ଏଥିଯୋଗୁ ବିଚାରପତିଙ୍କ ନିଷ୍ପତ୍ତି ପ୍ରଭାବିତ ହେଉଥିବା ଅଭିଜ୍ଞତାରୁ ଜଣାପଡ଼ିଛି।

### ରାହୁଲଙ୍କ ଯୋଗୁ ଇସ୍ତଫା ଦେଇଥିଲେ କ୍ରିଷ୍ଣା



**ନୂଆଦିଲ୍ଲୀ,୧୦।୨:** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅତ୍ୟଧିକ ହସ୍ତକ୍ଷେପ ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିବା ଉପା-୨ ଅମଳରେ ବହିର୍ବ୍ୟାପାର ମନ୍ତ୍ରୀ ଥିବା ଏସ୍.ଏମ୍. କ୍ରିଷ୍ଣା ରବିବାର ସ୍ପଷ୍ଟ କରିଛନ୍ତି। କ୍ରିଷ୍ଣା କହିଛନ୍ତି, ରାହୁଲ ସେତେବେଳେ ପାର୍ଲାମେଣ୍ଟ କିମ୍ବା ଶାସନ କାହା ପ୍ରତି ଉତ୍ତରଦାୟୀ ନ ଥିଲେ। ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥାଇ ସୁଦ୍ଧା ମନ୍ତ୍ରଣାଳୟକୁ ନେଇ ତାଙ୍କର କିଛି ଆପତ୍ତି ନ ଥିଲା। କିନ୍ତୁ ସେତେବେଳେ ରାହୁଲ କଂଗ୍ରେସର କୌଣସି ପଦବୀରେ ନ ଥାଇ ମଧ୍ୟ ସବୁ କଥାରେ ମୁଣ୍ଡ ପୂରାଉଥିଲେ, ଯାହାକି ଅସାମ୍ବିଧାନିକ। ଏଥିଯୋଗୁ ଇସ୍ତଫା ଦେଇ ବାଙ୍ଗାଲୋର ଚାଲିଯାଇଥିବା କ୍ରିଷ୍ଣା କହିଛନ୍ତି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ରିଷ୍ଣା ମନମୋହନ ସିଂ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ। ସେ ୨୦୧୨ ଅକ୍ଟୋବର ୨୬ରେ ରାଜ୍ୟ ରାଜନୀତିକୁ ଫେରିବା ପାଇଁ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ସେତେବେଳେ କହିଥିଲେ। ୨୦୧୭ ଜାନୁୟାରୀ ୨୯ରେ କ୍ରିଷ୍ଣା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ।

### ଇତିହାସର ଆଇନାରେ

**ଫେବୃୟାରୀ ୧୧ରେ ପ୍ରମୁଖ ଘଟଣା**

୨୦୧୭ ଫେବୃୟାରୀ ୧୧ରେ ଜିଜାନ୍ ପ୍ରଦେଶର ଏକ ଶିକ୍ଷାକେନ୍ଦ୍ରରେ ଜଣେ ବ୍ୟକ୍ତି ଗୁଳିମାଡ କରିବା ଯୋଗୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜିଜାନ୍ ହେଉଛି ସୌଦି ଆରବର ଏକ ଛୋଟ ସହର। ୟେମେନ୍‌ର ଉତ୍ତରକୁ ଦକ୍ଷିଣ ଲୋହିତ ସାଗର ଉପକୂଳରେ ଏହି ରାଜ୍ୟ ୩୦୦କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି।

୧୯୭୪ ଫେବୃୟାରୀ ୧୧ରେ ସାଇପ୍ରସ୍‌ର ଲିମାସଲ୍‌ଠାରେ ଗ୍ରୀକ୍ ଏବଂ ତୁର୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଲିମାସଲ୍ ହେଉଛି ସାଇପ୍ରସ୍‌ର ଦକ୍ଷିଣ ଉପକୂଳସ୍ଥ ଏକ ସହର। ନିକୋସିଆ ପରେ ସାଇପ୍ରସ୍‌ର ଦ୍ୱିତୀୟ ବୃହତ୍ତମ ସହରାଞ୍ଚଳ ହେଉଛି ଲିମାସଲ୍। ଏହାର ଲୋକସଂଖ୍ୟା ୧,୮୩,୬୫୮।

# ହିଂସ୍ର ହେଲା ଗୁଜ୍ଜର ଆନ୍ଦୋଳନ



ଧୋଲପୁରଠାରେ ବିକ୍ଷୋଭକାରୀ ପୋଲିସ ଗାଡିରେ ନିଆଁ ଲଗାଇଦେଇଛନ୍ତି।



ଆନ୍ଦୋଳନକାରୀଙ୍କ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ ।

- ବିକ୍ଷୋଭକାରୀଙ୍କ ଗୁଳିମାଡ଼
- ବ୍ୟାପକ ଭଙ୍ଗାରୁଜା, ପୋଡ଼ାଜଳା
- ୪ ପୋଲିସ ଆହତ

**ଜୟପୁର,୧୦।୨(ପି.ଟି.)**

ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ଗୁଜ୍ଜର ସମ୍ପ୍ରଦାୟ ଶୁକ୍ରବାରଠାରୁ ଚଳାଇଥିବା ଆନ୍ଦୋଳନ ରବିବାର ହିଂସାର ରୂପ ନେଇଛି। ଧୋଲପୁର ଜିଲାରେ ଆନ୍ଦୋଳନକାରୀ ଗୁଳି ଚଳାଇବା ସହ ୩ଟି ପୋଲିସ ଗାଡ଼ି ପୋଡ଼ିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଛି।

ଆନ୍ଦୋଳନକାରୀ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ କରିଥିବାବେଳେ କେତେଜଣ ଅଜଣା ବ୍ୟକ୍ତି ୮-୧୦ ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ପରେ ଆନ୍ଦୋଳନକାରୀ ୨ଟି ପୋଲିସ ଜିପ୍ ଓ ଗୋଟିଏ ବସ୍ ଜାଳିଦେଇଥିଲେ। ଆନ୍ଦୋଳନକାରୀଙ୍କ ଢେଲାମାଡ଼ରେ ୪ ପୋଲିସ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ଲାଗି ପ୍ରଥମେ ପୋଲିସ ଲାଠିଚାର୍ଜ କରିଥିଲା ଓ ପରେ ଗୁଳି ଚଳାଇଥିଲା। ସେହିପରି ସୱାଇ-ମାଧୋପୁର ଜିଲାର ମାଲାର୍ନା ଡୁଙ୍ଗରସ୍ଥିତ ରେଳଧାରଣାରେ ଗୁଜ୍ଜରମାନେ ବସି ରହିବା ଫଳରେ ୭ ଟ୍ରେନ୍ ଚଳାଚଳ ବାତିଲ ହୋଇଥିଲାବେଳେ ୨ଟି ଆଂଶିକ ବାତିଲ ଏବଂ ଅନ୍ୟ ୯ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଶନିବାର ସରକାରଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଗୁଜ୍ଜର ନେତା କିରୋରି ସିଂ ବୈଁସଲା ଓ ତାଙ୍କ ସମର୍ଥକଙ୍କୁ ଭେଟି ଆଲୋଚନା କରିଥିଲେ ମଧ୍ୟ କୌଣସି ରାଜିନାମାରେ ପହଞ୍ଚିପାରି ନାହାନ୍ତି। ଗୁଜ୍ଜର, ରାଇକା-ରେବାରୀ, ଗଡିଆ ଲୁହାର, ବଞ୍ଜାରା ଏବଂ ଗଡରିଆ ସମ୍ପ୍ରଦାୟ ଲାଗି ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗୁଜ୍ଜର ନେତା କହିଛନ୍ତି। ଏହି ସମ୍ପ୍ରଦାୟଙ୍କୁ ୫ ପ୍ରତିଶତ କୋଟା ଦେବା ପାଇଁ ରାଜ୍ୟ ସରକାର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲେ।

ରାଜସ୍ଥାନର ଗୁଜ୍ଜର ହେଉଛନ୍ତି ଚାଷୀ ଓ ବଣିକ ସମ୍ପ୍ରଦାୟର। ସରକାର ସେମାନଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗରେ ନେଇଛନ୍ତି। ତେବେ ଅନୁସୂଚିତ ଜାତି ମାନ୍ୟତା ଦାବିରେ ସେମାନେ ଦୀର୍ଘବର୍ଷ ହେଲା ଆନ୍ଦୋଳନ କରି ଆସୁଛନ୍ତି। ୨୦୦୭ରେ ସେମାନଙ୍କର ପୋଲିସ ଓ ମୀନା ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୦୮ ମେ’୨୩ରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ଆନ୍ଦୋଳନକାରୀ ଭରତପୁର ଜିଲାରେ ଜଣେ ପୋଲିସ କର୍ମଚାରୀଙ୍କୁ ପିଟି ମାରି ଦେଇଥିଲେ। ରେଳଲାଇନ ଏବଂ ସରକାରୀ ସମ୍ପତ୍ତିର କ୍ଷତି ଉଦ୍ୟମ କରୁଥିବା ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଗୁଳି ଚଳାଇବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଥିଲା। ତା’ ପରଦିନ ଉତ୍ତ୍ୟକ୍ତ ଲୋକେ ସିକନ୍ଦ୍ରା ଥାନା ପୋଡିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୁଳିରେ ଆଉ ୧୫ ଜଣ ନିହତ ହୋଇଥିଲେ। ଫଳରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସେନାବାହିନୀକୁ ଡକାଯାଇଥିଲା। ବିକ୍ଷୋଭକାରୀ ରେଳପଥ ଓ ଜାତୀୟ ରାଜପଥ ଅବରୋଧ କରିବାରୁ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଏହା ପରେ ୨୦୧୦ରେ ପୁଣିଥରେ ଗୁଜ୍ଜର ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୧୫ରେ ମଧ୍ୟ ଅନୁରୂପ ଆନ୍ଦୋଳନ ହୋଇଥିଲା। ଗୁଜ୍ଜରମାନେ ରେଳଲାଇନରେ ବସି ରହିବାରୁ ବହୁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା। କେନ୍ଦ୍ର ସରକାର ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ପାର୍ଲାମେଣ୍ଟରେ ବିଲ୍ ଗୃହୀତ କରାଇବାର ମାସକ ପରେ ଗୁଜ୍ଜର ସମ୍ପ୍ରଦାୟ ପୁଣି ଥରେ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି।


## ଆକ୍ରମଣରେ ୨୧ ନିହତ

**କାବୁଲ,୧୦।୨**

ଆଫଗାନିସ୍ତାନର ହେଲମଣ୍ଡ ପ୍ରଦେଶରେ ଆକାଶମାର୍ଗରୁ ଆକ୍ରମଣ ଫଳରେ ମହିଳା ଓ ଶିଶୁଙ୍କ ସମେତ ୨୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସାଙ୍ଗିନ ଜିଲାର ଦୁଇଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଉକ୍ତ ଜିଲାରେ ତାଲିବାନ ସହ ନାଟୋ ଏବଂ ଆଫଗାନ ସେନାର ଜୋରଦାର ସଂଘର୍ଷ ଜାରି ରହିଛି। ଏହି ଆକ୍ରମଣରେ ଅନ୍ୟ ୫ ଜଣ ଆହତ ହୋଇଥିବା ସ୍ଥାନୀୟ ଜନପ୍ରତିନିଧି ମହମ୍ମଦ ହାଶିମ ଅଲକୋଜାଇ ରବିବାର ସୂଚନା ଦେଇଛନ୍ତି। ନିରୀହ ଲୋକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ଅଭିବ୍ୟକ୍ତି ସ୍ୱାଧୀନତା କ୍ଷୁଣ୍ଣ

### କେନ୍ଦ୍ରକୁ ସମାଲୋଚନା କରିବାରୁ ଅମୋଲ ପାଲେକରଙ୍କୁ କହିବାକୁ ଦିଆଗଲାନି



**ମୁମ୍ବାଇ,୧୦।୨(ପି.ଟି.)**

ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଅମୋଲ ପାଲେକର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାରୁ ତାଙ୍କୁ କହିବାକୁ ଦିଆଗଲା ନାହିଁ। ମୁମ୍ବାଇସ୍ଥିତ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)ରେ ଶୁକ୍ରବାର ଘଟିଥିବା ଏହି ଅଭାବନୀୟ ଘଟଣା ରବିବାର ସାମ୍ନାକୁ ଆସିଛି। ଅଭିବ୍ୟକ୍ତିର ସ୍ୱାଧୀନତା କ୍ଷୁଣ୍ଣ ହୋଇଥିବା ଦର୍ଶାଯାଇ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ପ୍ରଖ୍ୟାତ ଚିତ୍ରକର ପ୍ରଭାକର ବାରୱେଙ୍କ ସ୍ମୃତିରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ପ୍ରଦର୍ଶନୀ ‘ଇନ୍‌ସାଇଡ୍ ଦି ଏମ୍ପଟି ବକ୍ସ’ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ପାଲେକର ଭାଷଣ ଦେଉଥିଲେ। ମୁମ୍ବାଇ ଓ ବେଙ୍ଗାଲୁରୁ କେନ୍ଦ୍ରର ଆଡ୍‌ଭାଇଜୋରି କମିଟିକୁ ସଂସ୍କୃତି ମନ୍ତ୍ରଣାଳୟ ଉଚ୍ଛେଦ କରିଥିବାରୁ ଉଦ୍‌ବୋଧନ ଦେବାବେଳେ ପାଲେକର ଏହାକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଆପଣମାନଙ୍କ ମଧ୍ୟରୁ ଅନେକେ ଜାଣି ନ ଥିବେ ଯେ ଏହି ପ୍ରଦର୍ଶନୀ ହେଉଛି ସ୍ଥାନୀୟ ଉପଦେଷ୍ଟା କମିଟି ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ଶେଷ ଶୋ’। ଏନେଇ କୌଣସି ଅମଲାତନ୍ତ୍ରୀ ଅଥବା ସରକାରଙ୍କ ଏଜେଣ୍ଟ ନିଷ୍ପତ୍ତି ନେଇନାହାନ୍ତି ବୋଲି ପାଲେକର କହିଥିଲେ। ଏତିକିବେଳେ ମଞ୍ଚରେ ବସିଥିବା ଏନ୍‌ଜିଏମ୍‌ଏର ଜଣେ ସଦସ୍ୟା ତାଙ୍କୁ ଭାଷଣ ଦେବାରେ ବାରମ୍ବାର ବାଧାସୃଷ୍ଟି କରିଥିଲେ।

## କୋଲକାତା ପୋଲିସ ମୁଖ୍ୟ, ପୂର୍ବତନ ଏମ୍‌ପିଙ୍କୁ ଜେରା

**ଶିଲଂ,୧୦।୨(ପି.ଟି.)**

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା ତଥ୍ୟ ପ୍ରମାଣରେ ଜାଲିଆତି ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱିତୀୟ ଦିନ ପାଇଁ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିଛି। ଏଥିସହିତ ତୃଣମୂଳ କଂଗ୍ରେସର ପୂର୍ବତନ ଏମ୍‌ପି କୁନାଲ ଘୋଷଙ୍କୁ ମଧ୍ୟ ଜେରା କରାଯାଇଛି। ଶନିବାର ରାଜୀବ କୁମାରଙ୍କୁ ସିବିଆଇ ପାଖାପାଖି ୯ ଘଣ୍ଟା ଜେରା କରିଥିଲା। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ଗଠନ କରିଥିବା ଏସ୍‌ଆଇଟିର ମୁଖ୍ୟ ଥିଲେ ରାଜୀବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ତେବେ ରାଜୀବ ମାମଲାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣରେ ଜାଲିଆତି କରିଥିବା ସିବିଆଇ ଅଭିଯୋଗ କରିଛି। ଏହି ମାମଲାରେ ପୂର୍ବତନ ଟିଏମ୍‌ସି ଏମ୍‌ପି କୁନାଲଙ୍କୁ ୨୦୧୩ରେ ଗିରଫ କରାଯାଇଥିଲା ଏବଂ ସେ ୨୦୧୬ରେ ଜାମିନ ପାଇଥିଲେ।

## ଚନ୍ଦ୍ରାବାବୁଙ୍କ ଉପରେ ବର୍ଷିଲେ ମୋଦି
# କଂଗ୍ରେସ ସହ ମେଣ୍ଟକୁ ନେଇ ପ୍ରଶ୍ନ

**କୋଲକାତା,୧୦।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ.ଟି. ରାମାରାଓ (ଏନ୍‌ଟିଆର) ଲିଗାସୀ କଥା ଉଠାଇ କଂଗ୍ରେସ ସହ ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କର ମେଣ୍ଟ ଉଦ୍ୟମ ଉପରେ ପ୍ରଶ୍ନ କରିଛନ୍ତି। ଆନ୍ଧ୍ରକୁ କଂଗ୍ରେସମୁକ୍ତ କରିବା ଲକ୍ଷ୍ୟରେ ଏନ୍‌ଟିଆର ଟିଡିପି ଗଢ଼ିଥିଲେ। ଏବେ ଚନ୍ଦ୍ରାବାବୁ ସେହି ଦଳ ସହ ମେଣ୍ଟ କରିବାକୁ ଯାଉଛନ୍ତି, ଯାହା ଏନ୍‌ଟିଆରଙ୍କ ଆତ୍ମାକୁ ଆଘାତ ଦେଉଥିବ। ବିକାଶର କଥା କହୁଥିବା ଚନ୍ଦ୍ରାବାବୁ କେନ୍ଦ୍ରୀୟ ଅନୁଦାନର ଉପଯୁକ୍ତ ବିନିଯୋଗ କରିପାରି ନାହାନ୍ତି। ପ୍ରତିଶ୍ରୁତି ପାଳନ ଏବଂ ରାଜ୍ୟର ବିକାଶରେ ସେ ବିଫଳ ହୋଇଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ତୁଳନାରେ କେନ୍ଦ୍ର ସରକାର ଆନ୍ଧ୍ରକୁ ଅଧିକ ଅନୁଦାନ ଦେଇଛି। ଚନ୍ଦ୍ରାବାବୁ ରାଜ୍ୟର ବିକାଶ ଚିନ୍ତା ନ କରି ନିଜ ପୁଅଙ୍କ ବିକାଶ ଉପରେ ଅଧିକ ଧ୍ୟାନ ଦେଉଥିବା ମୋଦି ସମାଲୋଚନ କରିଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଏହାର କଡା ଜବାବ ଦେଇଛନ୍ତି। ସ୍ୱାମୀ ପରିତ୍ୟକ୍ତା ମୁସଲମାନ ମହିଳାଙ୍କ ସହାୟତା ଲାଗି ମୋଦି ତିନି ତଲାକ ଆଇନ ଆଣିବା କଥା କହୁଥିବାବେଳେ ନିଜ ସ୍ତ୍ରୀ ଯଶୋଦା ବେନ୍‌ଙ୍କ ସମ୍ପର୍କରେ କେହି ପଚାରିଲେ କାହିଁକି ନୀରବ ବୋଲି ଚନ୍ଦ୍ରାବାବୁ ପ୍ରଶ୍ନ କରିଛନ୍ତି।

## ଫୁରସତ

### ଦୁର୍ଘଟଣା ପରେ ଡ୍ରାଇଭିଂ ଲାଇସେନ୍ସ ଫେରାଇଲେ ପ୍ରିନ୍ସ ଫିଲିପ୍

**ଲଣ୍ଡନ:** ପରିଣତ ବୟସରେ କାର୍ ଚଳାଇ ଦୁର୍ଘଟଣା ଘଟାଇବା ପରେ ପ୍ରିନ୍ସ ଫିଲିପ୍ (୯୭) ତାଙ୍କର ଡ୍ରାଇଭିଂ ଲାଇସେନ୍ସ ପୋଲିସକୁ ହସ୍ତାନ୍ତର କରିଛନ୍ତି। ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସ୍ୱାମୀ ଫିଲିପ୍ ଲ୍ୟାଣ୍ଡ ରୋଭର ଗାଡ଼ିକୁ ପାର୍ଶ୍ୱବର୍ତ୍ତୀ ରାସ୍ତାରୁ ମୁଖ୍ୟରାସ୍ତାକୁ ନେଉଥିବାବେଳେ ଏକ କାର୍‌କୁ ଧକ୍କା ଦେଇଥିଲେ।




କାର୍‌ରେ ଯାତ୍ରା କରୁଥିବା ଟାଉନ୍‌ସେଣ୍ଡ ନାମକ ଜଣେ ଶିକ୍ଷକ ଏବଂ ତାଙ୍କ ବନ୍ଧୁ ଏମା ଫେୟାରୱେଦର ଆହତ ହୋଇଥିଲେ। ଏହି ଦୁର୍ଘଟଣା ନେଇ ଜାନୁୟାରୀ ୧୭ରୁ ନର୍‌ଫକ୍ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବୃଦ୍ଧ ବୟସରେ ବେପରୁଆ ଗାଡ଼ି ଚାଳନାଜନିତ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ପ୍ରିନ୍ସ ଫିଲିପ୍ ସ୍ୱତଃସ୍ଫୂର୍ତ୍ତ ଭାବେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଶନିବାର ପୋଲିସ ଅଧିକାରୀଙ୍କଠାରେ ସମର୍ପଣ କରିଥିବା ଜଣାଯାଇଛି। ଏହି ଦୁର୍ଘଟଣାର ତଦନ୍ତ ରିପୋର୍ଟ କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ୍ ନିକଟକୁ ପଠାଇ ଦିଆଯାଇଥିବା ନର୍‌ଫକ୍ ପୋଲିସ ପ୍ରବକ୍ତା କହିଛନ୍ତି।

### କୁମ୍ଭମେଳାରେ ୯ ବିଦେଶୀଙ୍କୁ ‘ମହାମଣ୍ଡଳେଶ୍ୱର’

**ପ୍ରୟାଗରାଜ:** ଜାନୁୟାରୀ ୧୫ ମକର ସଂକ୍ରାନ୍ତି ତିଥିରେ କୁମ୍ଭମେଳା ପ୍ରଥମସ୍ନାନ ସହିତ ଆରମ୍ଭ ହୋଇଥିଲା। ଏହା ମାର୍ଚ୍ଚ ୪ ମହା ଶିବରାତ୍ରିରେ ସମ୍ପନ୍ନ ହେବ। ଶନିବାର କୁମ୍ଭମେଳାରେ ନିର୍ମୋହୀ ଆଖଡା ଦ୍ୱାରା ୯ଜଣ ବିଦେଶୀ ନାଗରିକଙ୍କୁ ମହାମଣ୍ଡଳେଶ୍ୱର ଉପାଧି ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ସନାତନ ଧର୍ମର ପ୍ରଚାର ପ୍ରସାର କରିବା ଉକ୍ତ ଉପାଧି ପ୍ରଦାନର ଉଦ୍ଦେଶ୍ୟ। ଚଳିତବର୍ଷ ପ୍ରଥମଥର ପାଇଁ କୁମ୍ଭମେଳାରେ ୯ ବିଦେଶୀଙ୍କୁ



ସନାତନ ଧର୍ମରେ ଦୀକ୍ଷିତ କରାଯାଇଛି। ରବିବାର ବସନ୍ତ ପଞ୍ଚମୀ ତିଥି ତଥା ଶେଷ ‘ଶାହି ସ୍ନାନ’ରେ ପ୍ରାୟ ୨କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଂଗମରେ ପବିତ୍ର ବୁଡ଼ ପକାଇଥିଲେ। ଏହି ତିଥିରେ ୩ଥର ବୁଡ ପକାଇଲେ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ଆଶୀର୍ବାଦ ଲାଭ କରିହୁଏ ବୋଲି ବିଶ୍ୱାସ ରହିଛି। କୁମ୍ଭମେଳା ପାଇଁ ଉତ୍ତରପ୍ରଦେଶ ପୋଲିସ କଡା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଛି। ସଙ୍ଗମ ସିଟିର ୩,୨୦୦ ହେକ୍ଟର ପରିମିତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।


| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୩.୭ |
| ଚାନ୍ଦବାଲି | ୨୬.୨ | ୧୭.୫ |
| କଟକ | ୨୮.୫ | ୧୫.୫ |
| ପାରାଦ୍ୱୀପ | ୨୬.୫ | ୧୯.୨ |
| ଭୁବନେଶ୍ୱର | ୨୯.୬ | ୧୮.୦ |
| ଗୋପାଳପୁର | ୨୮.୦ | ୧୯.୦ |
| ପୁରୀ | ୨୭.୮ | ୧୮.୬ |
| ଅନୁଗୋଳ | ୨୮.୭ | ୧୨.୦ |
| ବାରିପଦା | ୨୭.୦ | ୧୪.୫ |
| ଝାରସୁଗୁଡ଼ା | ୨୬.୮ | ୦୯.୭ |
| କେନ୍ଦୁଝର | ୨୬.୬ | ୧୨.୧ |
| ସମ୍ବଲପୁର | ୨୮.୨ | ୧୧.୩ |
| ସୁନ୍ଦରଗଡ଼ | ୨୮.୫ | ୧୨.୫ |
| ହୀରାକୁଦ | ୨୭.୭ | ୧୩.୬ |
| ତାଳଚେର | --- | ୧୪.୦ |
| ଭବାନୀପାଟଣା | ୨୮.୫ | ୧୧.୫ |
| ବଲାଙ୍ଗୀର | ୨୯.୦ | ୧୨.୦ |
| କୋରାପୁଟ | ୨୯.୦ | ୧୧.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୧.୦ |
| ମାଲକାନଗିରି | ୩୪.୫ | ୧୧.୦ |
| ସୋନପୁର | ୩୩.୨ | ୧୩.୪ |
| ଦାରିଙ୍ଗିବାଡ଼ି | ୨୬.୦ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ତନୁଶ୍ରୀଙ୍କୁ ହାୱାର୍ଡର ନିମନ୍ତ୍ରଣ



**ବୋଷ୍ଟନ:** ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତାଙ୍କୁ ବୋଷ୍ଟନସ୍ଥିତ ହାୱାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ୧୬ରେ ଆୟୋଜିତ ହେଉଥିବା ଇଣ୍ଡିଆ କନ୍‌ଫରେନ୍ସ ୨୦୧୯ରେ ସେ ଉଦ୍‌ବୋଧନ ଦେବେ ବୋଲି ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। ଭାରତରେ ‘#ମି ଟୁ’ ଅଭିଯାନ ଆରମ୍ଭ କରିଥିବା ଏହି ଅଭିନେତ୍ରୀ ତାଙ୍କ ଅନୁଭୂତି ବିଷୟରେ ବକ୍ତୃତା ଦେବେ। ହାୱାର୍ଡ ବିଜନେସ୍ ସ୍କୁଲ୍ ଏବଂ ହାୱାର୍ଡ କେନେଡି ସ୍କୁଲ୍‌ର ଗ୍ରାଜୁଏଟ୍ ଛାତ୍ରଙ୍କ ଦ୍ୱାରା ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ୨୦୧୮ ଅକ୍ଟୋବରରେ ତନୁଶ୍ରୀ ଏକ ପୁରୁଣା ଘଟଣାକୁ ନେଇ ଅଭିନେତା ନାନା ପାଟେକରଙ୍କ ନାମରେ ଅଭିଯୋଗ ଆଣିଥିଲେ। ୨୦୦୮ର ଫିଲ୍ମ ‘ହର୍ନ ଓକେ ପ୍ଲିଜ୍’ ଶୁଟିଂ ସେଟ୍‌ରେ ନାନା ତାଙ୍କୁ ଯୌନ ଉତ୍ପୀଡନ ଦେଇଥିବା ତନୁଶ୍ରୀ ଅଭିଯୋଗ କରିଥିଲେ। ଏହା ଭାରତରେ #ମି ଟୁ ଆନ୍ଦୋଳନ ସୃଷ୍ଟିକରିବା ସହିତ ତାଙ୍କ ପରେ ଅନେକ ମହିଳା ସେମାନଙ୍କ ପ୍ରତି ପୂର୍ବରୁ ହୋଇଥିବା ଯୌନ ଉତ୍ପୀଡନ ଲୋକଲୋଚନକୁ ଆଣିଥିଲେ। ତନୁଶ୍ରୀ ଚଳିତବର୍ଷ ପ୍ରାରମ୍ଭରେ ଆମେରିକା ଫେରିଯାଇଛନ୍ତି। #ମି ଟୁ ଅଭିଯାନ ପୂର୍ବରୁ ଯେପରି ସ୍ୱାଭାବିକ ଜୀବନଯାପନ କରୁଥିଲେ ତାହା ସେ ସେଠାରେ ଜାରି ରଖିବେ ବୋଲି ସେ କହିଛନ୍ତି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ
-କାର୍ଲାଇଲ





ମାଲକାନଗିରି ଘଡେଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟରେ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା ।



ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟରେ ସରସ୍ୱତୀଙ୍କ ପୂଜା ।



ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ପୂଜା ।

# ବାଗ୍‌ଦେବୀଙ୍କୁ ପୂଜିଲେ ଛାତ୍ରୀଛାତ୍ର

**ଚିତ୍ରକୋଣ୍ଡା/ପାଣ୍ଡ୍ରିପାଣି, ୧୦।୨(ଡି.ଏନ.ଏ.)**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା ରବିବାର ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ସହରରେ ଥିବା ଗୁଡମର୍ନିଂ ପ୍ଲେ ସ୍କୁଲ, ଡ଼ିଏଭି ଗୁରୁକୁଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କନ୍ୟାଶ୍ରମ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢେପସାହି ପ୍ରାଥମିକ ବିଦ୍ୟାଳୟ, ଗୋଜିଆଗୁଡା ପ୍ରକଳ୍ପ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଓ ଡ଼ିଆଇଇଟି ସିଟି ସ୍କୁଲରେ ମା'ଙ୍କ ପୂଜା ପାଳିତ ହୋଇଛି। ସେହିପରି ଚିତ୍ରକୋଣ୍ଡାର ୧୮ ଟି ପଞ୍ଚାୟତର ସମସ୍ତ ବିଦ୍ୟାଳୟରେ ମଧ୍ୟ ସରସ୍ୱତୀ ପୂଜା ପାଳିତ ହୋଇଛି। ପାଣ୍ଡ୍ରିପାଣି, ବୀରଲକ୍ଷ୍ମଣପୁର, ମାର୍କାପାଲି, ଗଙ୍ଗଲା, ପେଦାୱାଡା ଓ ସେରପାଲି ପଞ୍ଚାୟତ ରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଦାତ୍ରୀ ସରସ୍ୱତୀ ପୂଜା ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ନୂତନ ପୋଷାକ ପରିଧାନ କରି ପୂଜାର୍ଚ୍ଚନା କରିଛନ୍ତି ।



ଚିତ୍ରକୋଣ୍ଡା ଆଦର୍ଶ ବିଦ୍ୟାଳୟରେ ବେଲୁନ୍ ବଳୟରେ ମା' ସରସ୍ୱତୀ ।

■ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

# ଭାଷା, ସଂସ୍କୃତି ସମ୍ପର୍କରେ ଜ୍ଞାନ ଆହରଣ ଲାଗି ପରାମର୍ଶ

**ମାଲକାନଗିରି, ୧୦।୨ (ଡି.ଏନ୍.ଏ.)**

ମାଲକାନଗିରି ସଦର ମହକୁମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସଙ୍କ

ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଏସ୍.ପି. ଜଗମୋହନ ମୀନା, ମୁଖ୍ୟବକ୍ତା କାର୍ତ୍ତିକ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସଭାପତି ଅନଙ୍ଗ କୁମାର ମହାପାତ୍ର, ଉପସଭାପତି ବ୍ରଜକିଶୋର ପାଳ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସରସ୍ୱତୀଙ୍କ ପୂଜାର୍ଚ୍ଚନା ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ ସହ ଆଚରଣ, ଉଚ୍ଚାରଣ ଏବଂ ଓଡିଆ ଭାଷା, ସଂସ୍କୃତି ସମ୍ପର୍କରେ ଅଧିକ ଜ୍ଞାନ ଆହରଣ ଲାଗି ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ମତ ଦେଇଥିଲେ। ପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଭିଭାବକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି ।

## ଭାଲୁଗୁଡାରେ ନାମଯଜ୍ଞ

**ପାଣ୍ଡ୍ରିପାଣି, ୧୦।୨(ଡି.ଏନ.ଏ.)**

ମାଲକାନଗିରି ବ୍ଲକ ପାଣ୍ଡ୍ରିପାଣି ଗ୍ରାମପଞ୍ଚାୟତର ଭାଲୁଗୁଡା ଗ୍ରାମରେ ରବିବାରଠାରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଭାଲୁଗୁଡା, କଣ୍ଡିକିଗୁଡା, ମୁକାଗୁଡା, ପାକନାଗୁଡା, କୁମ୍ଭାରଗୁଡା, ଭଣ୍ଡାରିପାଙ୍ଗାମ, ନାୟକଗୁଡା, ଗୁନିଆଗୁଡା, ରାଉଳିଗୁଡା ଓ ଶ୍ରୀପେଟାରୁ ସଂକୀର୍ତ୍ତନ ଦଳ ଏଥିରେ ଭାଗ ନେଇଛନ୍ତି । ଯଜ୍ଞ ପରେ ସଙ୍କୀର୍ତ୍ତନ ଦଳ ଗ୍ରାମ ପରିକ୍ରମା କରି ଦଧିହାଣ୍ଡି ଭଙ୍ଗାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଭାଲୁଗୁଡା ସଂକୀର୍ତ୍ତନ ଦଳର ସଭାପତି ହରିହର ନାୟକ ଓ ସମ୍ପାଦକ ପ୍ରଣୟ କିଶୋର ମହାପାତ୍ର କହିଛନ୍ତି ।

■ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

# ଖବରଦାତା ଦେଲେ ସଚେତନ ବାର୍ତ୍ତା

**ମାଲକାନଗିରି, ୧୦।୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ପରିବହନ ବିଭାଗ ପକ୍ଷରୁ ଶନିବାରଠାରୁ ସଡକ ସୁରକ୍ଷା ସପ୍ତାହ ଅବସରରେ ଚାଲିଥିବା ଜିଲାସ୍ତରୀୟ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମାଲକାନଗିର ସଦର ମହକୁମା କାର୍ଯ୍ୟରତ ୪୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ପରିବହନ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଚାଳକମାନଙ୍କୁ ସଡକ ସୁର କ୍ଷା ସମ୍ପର୍କରେ ସଚେତନ କରିଥିଲେ। ଶୋଭାଯାତ୍ରା ଡି.ଏନ୍.କେ. ଛକ, ବାଲିମେଳା ଛକ, ବସ୍‌ଷ୍ଟାଣ୍ଡ, ମେଡିକାଲ ଛକ, କଲେଜ ଛକ ଦେଇ ସଂସ୍କୃତି ଭବନଠାରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ନିର୍ବାହୀଯନ୍ତ୍ରୀ ଏନ୍.ବି. ହରିହର ରାଓ, ପୂର୍ତ୍ତ ବିଭାଗ ନିର୍ବାହଯନ୍ତ୍ରୀ ଅରୁଣ କୁମାର ସାହୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର, ଡି.ଏସ୍.ପି. ଚିନ୍ମୟ ନାୟକ ପ୍ରମୁଖ ଯୋଗ ଦେଇ ସଡକ ସୁରକ୍ଷା ସମ୍ପର୍କିତ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲା ପରିବହନ ଅଧିକାରୀ ପ୍ରହଲ୍ଲାଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରଥିଲେ। ସଡକ ସୁରକ୍ଷା ସପ୍ତାହ ନେଇ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଚିତ୍ରକୋଣ୍ଡା, ୧୦।୨(ଡି.ଏନ.ଏ.)**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ କ୍ରୀଡ଼ା ପରିଚାଳନା କରିଥିଲେ। କ୍ରୀଡା ଅନ୍ତର୍ନିହିତ ଗୁଣାବଳୀର ବିକାଶ କରେ। ଏହା ମାଧ୍ୟମରେ ଶାରୀରିକ ତଥା ମାନସିକ ବିକାଶ ହୋଇଥାଏ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ପରାମର୍ଶ ଦେଇଥିଲେ।

# ମାଣ୍ଡିଆ, ସୁଆଁ ଖାଦ୍ୟ ମେଳା

**ଉମରକୋଟ, ୧୦।୨(ଡି.ଏନ୍.ଏ.)**

ଉମରକୋଟ ବ୍ଲକ୍ ସାନକୁମାରୀ ଅଞ୍ଚଳରେ ମା' ଭଣ୍ଡାର ଘରଣୀ ଜୈବିକ କୃଷକ ମହାସଂଘ ଅନୁକୂଲ୍ୟରେ ସମର୍ପଣ ସେବା ସଂସ୍ଥାନ ମହିଳା ସମିତି ତରଫରୁ ସୁଆଁ ଓ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଲିଭ୍ ଆଣ୍ଡ ଲେଟ୍ ଲିଭ୍(ଲାଲ) ସହାୟକ ସଂସ୍ଥା ନବରଙ୍ଗପୁର ଶାଖା ମୁଖ୍ୟ ସୁଧିର ରଞ୍ଜନ ବାରିକ ଯୋଗଦେଇ ମାଣ୍ଡିଆ ଓ ସୁଆଁ ନବରଙ୍ଗପୁର ଜିଲାର ଏକ ପାରମ୍ପରିକ ଚାଷ ବୋଲି କହିଛନ୍ତି। ବର୍ତ୍ତମାନ ଏହି ଚାଷକୁ ଗୁରୁତ୍ୱ ଦିଆଯାଉ ନାହିଁ। ଏହା ହ୍ରାସ ପାଇବାରେ ଲାଗିଛି। ଏଥିପାଇଁ ଚାଷୀମାନଙ୍କୁ ସୁଆଁ ଏବଂ ମାଣ୍ଡିଆ ଚାଷ ସମ୍ପର୍କରେ ସଚେତନ କରାଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ମେଳାରେ କୃଷି ପରାମର୍ଶଦାତା ରଶ୍ମିରଞ୍ଜନ ସାହୁ ସୁଆଁ ଏବଂ ମାଣ୍ଡିଆର ଉତ୍ତମ ବିହନ ଚାଷ କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି। ମେଳାରେ ମାଣ୍ଡିଆ ପ୍ରସ୍ତୁତ ପିଠା ଏବଂ ସୁଆଁ ଖିରି ଉପସ୍ଥିତ ଲୋକମାନଙ୍କୁ ସେବନ କରିବାକୁ ଦିଆଯାଇଥିଲା। ଉମରକୋଟ ପ୍ରାଣୀ ଚିକିତ୍ସକ ପ୍ରକାଶ ମହାନ୍ତି, ଡାକ୍ତର ସୌମ୍ୟରଞ୍ଜନ ପତି, ସାମାଜିକ କାର୍ଯ୍ୟକର୍ତ୍ତା ମାନସ ଭୌମିକ, ମୋତି ଭୌମିକ , ରାଜେଶ ମହାନ୍ତି , ବିନୋଦ ସିଂ ଠାକୁର ମେଳାରେ ସାମିଲ ଥିଲେ।





ମେଳା ମଞ୍ଚରେ ଉପସ୍ଥିତ ଅତିଥି ।

■ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

# ଅଭିଯୋଗ ଶୁଣିବାକୁ କେହି ନାହାଁନ୍ତି

**ପୋଲସରା, ୧୦।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୋଲସରା ସହରର ପୁରୁଣା ଷ୍ଟେଟବ୍ୟାଙ୍କ ଛକ ଆଗରେ ରହିଛି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ଏଠାରେ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ, ୩ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟରତ। ପୋଲସରା ବ୍ଲକର ୨୬ ପଞ୍ଚାୟତ ଓ ଏନ୍‌ଏସିର ଜନସାଧାରଣଙ୍କ ଗମନାଗମନର ସୁବିଧା ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀନରେ ରାସ୍ତାଘାଟ ନିର୍ମାଣ ସହ ମରାମତି ଓ ବହୁ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଏହି କାର୍ଯ୍ୟାଳୟରୁ ହୋଇଥାଏ। ମାତ୍ର ଜାନୁୟାରୀ ୨୬ ଓ ଅଗଷ୍ଟ ୧୫କୁ ଛାଡିଦେଲେ ଅନ୍ୟଦିନମାନଙ୍କରେ ପ୍ରାୟତଃ କାର୍ଯ୍ୟାଳୟ ବନ୍ଦ ରୁହେ। ଉପରିସ୍ଥ ଅଧିକାରୀ ଆସିବାକୁ କେଉଁଦିନ ଯଦି ଖବର ଦିଅନ୍ତି ତେବେ କାର୍ଯ୍ୟାଳୟ ଖୋଲେ। ନଚେତ୍ ଅନ୍ୟଦିନମାନଙ୍କରେ ୪ର୍ଥ ଶ୍ରେଣୀ କର୍ମଚାରୀ କେବଳ ପ୍ରବେଶ ପଥର ଫାଟକ ଖୋଲି କାର୍ଯ୍ୟାଳୟ ଭିତରେ ବସିଥାନ୍ତି। ନିମ୍ନମାନର ରାସ୍ତା କାମ ନେଇ ଅଭିଯୋଗ କରିବାକୁ ଆସିଲେ ଯନ୍ତ୍ରୀଙ୍କ ଦେଖା ମିଳେନାହିଁ। ଫୋନ୍ କଲେ ମୋବାଇଲ ସୁଇଚ୍ ଅଫ୍।

ପ୍ରକାଶ ଯେ, ତୁଙ୍କାପଡ଼ା ଗ୍ରାମର ପୂର୍ବତନ ମହିଳା ସରପଞ୍ଚ ଆରତୀ ଦେବୀ କିଛିଦିନ ତଳେ ଅଭିଯୋଗ କରିବାକୁ ବହୁବାର ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଦେଖା ପାଇନଥିଲେ। ଶେଷରେ ବାଧ୍ୟହୋଇ ଜନସାଧାରଣଙ୍କୁ ନେଇ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପରେ କିଛିଦିନ ସବୁ ଠିକ୍ ଚାଲିଲା। ଏବେ ପୁଣି ପୂର୍ବ ଅବସ୍ଥା। ସମସ୍ୟା ସମ୍ପର୍କରେ ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ଯୋଗାଯୋଗ ବେଳେ କହିଥିଲେ କାର୍ଯ୍ୟାଳୟରେ ରହୁଛୁ ବୋଲି ଯନ୍ତ୍ରୀମାନେ ମୋତେ କହିଥାନ୍ତି। ମାତ୍ର ଅଫିସ ଆସୁ ନ ଥିବା କେହି କେବେ ଅଭିଯୋଗ କରିନାହାନ୍ତି। ମୁଁ ସେମାନଙ୍କୁ ତାଗିଦ୍ କରି କାର୍ଯ୍ୟାନୁଷ୍ଠାନ ନେବି।

OFFICE OF THE CHILD DEVELOPMENT PROJECT OFFICER, BADAMBA

QUOTATION CALL NOTICE

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 19.02.2019. For details visit Website **www.cuttack.nic.in.**

**Sd./- Child Dev. Project Officer, Badamba**

TENDER CALL NOTICE

**No.105** **Date.08.02.2019**

Regulated Market Committee, Digapahandi invites tender in online mode from the approved Contractors of appropriate Class for the Work "Development of Infrastructure & Allied Works in Different Market Yard under RMC, Digapahandi" Detailed Tender Notice along with conditions contract and notice inviting tender may be seen and downloaded from the website **www.tenderodisha.gov.in** from 17.00 hours of 09.02.2019 to 17.00 hours of 26.02.2019 and the opening of tender would be 11.00 hours on 27.02.2019.

**Sd./-**
**Sub- Collector, Berhampur-cum-Chairman, RMC, Digapahandi**

OFFICE OF THE PANCHAYAT SAMITI, CHITRAKONDA

**No. 492/ III-32/2019** **Dated 07.02.2019**

TENDER CALL NOTICE

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms/ Suppliers of Odisha State P.W.D. (R&B)/ C.P.W.D/ Water Resources/ Rural Works/ M.I. having authorized dealership in agreement in F-2 contract forms of Govt. of Odisha. The details of commodities given below. The tenderer has to submit the sealed tender paper in complete shape with details i.e. (1) EPM Regd. Certificate, (2) EM-II, (3) DIC PMT, (4) GSTIN Certificate, (5) VAT Clearance, (6) PAN Card, (7) GSTIN Certificate, (8) Drawing & Specification through Registered Post/Speed Post addressing to this official Postal address i.e. **Block Develpment Officer, Chitrakonda, At/PO: Chitrakonda, Dist: Malkangiri, Pin No: 764052.** The last date of receipt of tender paper is 22.02.2019 upto 1.00 PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 22.02.2019 at 3.00 PM.

| Sl. No. | Name of the Block | Name of the Com-modities | Tender value in Rs. | Cost of article | Size of article |
|---|---|---|---|---|---|
| 1 | Chitra-konda | Supply of 60 Nos. double decker bed | Rs. 5,66,000/- | 60 Nos. Rs. 9300/- each | Size 80" (Length) x 34" (width) x 60" (Height) Bed frame- 75" (Length) x 33" (Width) Bed- 19 mm thick plywood ISI Marked Size- 72" (Length) x 30" (Width) |

**NB:-** The details terms and condition of this tenders will be available in this Panchayat Samiti office during working hour.

**Sd./- Block Development Officer, Chitrakonda**

ରେଳ ବିକାଶ ନିଗମ ଲିମଟେଡ୍
"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"
"ସର୍ବସାଧାରଣ ବିଜ୍ଞପ୍ତି"

ସମ୍ବଲପୁର ଏବଂ ୱାଲଟିଅର ଡିଭିଜନ, ପୂର୍ବତଟ ରେଳପଥର ନିମ୍ନଲିଖିତ ୩ୟ ଲାଇନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନର ରେଳ ଧାରଣା ଏବଂ ପରିସରର ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ନିମ୍ନଦର୍ଶିତ ସେକ୍ସନ ନିକଟରେ ପ୍ରଦାନ କରାଯାଇଥିବା ତାରିଖ ପରଠାରୁ ୨୫୦୦୦ ଭୋଲ୍ଟ, ଏବ୍‌ଜେଡ୍, ଏସି ଓଭରହେଡ୍ ଟ୍ରାକ୍ସନ୍ ଓୟାରଗୁଡିକୁ ଶକ୍ତି ପ୍ରଦାନ କରାଯିବ । ଏହି ତାରିଖଠାରୁ ସେହି ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟ ପାଇଁ ଜିବନ୍ତ ଭାବେ ବିବେଚିତ କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ପରିସରରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସାଇଜ୍ ସେକ୍ସନ | ତାରିଖ |
|---|---|
| ଟିଟିଲାଗଡ଼ (ବହିର୍ଭୂତ) - ଜିମିଡ଼ିପେଟା (ଅନ୍ତର୍ଭୁକ୍ତ) ୩ୟ ଲାଇନ୍ କିମି ୨୦୨.ସିଏଚ୍.୬୮୬ରୁ କିମି ୩୫୭ ସିଏଚ୍.୨୭୮ | ୧ ମାର୍ଚ୍ଚ ୨୦୧୯ |

ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ),
ରେଳ ବିକାଶ ନିଗମ ଲିମିଟେଡ୍, ୱାଲ୍‌ଟିଅର

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD, IDCO MSME-I BHUBANESWAR
Tender Call Notice No. 168 Dated :- 07.02.2019

SHORT TENDER CALL NOTICE

| | |
|---|---|
| Name of the Work | : Repair, Maintenance and Improvement of Balance Drain at Industrial Estate, Rasulgarh, Bhubaneswar |
| Estimated Cost of the Work | : Rs.829012.00 (including 12%GST) |
| Period of Completion | : One Month |
| EMD Amount | : Rs. 8,290.00 |
| Cost of Bid Document | : Rs.4000.00+GST@18% |
| Date of Availability of Tender Paper | : Dt: 12.02.2019 to Dt: 14.02.2019 |
| Last Date of Submission of Tender | : Dt: 16.02.2019 up 15.00 hours |
| Date of Opening of Tender | : Dt: 16.02.2019 at 16.00 hours |
| Procurement Officer | : Divisional Head, MSME-I, IDCO, Bhubaneswar |

Further details of tender call notice can be seen in the IDCO Website www.idco.in or Contact Dy. Manager(Civil), Sri Sachikanta Sahoo, Telephone No.: 7978693320(M).
Sd/-
Divisional Head, MSME-I, IDCO, Bhubaneswar

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.
RFP Call Notice No. IDCO/H.O./P&C/ESTIE-908/01/2018/2396 Dated :- 08.02.2019

NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement

1. Name of the Work : Procurement of PVC-O (Oriented PVC) pipes.
2. Completion Period : 09 (Nine) Calendar Months
3. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. PC-EST-E- 78 / 2018-19 | 14.02.2019 at 16.00 hrs. | 01.03.2019 upto 17.00 hrs. |

Further details can be seen from the e-Procurement Portal. www.tendersodisha.gov.in. Corrigendum or addendum if any will not be published in news papers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.
Sd/-
Chief General Manager (P&C) I/C
IDCO, Bhubaneswar



ଇଂ. ମାୟାଧର ସ୍ୱାଇଁ



# ଏକ ସଫଳ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ପରିସମାପ୍ତି

ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ୨୦୦୯ ମାର୍ଚ୍ଚ ୭ ତାରିଖରେ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଥିଲା। ଏହା ପୃଥିବୀ ପୃଷ୍ଠରୁ ୧୫୦ ନିୟୁତ କିମି ଉଚ୍ଚରେ ସୂର୍ଯ୍ୟକୁ ପ୍ରତି ୩୭୨.୫ ଦିନରେ ଥରେ ପରିକ୍ରମଣ କରୁଛି। ଯାନର ଲମ୍ବ ଓ ଓସାର ଯଥାକ୍ରମେ ହେଉଛି ୪.୭ ମିଟର ଓ ୨.୭ ମିଟର। ଏହି ଦୂରବୀକ୍ଷଣ ଯନ୍ତ୍ରର ମୁଖ୍ୟ ଦର୍ପଣର ବ୍ୟାସ ହେଉଛି ୧.୪ ମିଟର। ଏଥିରେ କେବଳ ଗୋଟିଏ ଯନ୍ତ୍ର ଖଞ୍ଜାଯାଇଛି। ଏହା ହେଉଛି ଗୋଟିଏ ଶକ୍ତିଶାଳୀ ଫଟୋମିଟର ବା କ୍ୟାମେରା। ଏହାର ନାମ ହେଉଛି 'କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର'। ବିଶିଷ୍ଟ ଜର୍ମାନୀ ଜ୍ୟୋତିର୍ବିଦ୍ ଜୋହାନ୍ସ କେପ୍‌ଲରଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି।

ସୌରଜଗତ ବାହାରେ ଥିବା ଗ୍ରହଗୁଡିକୁ ଚିହ୍ନଟ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ପୁନଶ୍ଚ ବିଶ୍ୱର ଅନ୍ୟ କେଉଁ ନକ୍ଷତ୍ର ଚାରିପଟେ ପୃଥିବୀ ପରି ଗ୍ରହ ଅଛି। ତାହାର ଅନୁସନ୍ଧାନ କରିବା ଏହାର ଲକ୍ଷ୍ୟ ଥିଲା। ଆରମ୍ଭରୁ ଏହା ସାଢ଼େ ତିନି ବର୍ଷ ପାଇଁ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିଲା। ଆକାଶରେ ସିଗନସ୍ ନକ୍ଷତ୍ରମଣ୍ଡଳ ନିକଟରେ ଥିବା ୧୫୦୦୦୦ଟି ନକ୍ଷତ୍ରକୁ ଅନବରତ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକର ଗ୍ରହକୁ ଅଧ୍ୟୟନ କରିବା ଏହାର ଲକ୍ଷ୍ୟ ଥିଲା।

କେପ୍‌ଲର ମହାକାଶରେ ସଫଳତାର ସହ କାର୍ଯ୍ୟ କରି ଏହାର ଈପ୍‌ସିତ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି। ଏହାର କାର୍ଯ୍ୟକାଳ ସାଢ଼େ ତିନି ବର୍ଷ ଠିକ୍ କରାଯାଇଥିଲେ ସୁଦ୍ଧା ଏହା ସାଢ଼େ ନଅ ବର୍ଷ କାର୍ଯ୍ୟ କରି ଅନେକ ନକ୍ଷତ୍ର, ଗ୍ରହ ସୁପରନୋଭା ଆଦି ଆବିଷ୍କାର କରିଛି। ଶେଷରେ ଏହାର ଇନ୍ଧନ ଶେଷ ହୋଇଯିବାରୁ ନାସା ଗତବର୍ଷ ଅକ୍ଟୋବର ୩୦ ତାରିଖରେ ଏହାର କାର୍ଯ୍ୟକାଳ ଶେଷ ହୋଇଛି ବୋଲି ଘୋଷଣା କଲା।

କେପ୍‌ଲର ତା'ର କାର୍ଯ୍ୟକାଳ ମଧ୍ୟରେ ୨୬୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛି। ଏଥିମଧ୍ୟରୁ କେତୋଟି ଗ୍ରହ ହେଉଛି ଆମ ପୃଥିବୀ ଆକାରର ଏବଂ ଏଗୁଡ଼ିକ ମଧ୍ୟ ପୃଥିବୀ ଭଳି ପଥୁରିଆ ଗ୍ରହ। ଏଥିମଧ୍ୟରୁ କେତେକ ଗ୍ରହ ସେମାନଙ୍କ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ'ରେ ଥିବାରୁ ସେଗୁଡ଼ିକରେ ଜୀବଜଗତ ଥିବାର ସମ୍ଭାବନା ଅଛି। ଗୋଟିଏ ନକ୍ଷତ୍ରର କୌଣସି ଗ୍ରହରେ ଜୀବଜଗତର ଉଦ୍ଭବ ନକ୍ଷତ୍ରଠାରୁ ଏହାର ନିର୍ଦ୍ଦିଷ୍ଟ ଦୂରତା ଉପରେ ନିର୍ଭର କରେ। ଏହାକୁ ବାସଯୋଗ୍ୟ ଅଞ୍ଚଳ କୁହାଯାଏ। ଏହି ଅଞ୍ଚଳର ତାପମାତ୍ରା ଅଧିକ କିମ୍ବା କମ୍ ହୋଇ ନ ଥାଏ। ଏବଂ ଏହାର ଜୀବଜଗତ ପାଇଁ ଉପଯୁକ୍ତ ହୋଇଥାଏ। ପୁନଶ୍ଚ ଏହି ତାପମାତ୍ରାରେ ସେଠାରେ ଜଳ ତରଳ ଅବସ୍ଥାରେ ଥାଏ। ସୌରଜଗତରେ କେବଳ ପୃଥିବୀ ବାସଯୋଗ୍ୟ ଅଞ୍ଚଳରେ ଅଛି ଏବଂ ଫଳରେ ଏଠାରେ ଏକ ଉନ୍ନତ ଜୀବଜଗତ ଗଢ଼ି ଉଠିଛି। କେପ୍‌ଲର ପଠାଇଥିବା ତଥ୍ୟରୁ ଏହିପରି ବାସଯୋଗ୍ୟ ଅଞ୍ଚଳରେ ଥିବା କେତେକ ଗ୍ରହକୁ ଠାବ କରାଯାଇଛି। ସେସବୁରେ ଜୀବଜଗତ ଅଛି ନା ନାହିଁ, ତାହା ଏବେ ଅଧ୍ୟୟନ କରାଯାଉଛି।



**କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍‌ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି...**

କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍‌ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି।

କେପ୍‌ଲର ଆବିଷ୍କାର କରିଥିବା ଗ୍ରହଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ପ୍ରଥମଟି ହେଉଛି ଗ୍ୟାସୀୟ ଦାନବ ଗ୍ରହ, ଯାହା ଆମ ସୌରଗତର ବୃହସ୍ପତିରେ ଆକାର ସହ ସମାନ କିମ୍ବା ତା'ଠାରୁ ବଡ଼। ଦ୍ୱିତୀୟ ଶ୍ରେଣୀ ହେଉଛି କମ୍ ପରିକ୍ରମଣ ସମୟ ଥିବା ଉତ୍ତପ୍ତ ସୁପର ଆର୍ଥ, ଅର୍ଥାତ୍ ପୃଥିବୀଠାରୁ ବଡ଼ ଓ ନକ୍ଷତ୍ରର ନିକଟତର ଥିବା ଗ୍ରହ। ତୃତୀୟ ଶ୍ରେଣୀ ହେଉଛି ନକ୍ଷତ୍ରଠାରୁ ଦୂରରେ ଥିବା ବରଫୀୟ ଦାନବ ଗ୍ରହ। ଏହିପରି ଭାବେ କେପ୍‌ଲର ଆମକୁ ବିଭିନ୍ନ ପ୍ରକାର ଗ୍ରହର ସୂଚନା ଦେଇଛି। କିନ୍ତୁ ଆମର ଲକ୍ଷ୍ୟ ହେଉଛି ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ଥିବା ପୃଥିବୀ ଆକାରର ଗ୍ରହ। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ନାସା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ, ରାତିରେ ଆକାଶରେ ଦେଖାଯାଉଥିବା ନକ୍ଷତ୍ରଗୁଡ଼ିକର ୨୦ ରୁ ୫୦ ପ୍ରତିଶତ ନକ୍ଷତ୍ରରେ ଆମ ପୃଥିବୀ ପରି ଛୋଟ ଓ ପଥୁରିଆ ଗ୍ରହ ଥାଇପାରେ ଏବଂ ଏଗୁଡ଼ିକ ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ରହିଥାଇପାରନ୍ତି। କେବଳ ପାଞ୍ଚ ଲକ୍ଷରୁ ଅଧିକ ନକ୍ଷତ୍ରକୁ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକ ସମ୍ବନ୍ଧରେ ବିଶଦ ତଥ୍ୟା ପଠାଇଛି।


ମହାକାଶ ଅଧ୍ୟୟନ ଓ ଅଭିଯାନରେ କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର ହେଉଛି ଗୋଟିଏ ମାଇଲଖୁଣ୍ଟ। ଏହାର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ନାସା ଏହି ବର୍ଷ ଏପ୍ରିଲ ମାସରେ ଅନ୍ୟ ଏକ ଗ୍ରହଖୋଜାଳି ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଛି। ଏହାର ନାମ ହେଉଛି ଟେସ୍।

୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ: ୯୯୩୮୬୯୩୭୨୯

## ଅଳ୍ପରେ...



**ଏକାଗ୍ରତା ବଢ଼ାଏ ଚା':** ଭାରାକ୍ରାନ୍ତ ମନକୁ ହାଲକା କରିବାର ଏକ ସହଜ ଉପାୟ ହେଲା ଚା' ପିଇବା। ଏହାର ଅନେକ ଉପକାରୀ ଗୁଣ ରହିଛି। ଚା' ପିଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ଏକାଗ୍ରତା ବଢ଼ିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରତିଦିନ ନିର୍ଦ୍ଦିଷ୍ଟ ପରିମାଣର ଚା' ପିଉଥିବା କିଛି ବ୍ୟକ୍ତିଙ୍କର ଜୀବନଶୈଳୀକୁ ଅନୁଧ୍ୟାନ କରି ସେମାନେ ଏକଥା ଜାଣିପାରିଛନ୍ତି। ହେଲେ ଅତ୍ୟଧିକ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।



**'ଟି' ସେଲ୍‌ରେ ପରିବର୍ତ୍ତନ ବ୍ୟବହାରକୁ ପ୍ରଭାବିତ କରେ :** ଶରୀରରେ ଭିତରେ ଥିବା 'ଟି' ସେଲରେ ଯଦି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ତେବେ ତାହା ସେହି ବ୍ୟକ୍ତିଙ୍କର ବ୍ୟବହାରକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ମତବକ୍ତ କରିଛନ୍ତି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ବିଶେଷଭାବରେ ଆମର ଇମ୍ୟୁନ ସିଷ୍ଟମରେ ଏହି ସେଲ୍ ରହିଥାଏ। ଇମ୍ୟୁନ (ରୋଗ ପ୍ରତିରୋଧକ) ଶକ୍ତି ପ୍ରଭାବିତ ହେଲେ ଏହି ସେଲ୍‌ରେ ଅସନ୍ତୁଳନ ଲକ୍ଷ୍ୟ କରାଯାଇଥାଏ। ଖାସ୍ କଥା ହେଲା ଏହାର ପ୍ରଭାବ କେତେକାଂଶରେ ଜଣେ ବ୍ୟକ୍ତିଙ୍କର ବ୍ୟବହାର ଉପରେ ପଡିଥାଏ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି।

**କୋଲେଷ୍ଟରଲକୁ ନିୟନ୍ତ୍ରଣ କରେ ଟମାଟୋ :** ଟମାଟୋରେ ଅନେକ ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଆମ ଶରୀରେ ଏଲଡିଏଲ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଅନ୍ୟପକ୍ଷରେ ଜଣେ ହୃଦରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଟମାଟୋରେ ଲାଇକୋପେନ୍ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଏହି ତତ୍ତ୍ୱ କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।



## ଆଜ୍‌ମା : କିଛି କଥା



❖ଆଜ୍‌ମା ବା ଶ୍ୱାସ ରୋଗ ହେଲେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ। ଏହାର ଲକ୍ଷଣ ଜାଣିବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ।

❖ଧୂଳିକଣା, ଧୂଆଁ, ଅତର, ରଙ୍ଗ, ପୋଷାକରୁ ସୃଷ୍ଟି ଆଲର୍ଜି ଆଜମାର କାରଣ ସାଜିଥାଏ।

❖ଆଜମା ରୋଗୀର ଶ୍ୱାସ ନଳୀ ସଙ୍କୁଚିତ ହୋଇଯିବା ଫଳରେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ।

❖ଶ୍ୱାସନଳୀ ସଂକ୍ରମଣ ହୋଇଯିବା ଦ୍ୱାରା ଏଥିରେ ଆକ୍ରାନ୍ତ ବ୍ୟକ୍ତିଙ୍କର ଅବସ୍ଥା ଜଟିଳ ଦିଗକୁ ଗତି କରେ। ସଠିକ ଭାବରେ ଶ୍ୱାସକ୍ରିୟା ନ ହେବା ଦ୍ୱାରା ରୋଗୀ ଧଇଁସଇଁ ହୋଇଯାଏ। ଫଳରେ ତାକୁ କୃତ୍ରିମ ଶ୍ୱାସକ୍ରିୟାରେ ରଖି ଚିକିତ୍ସା କରାଯାଏ।

❖ଆଜ୍‌ମା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସଫାସୁତର ପରିବେଶରେ ରହିବା ଦରକାର। କାରଣ ଧୂଳି ସଂସ୍ପର୍ଶରେ ଆସିଲେ ଏହି ରୋଗର ପ୍ରକୋପ ବଢ଼ିଯାଏ।

# କ୍ୟାନସର ଚିହ୍ନଟର ନୂଆ ଉପାୟ



ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଥିବା ପ୍ରମୁଖ କେତୋଟି ରୋଗ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ପ୍ରାରମ୍ଭିକ ଅବସ୍ଥାରେ କେତେକ କ୍ୟାନ୍‌ସରକୁ ଚିହ୍ନଟ କରାଯାଇପାରିଲେ ଏଥିରୁ ଆରୋଗ୍ୟ ମିଳି ପାରୁଛି। ନଚେତ୍, ସମୟକ୍ରମେ ଏହା ଜଟିଳ ପରିସ୍ଥିତି ଧାରଣ କରି ଜୀବନନାଶକ ସାଜିଥାଏ। ନିକଟରେ ଅଷ୍ଟ୍ରେଲିଆସ୍ଥିତି ସିଡନୀ ବିଶ୍ୱବିଦ୍ୟାଳୟର କ୍ୟାନସର ବିଜ୍ଞାନୀ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ଖୋଜି ପାଇଛନ୍ତି। ସେମାନେ 'ଡି-୩' ନାମକ ଏକ ଉପକରଣ ପ୍ରସ୍ତୁତ କରିଛନ୍ତି। ଏହାକୁ ଏକ ସ୍ମାର୍ଟ ଫୋନ୍ ସହ ସଂଯୋଗ କଲେ ସ୍ମାର୍ଟଫୋନ୍‌ର କ୍ୟାମେରା ଏବଂ ଉକ୍ତ ଉପକରଣରେ ସଂଯୁକ୍ତ ଏଲଇଡି ଲାଇଟ୍ ସାହାଯ୍ୟରେ ଶରୀର ଭିତରେ ଥିବା ସେଲ୍ (କୋଷ)ର ଫଟୋ ଉଠାଇ ହେବ। ପରବର୍ତ୍ତୀ ସମୟରେ ଫଟୋରେ ଥିବା କୋଷଗୁଡିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇ କେଉଁ କୋଷ କ୍ୟାନସର ଦ୍ୱାରା ଆକ୍ରାନ୍ତ ତାହା ଠାବ କରିହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷାମୂଳକ ଭାବରେ ଏହି ଉପକରଣ ସଠିକ ଭାବରେ କାମ କରୁଥିବାର ସିଡନୀ ୟୁନିଭର୍ସିଟିର କ୍ୟାନସର ବିଜ୍ଞାନୀ ଜାଣିପାରିଛନ୍ତି।



ଡା. ନିତ୍ୟାନନ୍ଦ ସ୍ୱାଇଁ

# ଅପସ୍ମାର

**ଆଜି (ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର) ହେଉଛି ଅନ୍ତର୍ଜାତୀୟ ଅପସ୍ମାର ଦିବସ। ସେ ସମ୍ପର୍କରେ ଉପସ୍ଥାପନା...**

ଅପସ୍ମାର ଏକ ମସ୍ତିଷ୍କ ରୋଗ, ଯାହାକୁ ଡାକ୍ତରୀ ଭାଷାରେ 'ଏପିଲେପ୍‌ସି' କୁହାଯାଏ। 'ମୃଗୀ ରୋଗ' ନାମରେ ଏହା ମଧ୍ୟ ପରିଚିତ। ଅପସ୍ମାର ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ମାସ ଦ୍ୱିତୀୟ ସୋମବାର ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅପସ୍ମାର ଦିବସ ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସି ଡେ'।

ଯେକୌଣସି ବୟସରେ ଏହି ରୋଗ ଆରମ୍ଭ ହୋଇପାରେ ଓ କାହା କାହାଠାରେ ସାରା ଜୀବନ ରହିଯାଏ। କେତେକଙ୍କ କ୍ଷେତ୍ରରେ ରୋଗଟିର କୌଣସି କାରଣ ନିର୍ଣ୍ଣୟ କରିହୁଏନି। ମାତ୍ର ଅନ୍ୟ କେତେକ ରୋଗୀଙ୍କଠାରେ ମସ୍ତିଷ୍କରେ ଆଘାତ ଲାଗିବା, ଜନ୍ମ ସମୟରେ ଶିଶୁଠାରେ ଅମ୍ଳଜାନର ଅଭାବ ଘଟିବା, ମସ୍ତିଷ୍କରେ ସଂକ୍ରମଣ କିମ୍ବା ଅର୍ବୁଦ ହୋଇଥିବା ଭଳି ସୂଚନା ମିଳିପାରେ। ଅପସ୍ମାରରେ ମସ୍ତିଷ୍କର କୌଣସି ନା କୌଣସି ସ୍ଥାନର ସ୍ନାୟୁକୋଷମାନ ଅସ୍ୱାଭାବିକ ଭାବରେ ସକ୍ରିୟ ତଥା ଉତ୍ତେଜିତ ହୋଇପଡ଼ନ୍ତି। ଏହାର ପ୍ରଭାବରେ କେତେକ ନିର୍ଦ୍ଦିଷ୍ଟ ମାଂସପେଶୀରେ ଅସ୍ୱାଭାବିକ ପ୍ରକାଶନ ବା ପେଶୀ ସଞ୍ଚାଳନ ଜାତ ହୋଇଥାଏ। ତେବେ ମାଂସପେଶୀରେ ସଂଘଟିତ ହେଉଥିବା ଏହି ପେଶୀ ସଞ୍ଚାଳନ ସମ୍ପୂର୍ଣ୍ଣ ଅନୈଚ୍ଛିକ। ଏହା ମସ୍ତିଷ୍କର ନିୟନ୍ତ୍ରଣାଧୀନ ସିନା, କିନ୍ତୁ ରୋଗୀର ଏହା ଉପରେ ଆଦୌ ପ୍ରଭାବ ନ ଥାଏ। ରୋଗୀ ନିଜ ଇଚ୍ଛାରେ ନିଜଠାରେ ବାତମାରିବା ଲକ୍ଷଣ ପ୍ରକାଶ କରିପାରେ ନାହିଁ। ମସ୍ତିଷ୍କସ୍ଥିତ ଅଲଗା ଅଲଗା ଅଞ୍ଚଳରୁ ବୈଦ୍ୟୁତିକ ପ୍ରବାହ ଉତ୍ସରିତ ହୋଇପାରୁଥିବାରୁ ଉକ୍ତ ଅଞ୍ଚଳକୁ ଚାହିଁ ହାତ, ଗୋଡ଼, ପାଦ କିମ୍ବା ଗଣ୍ଡି ଇତ୍ୟାଦି ଶରୀରର ଅଲଗା ଅଲଗା ଅଂଶର ମାଂସପେଶୀରେ ପରିଲକ୍ଷିତ ହୁଏ ପ୍ରକମ୍ପନ। ମସ୍ତିଷ୍କର ଅଧିକାଂଶ ଭାଗ ସମ୍ପୃକ୍ତ ହୋଇପଡ଼ିଲେ ବାତମାରିବା ଲକ୍ଷଣ ସମଗ୍ର ଶରୀରରେ ପ୍ରକାଶ ପାଏ। ଅପସ୍ମାର ଦ୍ୱାରା ଆକ୍ରାନ୍ତ ହେଲେ କାହା କାହାଠାରେ ହଠାତ୍ ବୋକାଙ୍କ ଭଳି ଚାହିଁ ରହିବା, ହଠାତ୍ ଚୁପ୍ ଓ ନିଶ୍ଚଳ ହୋଇଯିବା ଏବଂ ଆଖି ଓ ମୁଖମଣ୍ଡଳରେ ପେଶୀ ବାରମ୍ବାର କମ୍ପିତ ହେବା ଭଳି ସାମାନ୍ୟ ଲକ୍ଷଣ ପ୍ରକାଶ ପାଏ। ଏପରି ଲକ୍ଷଣ ଅଳ୍ପ କେଇ ସେକେଣ୍ଡ ରହି ଚାଲିଯାଏ। ରୋଗୀ ଅଚେତ ହୋଇଯାଏ। ତା'ର ମାଂସପେଶୀଗୁଡ଼ିକ କଠିନ ହୋଇପଡ଼ନ୍ତି। କେହି କେହି ଲୁଗାପଟାରେ ଝାଡ଼ା ପରିସ୍ରା ମଧ୍ୟ କରିପକାନ୍ତି। ଶ୍ୱାସକ୍ରିୟା ବନ୍ଦ ହୋଇଯାଇ ରୋଗୀର ମୁଖମଣ୍ଡଳ ନୀଳ ପଡିଯାଇପାରେ। ଏପରି ଲକ୍ଷଣମାନ ୨ରୁ ୫ ମିନିଟ୍ ପର୍ଯ୍ୟନ୍ତ ରହିବା ପରେ କଠିନ ମାଂସପେଶୀ ଶିଥିଳ ହୋଇ ତା'ର ସ୍ୱାଭାବିକ ଅବସ୍ଥାକୁ ଫେରିଆସେ। ତେବେ ଚେତା ଫେରି ପାଇବା ପରେ ରୋଗୀଠାରେ ମୁଣ୍ଡ ବଥାଇବା, ଖୁବ୍ ନିଦ ମାଡ଼ିବା ଓ ବାଉଳାଚାଉଳା ହେବାଭଳି ଲକ୍ଷଣ ପରିଲକ୍ଷିତ ହୋଇପାରେ। ବାତ ମାରିବା ଆରମ୍ଭର କିଛି ସମୟ ପୂର୍ବରୁ କେହି କେହି ରୋଗୀ କୌଣସି ଗନ୍ଧ ନ ଥାଇ ଗନ୍ଧ, କୌଣସି ଶବ୍ଦ ନ ଥାଇ ମଧ୍ୟ ଅସାଧାରଣ ଶବ୍ଦ, ଜିଭରେ ଏକ ଅସ୍ୱାଭାବିକ ସ୍ୱାଦ କିମ୍ବା ଆଖିରେ ଆଲୋକର ଝଲକ ଅନୁଭବ କରିପାରନ୍ତି, ଯାହାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହାଯାଏ। ଏହି ପ୍ରକାରର କିଛି ଅନୁଭବ କଲେ ରୋଗୀ ତୁରନ୍ତ ନିଜ ପାଇଁ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ଉଚିତ। କାହା କାହା କ୍ଷେତ୍ରରେ ଅପସ୍ମାର ଲକ୍ଷ୍ମଣ ଥରେ ମାତ୍ର ପ୍ରକାଶ ପାଇ ଜୀବନରେ ଆଉ ତା'ର ପୁନରାବୃତ୍ତି ଘଟେନାହିଁ। ଅନ୍ୟ କାହା କ୍ଷେତ୍ରରେ ରୋଗ କିମ୍ବା ରୋଗୀର ଅଚେତ୍ ଅବସ୍ଥାରେ ମଧ୍ୟ ବାରମ୍ବାର ବାତ ମାରିବା କିଛି ଅସମ୍ଭବ ନୁହେଁ।

ଅପସ୍ମାର ରୋଗର ନିର୍ଣ୍ଣୟ ପାଇଁ ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାମ୍ ବା ଇ.ଇ.ଜି., ସିଟି ସ୍କାନ୍ ଓ ଏମ୍‌ଆର୍‌ଆଇ ଇତ୍ୟାଦି ପରୀକ୍ଷା କରିବାକୁ ପଡେ ଏବଂ ସ୍ନାୟୁରୋଗ ବିଶେଷଜ୍ଞଙ୍କ ଚିକିତ୍ସାରେ ରହିବାକୁ ହୁଏ। ନିୟମିତ ଚିକିତ୍ସାରେ ରହିଲେ ଅଧିକାଂଶ ଅପସ୍ମାର ରୋଗୀ ଅପେକ୍ଷାକୃତ ସୁସ୍ଥ ତଥା ସ୍ୱାଭାବିକ ଜୀବନଯାପନ କରିପାରନ୍ତି। ହେଲେ ଡାକ୍ତର ପରାମର୍ଶ ନ ଦେବା ପର୍ଯ୍ୟନ୍ତ ଗାଡ଼ି ଚଳାଇବା, ସନ୍ତରଣ କରିବା ଏବଂ ନିଆଁ କିମ୍ବା ମେଶିନ ଇତ୍ୟାଦି ନିକଟରେ କାମ କରିବା ଆଦୌ ନିରାପଦ ନୁହେଁ। ରୋଗୀକୁ ବାତ ମାରିବାର ଦେଖିଲେ ତା' ନିକଟରୁ ଚଉକି, ଟେବୁଲ ଇତ୍ୟାଦି କଠିନବସ୍ତୁ ହଟେଇ ଦେବା ଉଚିତ। ତା' ମୁଣ୍ଡତଳେ ଅତି ନରମ ପତଳା ତକିଆ ରଖାଯାଇପାରେ। ଏହି ସମୟରେ ରୋଗୀର ହାତଗୋଡ଼କୁ ଜୋର୍‌ରେ ଚାପି ରଖନ୍ତୁ ନାହିଁ। ତାକୁ କଡ଼ମାଡ଼ି ଶୁଆଇ ସେ ପିନ୍ଧିଥିବା ଧୋତି ଓ ପୋଷାକପତ୍ରକୁ ତୁରନ୍ତ ହୁଗୁଳା କରିଦିଅନ୍ତୁ। ବାତମାରିବା ବନ୍ଦ ନ ହେବା ପର୍ଯ୍ୟନ୍ତ ତାକୁ ଏକୁଟିଆ ଛାଡ଼ି ଚାଲିଯିବା ଆଦୌ ନିରାପଦ ନୁହେଁ।



-'ଅଭୀପ୍‌ସା', ସେକ୍ଟର-୬
ପ୍ଲଟ୍ ନଂ-୧୧୩୧, ସିଡିଏ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

■ଯଦି ଓଜନ ବୃଦ୍ଧି ପରି ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ଓଜନ ମାପି ନିଅନ୍ତୁ। ଏଥିପାଇଁ ଖାଦ୍ୟପେୟ ନିୟନ୍ତଣ ସହ କେତୋଟି ବ୍ୟାୟାମ କରିପାରନ୍ତି। ଏ ସମ୍ପର୍କରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।



■ପରିଶ୍ରମ ମୁତାବକ ବିଶ୍ରାମ ନ ନେଲେ ତାହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଏପରି କି ଇସମୋନିଆ ପରି ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ତେଣୁ ପ୍ରତିଦିନ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ।

■ବେଳେବେଳେ ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ମନ ହୋଇଥାଏ। ଏଭଳି ଲୋଭକୁ ନିୟନ୍ତ୍ରଣ କରନ୍ତୁ। କାରଣ ଏଣୁତେଣୁ ଖାଦ୍ୟ ଖାଇଲେ ତାହା ପେଟଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

■ଏକାଥରେ ଗୁଡାଏ ଖାଦ୍ୟ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

■ସବୁବେଳେ ନିଜକୁ ଟେନସନଠାରୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ।



“ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଉପୁଜିଥିବା ସମସ୍ୟା ଏକ ଇନସଲଭେନ୍ସି ପ୍ରସଙ୍ଗ।
– ୱାଇ.ଭି ରେଡ୍ଡୀ, ପୂର୍ବତନ ଗଭର୍ନର, ଆର୍‌ବିଆଇ



“ ଭାରତ ଗ୍ରହଣ କରୁଥିବା ସ୍ଥିର ଏବଂ ସକାରାତ୍ମକ ନୀତି ଯୋଗୁ ଉଦ୍ୟୋଗୀଙ୍କ ପାଇଁ ଏକ ଉନ୍ନତ ବାତାବରଣ ସୃଷ୍ଟି ହୋଇଛି।
– ଗଏ ସରମନ, ଫ୍ରାନ୍ସ ଅର୍ଥନୀତିଜ୍ଞ

## ସଂକ୍ଷେପରେ

### ମାଲ୍ୟାଙ୍କ ନିକଟରେ ୭୫୦୦କୋଟିର ଶେୟାର ଥିଲା: ଇଡି

**ନୂଆଦିଲ୍ଲୀ,୧୦-୨:** ସଙ୍କଟରେ ଫସିଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା,ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଙ୍ଗ୍‌ସ ଲିମିଟେଡ(ୟୁବିଏଚ୍‌ଏଲ୍) ଓ କିଙ୍ଗଫିଶର ଏୟାରଲାଇନ ଲିମିଟେଡ (କେଏଏଲ୍)ର ପ୍ରମୋଟରଙ୍କ ନିକଟରେ ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ୭୫୦୦ କୋଟି ଟଙ୍କାର ଶେୟାର ରୂପରେ ଅସ୍ଥାବର ସମ୍ପତ୍ତି ଥିଲା। ତେବେ ସେମାନେ ବ୍ୟାଙ୍କରୁ ନେଇଥିବା ଋଣ ଶୁଝିବାକୁ ଚାହିଁ ନ ଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ କୁହାଯାଇଛି। ବିଭିନ୍ନ ଭାରତୀୟ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିବା ମାଲ୍ୟା ବାସ୍ତବରେ ଋଣ ପରିଶୋଧ କରିବାକୁ ଚାହୁଁ ନ



ଥିଲେ ବୋଲି ଇଡି କହିଛି। ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ଇଡି ପକ୍ଷରୁ ଯାଞ୍ଚ କରାଯିବା ପରେ ଜଣାପଡ଼ିଛି ଯେ, ମାଲ୍ୟା ଏବଂ ୟୁବିଏଚ୍‌ଏଲ୍ ନିକଟରେ ୩,୮୪୭.୪୫ କୋଟି ଟଙ୍କାର ଶେୟାର ରହିଥିଲା। ଅସଲରେ ୟୁବିଏଚ୍‌ଏଲ, ୟୁନାଇଟେଡ ସ୍ପିରିଟ୍, ୟୁନାଇଟେଡ ବ୍ରିଓରିଜ ଓ ମ୍ୟାକ୍‌ଡୋଏଲର ୧୭୭୩.୪୯ କୋଟି ଟଙ୍କା ଶେୟାର ମାଲ୍ୟାଙ୍କ ନିକଟରେ ରହିଥିଲା ଏବଂ ୟୁଟିଆଇ ଇନଭେଷ୍ଟର୍ସ ସର୍ଭିସେସ୍ ନିକଟରେ ୧,୬୫୩ କୋଟି ଟଙ୍କାର ଶେୟାର ଥିଲା। ଇଡି ଯାଞ୍ଚରୁ ଜଣାପଡିଥିଲା ଯେ, ମାଲ୍ୟା ନିଜର ଅର୍ଥକୁ ଲୁଚାଇବା ଲାଗି ବହୁ ଜାଲ୍ କମ୍ପାନୀ ଖୋଲି ଥିଲେ। ସେମାନଙ୍କ ମଧ୍ୟରେ ଦେବୀ ଇନଭେଷ୍ଟମେଣ୍ଟ, କିଙ୍ଗଫିଶର ଫିନଭେଷ୍ଟ, ମ୍ୟାକଡୋଏଲ ହୋଲ୍ଡିଙ୍ଗସ୍, ଫାର୍ମା ଟ୍ରେଡିଂ କମ୍ପାନୀ, ଜେମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଟ୍ରେଡିଂ, ୱାଟସନ ଲିମିଟେଡ, ବିଚଲ ଇନଭେଷ୍ଟମେଣ୍ଟ, କାମସ୍କୋ ଇଣ୍ଡଷ୍ଟ୍ରିଜ, ଫାର୍ଷ୍ଟଷ୍ଟାର୍ଟ ଇଙ୍କ ଓ ମାଲ୍ୟା ପ୍ରାଇଭେଟ ଲିମିଟେଡ ରହିଛି। ଏଗୁଡ଼ିକର ଶେୟାର ମୂଲ୍ୟ ମୋଟ ୩,୮୨୨ କୋଟି ଟଙ୍କା।

### ୫୭୪୦ କୋଟିର ଏନ୍‌ପିଏ ସମ୍ପତ୍ତି ବିକିବେ ଏସ୍‌ବିଆଇ, ଓରିଏଣ୍ଟାଲ ବ୍ୟାଙ୍କ

**ନୂଆଦିଲ୍ଲୀ,୧୦-୨:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ୫,୭୪୦ କୋଟି ଟଙ୍କାର ଏନ୍‌ପିଏ ସମ୍ପତ୍ତି ବିକିବାକୁ ଯାଉଛନ୍ତି। ଏସ୍‌ବିଆଇ ପକ୍ଷରୁ ୪,୯୭୫ କୋଟି ଟଙ୍କାର ଏନ୍‌ପିଏ ବିକ୍ରି ଲାଗି ଆର୍ଥିକ ସଂସ୍ଥାଗୁଡ଼ିକଠାରୁ ନିଲାମ ଆହ୍ୱାନ କରାଯାଇଛି। ବିକ୍ରି ପାଇଁ ରଖାଯାଇଥିବା ଏନ୍‌ପିଏ ଆକାଉଣ୍ଟ ମଧ୍ୟରେ ବଡ଼ ସଂଖ୍ୟାରେ ଏସ୍‌ଏମ୍‌ଇ ଆକାଉଣ୍ଟ ରହିଛି। ମୋଟ ୨୮୧ ଆକାଉଣ୍ଟ ଉପରେ ୪,୬୬୭ କୋଟି ଟଙ୍କା ବକେୟା ରହିଛି। ୱେବସାଇଟରେ ପକାଯାଇଥିବା ଟେଣ୍ଡର କାଗଜପତ୍ର ଅନୁଯାୟୀ, ମୋଟ ୭୬୪.୪୪ କୋଟି ଟଙ୍କା ବକେୟା ପଡ଼ିଥିବା ୧୩ଟି ଆକାଉଣ୍ଟକୁ ଓବିସି ବିକ୍ରି କରିବ। ଓବିସି ପକ୍ଷରୁ ଆସନ୍ତା ୨୫ରେ ଏବଂ ଏସ୍‌ବିଆଇର ୨୭ ତାରିଖରେ ନିଲାମୀ ହେବାକୁ ଯାଉଛି।

### ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ତେଲ ନଦୀ ଉପରେ ପୋଲ ନିର୍ମାଣ

**ଭୁବନେଶ୍ୱର,୧୦-୨:** ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ନିର୍ମାଣ କାର୍ଯ୍ୟର ଏକ ଅଂଶ ବିଶେଷ ତେଲ ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ରେଳ ପୋଲ ନିର୍ମାଣ ହେବ। ଏଥି ଲାଗି ପୂର୍ବତଟ ରେଳପଥ ପକ୍ଷରୁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପୋଲ ନିର୍ମାଣ ଲାଗି ୨୩ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟର ସୋନପୁର ସହର ନିକଟସ୍ଥ ତେଲ ନଦୀ ଉପରେ ଏହି ପୋଲ ନିର୍ମାଣ ହେବ। ପୋଲଟି ମହାନଦୀ ଏବଂ ତେଲ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ଅଢେଇ କିମି ଦୂରରେ ରହିଛି। ଅଧିକ ବନ୍ୟା ସମୟରେ ମହାନଦୀର ମାତ୍ରାଧିକ ଜଳ ତେଲ ନଦୀକୁ ଆସୁଥିବାରୁ ଖୋର୍ଦ୍ଧାରୋଡ ବଲାଙ୍ଗୀର ରେଳପଥ ପାଇଁ ରେଳପୋଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ସବୁ ପରିବାରକୁ ଉପଲବ୍ଧ ହେବ ସ୍ୱଚ୍ଛ ଇନ୍ଧନ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୧୦-୨




ଦେଶର ସବୁ ପରିବାରକୁ ଶୀଘ୍ର ସ୍ୱଚ୍ଛ ଇନ୍ଧନ ଯୋଗାଇ ଦିଆଯିବ। ୫୫ ମାସରେ ସରକାର ଏଲ୍‌ପିଜି କଭରେଜକୁ ୪୦% ବୃଦ୍ଧି କରିବାକୁ ସକ୍ଷମ ହୋଇଛନ୍ତି। ଏହାକୁ ଦେଶର ସବୁ ପରିବାରରେ ଉପଲବ୍ଧ କରାଇବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କହିଛନ୍ତି।

ଏଠାରେ ଅନୁଷ୍ଠିତ ପେଟ୍ରୋଟେକ-୨୦୧୯ ସମ୍ମିଳନୀରେ ଯୋଗ ଦେଇ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଦେଶର ୯୦ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନରେ ଏଲ୍‌ପିଜି ପହଞ୍ଚିଛି। ୨୦୧୪ରେ ଏହା ୫୫% ଥିବା ବେଳେ ଏହା ପରଠାରୁ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ଆସିଛି। ସବୁ ଘରକୁ ସ୍ୱଚ୍ଛ ଇନ୍ଧନ ସୁବିଧା ଯୋଗାଇବାକୁ ସରକାର ସକ୍ଷମ ହେବେ। ଏଲ୍‌ପିଜି ସହ ବାୟୋମାସ ଏବଂ ବିକଳ୍ପ ସୂତ୍ରରୁ ଉକ୍ତ ଗ୍ୟାସ୍ ଯୋଗାଣ ହେବ।

ଉଜ୍ଜ୍ୱଳାର ସଫଳତାକୁ ପ୍ରଶଂସା କରିବା ସହ ଏଥିରେ ୬.୪ କୋଟି ପରିବାର ଉପକୃତ ହୋଇଥିବା ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ୮ କୋଟି ଛୁଇଁବ। ପାରମ୍ପରିକ ଜାଳେଣିକୁ ବାଦ ଦେବା ସହ ପରିବେଶ ସୁରକ୍ଷା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱଚ୍ଛ ଇନ୍ଧନ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ତୈଳ ଏବଂ ଗ୍ୟାସ କ୍ଷେତ୍ର ଦେଶର ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସେ ପ୍ରକାଶ କରିଛନ୍ତି। ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ବ୍ୟବହାରରେ ଭାରତ ତୃତୀୟ ବୃହତ ଦେଶ ହୋଇଥିବା ବେଳେ ବିଶ୍ୱର ମୋଟ ବ୍ୟବହାର କ୍ଷେତ୍ରରେ ଦେଶର ଅଂଶ ୪.୫% ରହିଛି। ଦେଶର ହାଇଡ୍ରୋକାର୍ବନ ନୀତିରେ ପରିବର୍ତ୍ତନ ଆଣିବା ସହ ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ ସ୍ପଷ୍ଟ କରିଛନ୍ତି।

ଦେଶର ଉତ୍ପାଦନ ଜୈବ ବିବିଧତାରେ ଉନ୍ନତି ଆଣିବା ବେଳେ ତୈଳ ଓ ଗ୍ୟାସ୍ ଉତ୍ତୋଳନକୁ ପ୍ରୋତ୍ସାହିତ କରିବାକୁ ସରକାର ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂଆ ରାଜସ୍ୱ ବଣ୍ଟନ ମଡେଲ, ହାଇଡ୍ରୋକାର୍ବନ ଲାଗି ୟୁନିଫର୍ମ ଲାଇସେନ୍ସ, ତୈଳ ଏବଂ ବାଷ୍ପ କ୍ଷେତ୍ର ମାର୍କେଟିଂରେ ସ୍ୱାଧୀନତା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହାବାଦ, ଷ୍ଟେଟ ଅଫ୍ ଆର୍ଟ ଜାତୀୟ ଡାଟା ରିପୋଜିଟୋରୀ ଦ୍ୱାରା ଭାରତ ବିଶ୍ୱସ୍ତରୀୟ ବ୍ୟବସ୍ଥା ଗ୍ରହଣ କରିଛି। ଆରମକୋ, ଆଡନକ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କ ଉପସ୍ଥିତି ଜାହିର କରିଥିବା ସେ କହିଛନ୍ତି।

**ପେଟ୍ରୋଟେକ୍ ୨୦୧୯ ସମ୍ମିଳନୀ**
- ୨୦୨୦ ମାର୍ଚ୍ଚ ସୁଦ୍ଧା ଉଜ୍ଜ୍ୱଳାରେ ୮ କୋଟି ସଂଯୋଗ
- ତୈଳ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାରରେ ଭାରତ ତୃତୀୟ
- ଶକ୍ତି ନିରାପତ୍ତା ସୁନିଶ୍ଚିତ କରାଇବା ଉପରେ ଫୋକସ୍

## ୯କୋଟି ଗ୍ରାହକ ଚୟନ କରିଛନ୍ତି ନୂଆ ଟାରିଫ: ଟ୍ରାଇ ମୁଖ୍ୟ

ନୂଆଦିଲ୍ଲୀ,୧୦-୨

ଟେଲିକମ ନିୟାମକ(ଟ୍ରାଇ)ର ନିର୍ଦ୍ଦେଶ ଅନୁଯାୟୀ ଦେଶର ୧୭ କୋଟି କେବୁଲ ଓ ଡିଟିଏଚ୍ ଗ୍ରାହକଙ୍କ ମଧ୍ୟରୁ ୯ କୋଟି ନୂଆ ଟାରିଫ ବ୍ୟବସ୍ଥାରେ ନିଜର ମନପସନ୍ଦ ଚ୍ୟାନେଲ ଚୟନ କରିସାରିଛନ୍ତି ବୋଲି ଟ୍ରାଇ ଅଧ୍ୟକ୍ଷ ଆର.ଏସ୍. ଶର୍ମା ପ୍ରକାଶ କରିଛନ୍ତି। ଉପଭୋକ୍ତାଙ୍କ ଅସୁବିଧା ଉପରେ ଟ୍ରାଇ କ୍ରମାଗତ ନଜର ରଖିଛି ବୋଲି ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ନୂଆ ବ୍ୟବସ୍ଥାକୁ ଆପଣାଉଥିବା ଗ୍ରାହକଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି। ୯ କୋଟି ଗ୍ରାହକଙ୍କ ମଧ୍ୟରେ ୬.୫ କୋଟି କେବୁଲ ଟିଭି ଏବଂ ୨.୫ କୋଟି ଡିଟିଏଚ୍‌ର ରହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ବ୍ୟବସ୍ଥା ଆପଣାଇବାରେ ହେଉଥିବା ଅସୁବିଧା ଦୂର କରିବା ଲାଗି ନିୟମିତ ସମୀକ୍ଷା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ସଂଯୋଗ ନେଉଥିବା ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଯୋଜନା ଆସୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ବନ୍ଦେ ଭାରତ ଟ୍ରେନ ଯାତ୍ରୀ ଖାଦ୍ୟ ପାଇଁ ଦେବେ ୩୯୯ ଟଙ୍କା

ନୂଆଦିଲ୍ଲୀ, ୧୦-୨




ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ କୁହାଯାଉଥିବା ଟ୍ରେନ୍୧୮ ଅଥବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଯାତ୍ରୀଙ୍କୁ ଆଇଆରସିଟିସି ଦ୍ୱାରା ପ୍ରସ୍ତୁତ କ୍ୟାଟରିଂ ଖାଦ୍ୟ ନେବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ସେମାନଙ୍କୁ ୩୯୯ ଟଙ୍କା ଦେବାକୁ ପଡ଼ିବ। ଦିଲ୍ଲୀରୁ ବାରାଣସୀ ଯାତ୍ରା କରୁଥିବା ଏହି ଟ୍ରେନର ଯାତ୍ରୀ ଶେଷ ପର୍ଯ୍ୟାୟ ଅର୍ଥାତ୍ ଆଲ୍ଲାହାବାଦରୁ ବାରାଣସୀକୁ ଯାତ୍ରା କରିବା ଲାଗି ଟିକେଟ ବୁକିଂ କରିବା ବେଳେ କ୍ୟାଟରିଂ ଖାଦ୍ୟ ନ ନେବାର ବିକଳ୍ପ ବାଛି ପାରିବେ। ସେମାନଙ୍କ ଟିକେଟରେ କ୍ୟାଟରିଂ ଚାର୍ଜ ଆଦାୟ କରାଯିବ ନାହିଁ ବୋଲି ଟ୍ରେନ୍୧୮ ସହ ଜଡ଼ିତ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଟିକେଟ ବୁକିଂ ବେଳେ କ୍ୟାଟରିଂ ଖାଦ୍ୟ ନେବାକୁ ଚାହୁଁ ନ ଥିବା ଯାତ୍ରୀ ଯାତ୍ରା ବେଳେ ଏହା ଚାହୁଁଥିଲେ ତାଙ୍କୁ ଏଥିପାଇଁ ଖାଦ୍ୟ ମୂଲ୍ୟ ସହ ଅଧିକ ୫୦ ଟଙ୍କା ଦେବାକୁ ପଡ଼ିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଆଇଆରସିଟିସି ପକ୍ଷରୁ ୨୦୧୭ରୁ ରାଜଧାନୀ, ଶତାବ୍ଦୀ ଓ ଦୁରନ୍ତୋ ଏକ୍ସପ୍ରେସରେ ପ୍ୟାଣ୍ଟ୍ରି ବ୍ୟବସ୍ଥାକୁ ଇଚ୍ଛାଧୀନ କରାଯାଇଛି। ଖାଦ୍ୟର ଅଧିକ ମୂଲ୍ୟ ଆଦାୟ କରିବା, କମ୍ ପରିମାଣ ତଥା ନିମ୍ନ ମାନର ଖାଦ୍ୟ ଦେବା ସମସ୍ୟାକୁ ନିୟନ୍ତ୍ରଣ କରିବା ଲାଗି ସେତେବେଳେ ଉକ୍ତ ପଦକ୍ଷେପ ନିଆଯାଇଥିଲା। ତେବେ ସେମାନଙ୍କୁ କ୍ୟାଟରିଂ ଖାଦ୍ୟ ନେବାର ଏକ ବିକଳ୍ପ ଦିଆଯାଉଥିଲା। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସ ଲାଗି ଟିକେଟ ସହ ଖାଦ୍ୟ ନେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଟ୍ରେନ ୧୮ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ପ୍ରତ୍ୟେକ ଷ୍ଟେଶନ ମଧ୍ୟରେ ଖାଦ୍ୟ ମୂଲ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଯାତ୍ରୀଙ୍କ ଟିକେଟ ମୂଲ୍ୟ ସହ ଏହାକୁ ଯୋଡାଯିବ। ଟ୍ରେନରେ ଏକ୍‌ଜିକ୍ୟୁଟିଭ କ୍ଲାସ ଓ ଚେୟାର କାର୍ ପାଇଁ ଖାଦ୍ୟ ଲାଗି ଚାର୍ଜ ଅଲଗା ହେବ। ନୂଆଦିଲ୍ଲୀରୁ ବାରାଣସୀ ମଧ୍ୟରେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ର ଯାତ୍ରୀଙ୍କୁ ସକାଳେ ଚା',ଜଳଖିଆ ଓ ଦ୍ୱିପ୍ରହର ଖାଦ୍ୟ ପାଇଁ ୩୯୯ ଟଙ୍କା ବ୍ୟୟ କରିବାକୁ ହେବ। ସେହିଭଳି ଚେୟାର କାର୍ ଲାଗି ଏହା ୩୪୪ ଟଙ୍କା ହେବ। ନୂଆଦିଲ୍ଲୀରୁ କାନପୁର ଓ ପ୍ରୟାଗରାଜ ମଧ୍ୟରେ ଯାତ୍ରା କରୁଥିବା ଏକ୍‌ଜିକ୍ୟୁଟିଭ କ୍ଲାସ ଯାତ୍ରୀ ୧୫୫ ଓ ଚେୟାର କାର୍ ପାଇଁ ୧୨୨ ଟଙ୍କା ଦେବେ। ସେହିପରି ବାରାଣସୀରୁ ନୂଆଦିଲ୍ଲୀକୁ ଯାତ୍ରା ବେଳେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ରେ ୩୪୯ ଓ ଚେୟାର କାର୍ ପାଇଁ ୨୮୮ ଟଙ୍କା ବ୍ୟୟ କରିବାକୁ ହେବ। ସେମାନଙ୍କୁ ଯାତ୍ରା ବେଳେ ଚା', ସ୍ନାକ୍ସ ଓ ରାତିଭୋଜନ ଦିଆଯିବ। ସୂଚନାଥାଉ କି, ୭୫୫ କିମି ରାସ୍ତାକୁ ବନ୍ଦେ ଭାରତ ଏକ୍ସପ୍ରେସ ୮ ଘଣ୍ଟାରେ ପୂରଣ କରିବ। ଯାତ୍ରା କାଳରେ ଏହା କେବଳ କାନପୁର ଓ ପ୍ରୟାଗରାଜରେ ରହିବ। ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ।

## ରେନୋ ଇଣ୍ଡିଆ ଲିଡରଶିପରେ ପରିବର୍ତ୍ତନ

ନୂଆଦିଲ୍ଲୀ,୧୦-୨

ରେନୋ ଏସ୍‌ଏଏସ୍ ଫ୍ରାନ୍ସ ଭାରତର ଲିଡରଶିପରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରିଛି। ରେନୋର ଭାରତ୍ ଅପରେଶନ ଲାଗି ଭେଙ୍କଟରାମ ମାମିଲାପଲ୍ଲେଙ୍କୁ ଏମ୍‌ଡ଼ି ଦାୟିତ୍ୱଭାର ପ୍ରଦାନ କରାଯାଇଛି। ଏହି ଦାୟିତ୍ୱରେ ଥିବା ସୁମିତ ସହନୀଙ୍କୁ ଗ୍ରୁପର ଅନ୍ୟ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ରେନୋକୁ ଭାରତରେ ଏକ ଦୃଢ ବ୍ରାଣ୍ଡ ଭାବେ ଗଢି ତୋଳିବାରେ ସୁମିତଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଆଫ୍ରିକା-ମିଡିଲ ଇଷ୍ଟ-ଇଣ୍ଡିଆ ରେଜିଅନର ବରିଷ୍ଠ ସଭାପତି ତଥା ଅଧ୍ୟକ୍ଷ ଫାବ୍ରିସ କାମ୍ବୋଲିଭ କହିଛନ୍ତି। ଏହି ରେଜିଅନର ସଦସ୍ୟ ଭାବେ ସୁମିତ କାର୍ଯ୍ୟ କରିବେ। ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା କାର୍ଯ୍ୟ ନିର୍ବାହୀ କମିଟି ଘୋଷଣା କରିବ ବୋଲି କାମ୍ବୋଲିଭ କହିଛନ୍ତି। ଭେଙ୍କଟରାମ ମାମିଲାପଲ୍ଲେ ବର୍ତ୍ତମାନ ରୁଷିଆରେ ରେନୋ-ନିଶାନ ଅଭଟୋଭାଜର ପରଚେଜିଂ ଅର୍ଗାନାଇଜେଶନର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଅଟୋମୋଟିଭ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି।

## ତୃତୀୟ ତ୍ରୈମାସରେ ୬୧୬ କୋଟି ଲାଭ କଲା ସେଲ୍

ନୂଆଦିଲ୍ଲୀ,୧୦-୨

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ୍) ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ୬୧୬ କୋଟି ଟଙ୍କା ଲାଭ ଅର୍ଜନ କରିଛି। ଗତ ବର୍ଷ ସମାନ ସମୟରେ ଏହା ମାତ୍ର ୪୩ କୋଟି ଟଙ୍କା ରହିଥିଲା। ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ନେଟ ଲାଭରେ ୧୧% ବୃଦ୍ଧି ଘଟି ୫୫୪ କୋଟି ଟଙ୍କା ରହିଛି। ତୃତୀୟ ତ୍ରୈମାସରେ କମ୍ପାନୀର କାରବାର ୩% ବଢି ୧୫,୬୬୦ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୫,୧୯୦ କୋଟି ଟଙ୍କା ରହିଥିଲା। କମ୍ପାନୀ ବର୍ତ୍ତମାନ ଉତ୍ପାଦନ ବୃଦ୍ଧି ତଥା ଆଧୁନିକୀକରଣକୁ ପ୍ରାଥମିକତା ଦେଉଛି। ସେହିଭଳି ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟଧାରାରେ ଉନ୍ନତି ନେଇ ପ୍ରୟାସ ଜାରି ରହିଥିବା ଏହା ପ୍ରକାଶ କରିଛି। ବଜାରର ଆବଶ୍ୟକତା ପୂରଣ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେଲ ଅଧ୍ୟକ୍ଷ ଅନିଲ କୁମାର ଚୌଧରୀ ସୂଚନା ଦେଇଛନ୍ତି।

# ଚାପରେ ରହିଛି ୨.୫ ଲକ୍ଷ କୋଟିର ତାପଜ ବିଦ୍ୟୁତ୍ ପ୍ରକଳ୍ପ

ନୂଆଦିଲ୍ଲୀ,୧୦-୨

ଦେଶର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଚାପଗ୍ରସ୍ତ ହୋଇଛନ୍ତି। ସେମାନେ ଏବେ ସଙ୍କଟ ଦେଇ ଗତିକରୁଛନ୍ତି। ଏଥିରୁ ସେମାନଙ୍କୁ ମୁକୁଳାଇବା ଲାଗି ତତ୍କାଳ ସମାଧାନସୂଚକ ପଦକ୍ଷେପ ନେବାକୁ ହେବ ବୋଲି ଆସୋଚାମ୍-ଗ୍ରାଣ୍ଟ ଥର୍ନଟନ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ଘରୋଇ ଏବଂ ଆମଦାନୀ ହେଉଥିବା କୋଇଲା ଓ ଗ୍ୟାସ୍ ଉପରେ ନିର୍ଭରଶୀଳ ଏହି ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଅତ୍ୟନ୍ତ ସଙ୍କଟ ଦେଇ ଗତି କରୁଛନ୍ତି। ବିଜୁଳି କ୍ଷେତ୍ରକୁ ଦିଆଯାଇଥିବା ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଏବେ ଏନ୍‌ପିଏ(ଅନାଦାୟ ଋଣ) ହୋଇଗଲାଣି ଅଥବା ପୁନର୍ଗଠିତ ହେଲାଣି। ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୬୬ ହଜାର ମେଗାୱାଟ କ୍ଷମତାବିଶିଷ୍ଟ ପ୍ରକଳ୍ପଗୁଡ଼ିକ ଏବେ ବିଭିନ୍ନ ଚରଣରେ ଅଟକି ଯାଇଛି। ସେମାନେ ଏବେ ଘୋର ଆର୍ଥିକ ସଙ୍କଟର ସାମ୍ନା କରୁଛନ୍ତି। ଏଗୁଡ଼ିକ ମଧ୍ୟରୁ ୫୪,୮୦୦ ମେଗାୱାଟ୍ କୋଇଲା ଆଧାରିତ ପ୍ରକଳ୍ପ ହୋଇଥିବା ବେଳେ, ୬୮୯୦ ମେଗାୱାଟର ଗ୍ୟାସ ଆଧାରିତ ଏବଂ ୪୫୭୦ ମେଗାୱାଟ୍‌ର ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଋଣ ଏବେ ଫସିଯାଇଛି। ଏହା ବ୍ୟାଙ୍କିଙ୍ଗ ସେକ୍ଟର ଓ ଅର୍ଥନୀତି ପାଇଁ ବିପଦ ଘଣ୍ଟି ବୋଲି ମନେ କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ, ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ଇନ୍ଧନ ଯୋଗାଣ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ନ ହେବା,ବିଦ୍ୟୁତ କ୍ରୟ ଚୁକ୍ତିର ଅଭାବ ଆଦି ଯୋଗୁ ପ୍ରକଳ୍ପଗୁଡ଼ିକ ଆଗେଇବାରେ ବାଧା ସୃଷ୍ଟି କରିଛି। ସଙ୍କଟଗ୍ରସ୍ତ ଏହି ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ପାଇଁ ଗୋଟିଏ ପ୍ରକାର ସମାଧାନ ପନ୍ଥା ହୋଇପାରିବ ନାହିଁ ବୋଲି ରିପୋର୍ଟରେ ଜୋର୍ ଦିଆଯାଇଛି।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଆର୍‌ପିଆର୍‌ସି ଶାଖା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଏନ୍‌ବି ଓଡ଼ିଶା ମଣ୍ଡଳ ମୁଖ୍ୟ ଗଣପତି ଲାଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ପ୍ରବନ୍ଧକ ପ୍ରତାପ କୁମାର ବଇରୀ ଗଞ୍ଜନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡ. ମହେଶ ରଥ, ଡ. ସମ୍ବିତ ଦାସ ଏବଂ ଟିମ୍ ଏଥିରେ ଯୋଗ ଦେଇଥିଲେ।

# ଆରବିଆଇଠାରୁ ୨୭,୩୮୦ କୋଟି ମାଗିଲେ ସରକାର

ନୂଆଦିଲ୍ଲୀ,୧୦-୨




ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୭,୩୮୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେଉ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆର୍‌ବିଆଇ ଏହି ଅର୍ଥକୁ ବିଗତ କିଛି ବର୍ଷ ହେବ ବିପଦ ପରିଚାଳନା ଏବଂ ସଂରକ୍ଷିତ ଭଣ୍ଡାର ଭାବେ ସଞ୍ଚୟ କରି ରଖିଥିଲା।

ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ରିଜର୍ଭ ବ୍ୟାଙ୍କ ୨୦୧୬-୧୭ ଆର୍ଥିକ ବର୍ଷର ବିପଦ ଏବଂ ସଂରକ୍ଷିତ ଭଣ୍ଡାର ରୂପରେ ୧୩,୧୯୦କୋଟି ଟଙ୍କା ନିଜ ପାଖରେ ରଖିଥିଲା। ସେହିପରି ୨୦୧୭-୧୮ରେ ଏହା ୧୪,୧୯୦ କୋଟି ଟଙ୍କା ପୁଞ୍ଜି ସଞ୍ଚୟ କରିଥିଲା। ଏଭଳି ଭାବେ ଏହା ନିକଟରେ ଏବେ ଉକ୍ତ ଟଙ୍କା ସଞ୍ଚିତ ହୋଇ ରହିଛି, ଯାହାକୁ ସରକାର ମାଗୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସରକାର ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କକୁ ଅନ୍ତରୀଣ ଲାଭାଂଶ ଏବଂ ଗତ ଦୁଇ ବର୍ଷର ଅତିରିକ୍ତ ପାଣ୍ଠିରେ ରଖାଯାଇଥିବା ଅର୍ଥକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଆର୍‌ବିଆଇ ଠାରୁ ସରକାର ଅନ୍ତରୀଣ ଲାଭାଂଶ ବାବଦରେ ୨୮ ହଜାର କୋଟି ଟଙ୍କା ପାଇପାରନ୍ତି ବୋଲି କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଥିଲେ। ଆର୍ଥିକ ବର୍ଷ ୨୦୧୮-୧୯ରେ ସରକାରଙ୍କୁ ଆର୍‌ବିଆଇ ୪୦ହଜାର କୋଟି ଟଙ୍କାର ଲାଭାଂଶ ଦେଇସାରିଥିଲା। ଯଦି ବୋର୍ଡର ମଞ୍ଜୁରୀ ପରେ ଏହା ୨୮ ହଜାର କୋଟି ଟଙ୍କା ପ୍ରଦାନ କରେ, ତେବେ ମୋଟ ଲାଭାଂଶ ପରିମାଣ ୬୮ ହଜାର କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ସୂତ୍ରରୁ କୁହାଯାଇଛି ଯେ, କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷରେ ଲାଭାଂଶ ବାବଦରେ ରିଜର୍ଭ ବ୍ୟାଙ୍କରୁ ୬୯ହଜାର କୋଟି ଟଙ୍କା ପାଇବାକୁ ଆଶାବାନ୍ଧିଛନ୍ତି। ରାଷ୍ଟ୍ରୀୟ ବ୍ୟାଙ୍କ, ଆର୍ଥିକ ସଂସ୍ଥା ଓ ଆର୍‌ବିଆଇ ଲାଭାଂଶକୁ ହିସାବକୁ ନେଲେ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାୟ ୮୨,୯୧୧.୫୬ କୋଟି ଟଙ୍କା ପାଇବାକୁ ଯାଉଛନ୍ତି।

# ଆଇଡିବିଆଇ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

ମୁମ୍ବାଇ,୧୦-୨

ରାଷ୍ଟ୍ରାୟତ୍ତ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏଲ୍‌ଆଇସି ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନ ଅଧିଗ୍ରହଣ କାର୍ଯ୍ୟ ଚୂଡାନ୍ତ କରିବା ପରେ ବ୍ୟାଙ୍କରେ ଏହା ୨୧,୬୨୪ କୋଟି ଟଙ୍କା ପୁଞ୍ଜି ନିବେଶ କରିଛି। ଏହି ନିବେଶ ପରେ ଆଇଡିବିଆଇ ୨୦୧୮ ଡିସେମ୍ବର ସୁଦ୍ଧା ନିର୍ଦ୍ଧାରିତ ପୁଞ୍ଜି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛି। ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ସିଇଟି-୧ ପୁଞ୍ଜି ୯.୩୨% ବୃଦ୍ଧି ଘଟିଛି। ୨୦୧୭ ସମାନ ସମୟରେ ଏହା ୬.୬୨% ଥିଲା। କାସା ୮୮,୨୦୬ କୋଟି, ସିଆର୍‌ଏଆର ୧୧.୯୩%ରୁ ୧୨.୫୧%, ମୋଟ ଜମାର ୩୮% କାସା ରହିଛି। ଜମାରେ ୧୦% ବୃଦ୍ଧି ଘଟି ୫୨,୨୨୫ କୋଟି ଟଙ୍କା ଛୁଇଁଛି। ମୋଟ ଏନ୍‌ପିଏ ଏବଂ ନେଟ୍ ଏନ୍‌ପିଏ ସଂଗ୍ରହରେ ଉନ୍ନତି ଘଟି ୨୯.୬୭% ଏବଂ ୧୪.୦୧% ରହିଛି, ଯାହା ପୂର୍ବେ ଚଳିତ ବର୍ଷ ସେପ୍ଟେମ୍ବରରେ ଯଥାକ୍ରମେ ୩୧.୭୮% ଏବଂ ୧୭.୩୦% ରହିଥିଲା। ଏନ୍‌ପିଏ ଆଦାୟ ଉନ୍ନତ ରହିବା ସହ ୩୪୪୦ କୋଟି ଟଙ୍କା ଛୁଇଁଛି। ବ୍ୟାଙ୍କ ୧୩୫୭ କୋଟି ଟଙ୍କା ନେଟ୍ ସୁଧ ଆୟ ଲାଭ କରିଛି। ସେହିଭଳି ପରିଚାଳନାଗତ ଲାଭ ୭୨୫ କୋଟି ଟଙ୍କା ରହିଛି। ଏହି ସମୟରେ ନେଟ୍ କ୍ଷତି ୪୧୮୫ କୋଟି ଟଙ୍କା ରହିଛି। ଅଧିଗ୍ରହଣ ପରେ ବ୍ୟାଙ୍କର ୧୮୦୦ ଶାଖାରେ ଏଲ୍‌ଆଇସି ପ୍ରଡକ୍ଟ ଉପଲବ୍ଧ ହେବ ବୋଲି ଆଇଡିବିଆଇ ପକ୍ଷରୁ ସୂଚନା ରହିଛି।

**ସଂକ୍ଷେପରେ**

## ଲୁଟ୍ ଘଟଣାରେ ଜଣେ ଗିରଫ

ଜୟପୁର,୧୦।୨(ନି.ପ୍ର.): ଜୟପୁର ଟାଉନ ପୋଲିସ ଲୁଟ୍ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ସ୍ଥାନୀୟ ଖାଲସାହିର ଜଗନ୍ନାଥ ପରଜା (୩୦) । ଜୟପୁର ପାରାବେଡ଼ା ନିକଟରେ ଗତ ୮ ତାରିଖ ରାତିରେ ପ୍ରଭାକର ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଯାଉଥିବା ବେଳେ ତାଙ୍କଠାରୁ ମୋବାଇଲ ସହ ୩ ହଜାର ଟଙ୍କା ଲୁଟ୍ ହୋଇଥିଲା । ଏନେଇ ପ୍ରଭାକର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ କେସ୍ ନଂ ୨୬/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ। ପରେ ଜଗନ୍ନାଥଙ୍କୁ ଗିରଫ ପରେ ଲୁଟ୍ ହୋଇଥିବା ମୋବାଇଲ ସହ ୬ ଶହ ଟଙ୍କା ତାଙ୍କଠାରୁ ଜବତ କରାଯିବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିଜେଡି ନଗର ସଭାପତିଙ୍କୁ ସମ୍ବର୍ଦ୍ଧନା

### ମ୍ୟୁନିସିପାଲିଟିର ୭ ଜଣିଆ କମିଟି ଅନୁମୋଦିତ



କୋରାପୁଟ,୧୦।୨(ସ୍ୱ.ପ୍ର.): କୋରାପୁଟର ନୂତନ ନଗର ସଭାପତି ତଥା ମ୍ୟୁନିସପାଲିଟି ବିଜେଡି ସଭାପତି ସୁବାସ ସେନାପତିଙ୍କୁ ରବିବାର ଜିଲା ବିଜେଡି କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କୁ ସହାୟତା ଦେବା ପାଇଁ ୭ ଜଣିଆ କମିଟି ସଦସ୍ୟଙ୍କୁ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଅନୁମୋଦନ କରିଛନ୍ତି। ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ପର୍ଯ୍ୟବେକ୍ଷକ ଶିବ ପଟ୍ଟନାୟକ, ଜିଲା ବିଜେଡି ଉପସଭାପତି ରଘୁରାମ ପଡାଲ ଏବଂ ଉତ୍କଳ ରଞ୍ଜନ ନାୟକ, ସଂପାଦକ ରଘୁରାମ ମାଛ, ଲଲାଟ ରଞ୍ଜନ ସେଠୀ, ରମେଶ ସ୍ୱାଇଁ, ଭାଗିରଥି ପାଟନିଆ, ପିଣ୍ଟୁ ସାହୁ ଉପସ୍ଥିତ ଥିଲେ। ସେହିପରି ନୂତନ ନଗର ସଭାପତିଙ୍କୁ ସହଯୋଗ କରିବା ପାଇଁ ଗଠନ କରାଯାଇଥିବା ୭ ଜଣିଆ କମିଟିକୁ ଜିଲା ସଭାପତି ପାଣିଗ୍ରାହୀ ଅନୁମୋଦନ କରିଥିଲେ । ମ୍ୟୁନିସପାଲିଟି ତଥା ନଗର କମିଟି କାର୍ଯ୍ୟକାରୀ ସଭାପତି ଭାବେ ଦୀନବନ୍ଧୁ ହନ୍ତାଳ, ଉପସଭାପତି ଭାବେ ସବୁାସ ଚନ୍ଦ୍ର ସାହୁ, ଗୌରୀଶଙ୍କର ରଥ, ନଗର ସଂପାଦକ ଭାବେ ଅକ୍ଷୟ ମହାନ୍ତି, ରଞ୍ଜୁ ଖୋସଲା, ସନା ଜାନି, ଚନ୍ଦ୍ରଶେଖର ପାତ୍ର ମନୋନୀତ ହୋଇଛନ୍ତି।

# ନିର୍ବାଚନ ପୂର୍ବରୁ ଆଦିବାସୀ ମାନ୍ୟତା ଦାବି

### ନଚେତ୍ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଲା ଦୋରା ମହାସଂଘ



ସିପାଇପୁଟ ବୈଠକରେ ଦୋରା ମହାସଂଘର କର୍ମକର୍ତ୍ତା ।

ପଟ୍ଟାଙ୍ଗି,୧୦।୨(ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ପୂର୍ବରୁ ଆଦିବାସୀ ମାନ୍ୟତା ଦିଅ। ନଚେତ୍ ଭୋଟ୍ ବର୍ଜନ କରିବୁ। ପଟ୍ଟାଙ୍ଗି ବ୍ଲକ ସିପାଇପୁଟ ଗ୍ରାମରେ ରବିବାର ଦୋରା ମହାସଂଘ ଆବାହକ ତାଉଡୁ ଦୋରାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଜରୁରୀ ବୈଠକରେ ଏହି ଚେତାବନୀ ଦିଆଯାଇଛି। ବୈଠକରେ ସଂଘର ଜିଲା ସଭାପତି ବୈଦ୍ୟନାଥ ଗେମେଲଙ୍କ ସମେତ ସେମିଳିଗୁଡ଼ା ବ୍ଲକ ସଭାପତି ଉଦ୍ଧବ ଖରା ଓ ନନ୍ଦପୁର ବ୍ଲକର ନିରଞ୍ଜନ ଖରା, ପର୍ଶୁରାମ ଗେମେଲ ଯୋଗ ଦେଇଥିଲେ। ୨୦୧୪ ନିର୍ବାଚନ ସମୟରେ ବର୍ତ୍ତମାନର ବିଧାୟକ ଜୁଡିସିଆଲ ଷ୍ଟାମ୍ପ କାଗଜରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଯେ, ସେ ନିର୍ବାଚିତ ହେଲେ ଦୋରା ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବାରେ ସହଯୋଗ କରିବେ। କିନ୍ତୁ ତାହା ହୋଇପାରିଲା ନାହିଁ। ଏହାକୁ ନେଇ ବିଗତ ଦିନରେ ସେମିଳିଗୁଡା ବ୍ଲକ ବିଲେଇଗୁଡ଼ା ସ୍ଥିତ ବିଧାୟକଙ୍କ ବାସଭବନ ସମ୍ମୁଖରେ ଧାରଣା ଦେଇଥିଲା ସଂଘ। ବିଧାନସଭାରେ ଏକ କମିଟି ଗଠନ କରି ଆଦିବାସୀ ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଉପସ୍ଥାପନ କରିବି ବୋଲି ମଧ୍ୟ ଯେଉଁ ପ୍ରତିଶ୍ରୁତି ବିଧାୟକ ଦେଇଥିଲେ, ତାହା ମଧ୍ୟ ପାଳନ କଲେନାହିଁ। ଏବେ ଉକ୍ତ ସମ୍ପ୍ରଦାୟର ଲୋକଙ୍କୁ ମାଓବାଦୀ ନାଁରେ ଅର୍ଥ ଆଦାୟ ଭଳି ଅଭିଯୋଗ କରି ପୋଲିସ ହାତରେ ଧରାଇଦେଇ ନିର୍ଯାତନା ଦିଆଯାଉଥିବା ଘଟଣାର ସଂଘ ନିନ୍ଦା କରିଛି। ବୈଠକରେ ଶଙ୍କର ପାଙ୍ଗିଙ୍କ ସମେତ ପତାନା ଖରା, ପର୍ଶୁ ଖରା, ପର୍ଶୁରାମ ଗେମେଲ, ତ୍ରିନାଥ ଖରା, ଦେବାନନ୍ଦ ପାତ୍ର, ଯୋଗୀ ହନ୍ତାଳ ଉପସ୍ଥିତ ଥିଲେ।



ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ଶିରିଡି ସାଇ ମନ୍ଦିର ପ୍ରଥମ ପ୍ରତିଷ୍ଠା ଉତ୍ସବ

କୋରାପୁଟ/ଦାମନଯୋଡ଼ି, ୧୦।୨(ସ୍ୱ.ପ୍ର.)

ଦାମନଯୋଡ଼ି ସ୍ଥିତ ଶିରିଡି ସାଇ ମନ୍ଦିରର ପ୍ରଥମ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ହଜାର ହଜାର ଭକ୍ତ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ସହର କରିକ୍ରମା କରିଛନ୍ତି। ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରାୟ ୫ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ହେବ। ରବିବାର ସକାଳ ୭ଟାରୁ ବାବାଙ୍କ ମନ୍ଦିରରେ ଅଖଣ୍ଡ ନାମଯଜ୍ଞ ପରେ ସକାଳ ୯ଟାରେ କଳସ ଯାତ୍ରା ଓ ଅପରାହ୍ନ ୨ଟାରେ ସର୍ବ ଦେବଦେବୀ ଆଗମନ, ଅଗ୍ନି ସଂସ୍କାର, ଆହୂତି, ସାନ୍ଧ୍ୟ ଆଳତି ଅନୁଷ୍ଠିତ ହୋଇଛି। ୧୧ ତାରିଖ ସୋମବାର ମନ୍ଦିରରେ ପ୍ରାତଃ ସୂର୍ଯ୍ୟପୂଜା, ମହାସ୍ନାନ, ଶ୍ରୀସାଇ ଓ ବିଷ୍ଣୁଙ୍କ ସହସ୍ରନାମ କରାଯିବାକୁ ଥିବାବେଳେ ମଙ୍ଗଳବାର ଶ୍ରୀସାଇଙ୍କ ଷୋଡ଼ଶ ଉପଚାର ପୂଜା ରହିଛି। ବୁଧବାର ଦାମନଯୋଡ଼ିର ମା' କଣ୍ଟାବାଉଁଶୁଣୀ ପୀଠରୁ ଭେଜାପୁଟ ଗେଟ୍ ଯାଏଁ ବାବାଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଥିବା ଶ୍ରୀ ଶିରିଡି ସାଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାପଡ଼ିଛି।

■ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

## 'ଶିକ୍ଷା ହେଉଛି ବିକାଶର ଚାବିକାଠି'

ଜୟପୁର,୧୦।୨(ନି.ପ୍ର.)

ଶିକ୍ଷା ହେଉଛି ବିକାଶର ଚାବିକାଠି । ଦେଶର ଯାହା ବିକାଶ ହେଉଛି, ତାହା ଶିକ୍ଷା ମାଧ୍ୟମରେ। ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ପିଲାଙ୍କ ଶିକ୍ଷା ସବଳ ହେଲେ ହିଁ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତବିଂଶତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପ୍ରଧାନ ଏହି ମତ ରଖିଛନ୍ତି। ଗାୟତ୍ରୀ ବାହିନୀପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ସମ୍ପାଦକ ପ୍ରତାପ ଚନ୍ଦ୍ର ପଣ୍ଡା ସମ୍ପାଦକୀୟ ବିବରଣୀ ଓ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅମିତା ମହାପାତ୍ର ଅତିଥି ପରିଚୟ ଓ କୃଷ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। ଗତ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ କୋରାପୁଟ ଜିଲାରେ ପ୍ରଥମ ହୋଇଥିବା ସତ୍ୟବୀର ମୁଦୁଲି ଓ ବିଦ୍ୟାଳୟର ୫ମ ଶ୍ରେଣୀର ଶ୍ରେୟାଂଶୀ ମହାପାତ୍ର 'ଅପରାଜିତା' ଟିଭିର ଓଡ଼ିଶା ଆଇଡଲ ଜୁନିୟରରେ ପ୍ରଥମ ହୋଇଥିବାରୁ ପୁରସ୍କୃତ ହୋଇଥିଲେ। ସଭା ପରେ ମଞ୍ଚରେ ଓଡ଼ିଶୀ, ସମ୍ବଲପୁରୀ, ଢେମସା, ଆଦିବାସୀ ନୃତ୍ୟ ସହ ବୁଢ଼ା ଶଙ୍ଖାରୀ ଓ ଚକୁଳିଆ ପଣ୍ଡା ଭଳି ସାଂସ୍କୃତିକ ନାଟକ ପରିବେଷଣ କରାଯାଇଥିଲା । ଗୌରାଙ୍ଗ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାତ୍ର, କବିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

କୋରାପୁଟ,୧୦।୨(ସ୍ୱ.ପ୍ର.)

ଭାଲୁ ଆକ୍ରମଣରେ କୋରାପୁଟ ବ୍ଲକ ବାସପୁଟ ଗ୍ରାମର ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ମସ୍ତିପୁଟ ପଞ୍ଚାୟତ ଅଧୀନ ବାସପୁଟ ଗ୍ରାମର ନିନିଗୁରୁ ଦେଶନାୟକ(୫୬) ରବିବାର ଅପରାହ୍ନରେ ଜମିରେ ପନିପରିବା ଚାଷରେ ଗଛକୁ ପାଣି ମଡ଼ାଉ ଥିବାବେଳେ ସେଠାରେ ଲୁଚି ରହିଥିବା ଭାଲୁ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ବୃଦ୍ଧଙ୍କ ଜଂଘ, ମୁହଁ ଓ ଦେହରେ କ୍ଷତ ହୋଇଛି। ଗ୍ରାମର କେତେକ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋରାପୁଟ ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ



ଜଗନ୍ନଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବେଶ ।

ଜୟପୁର,୧୦।୨(ନି.ପ୍ର./ଡି.ଏନ୍.ଏ.)

ଜୟପୁର ଜଗନ୍ନାଥ ମନ୍ଦିରର ୨୭ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଜଗନ୍ନାଥ ମନ୍ଦିର ସେବା ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ପୂର୍ବାହ୍ନ ୮ଟାରୁ ବେଦପାଠ, ବିଷ୍ଣୁ ସହସ୍ରନାମ ଏବଂ ହୋମଯଜ୍ଞାଦି ସହ ଆରମ୍ଭ ହୋଇଥିଲା। ଅପରାହ୍ନରେ ପୂର୍ଣ୍ଣାହୂତି ସହିତ ପ୍ରସାଦସେବନ କାର୍ଯ୍ୟକ୍ରମ ପରେ ଶେଷ ହୋଇଥିଲା। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ରହିଥିବା ଜଗତଗୁରୁ ଆଦି ଶଙ୍କରାଚାର୍ଯ୍ୟ ଜ୍ଞାନ ମଣ୍ଡପରେ ପ୍ରବଚନ ଏବଂ ଭଜନ କାର୍ଯ୍ୟକ୍ରମରେ ପଣ୍ଡିତ ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର ଜଗନ୍ନାଥ ତତ୍ତ୍ୱ ଉପରେ ପ୍ରବଚନ ଦେଇଥିବା ବେଳେ ସ୍ଥାନୀୟ ଗାୟକ ତ୍ରିଲୋଚନ ଭଞ୍ଜ, ଗାୟିକା ବିଦ୍ୟୁତପ୍ରଭା ପଟ୍ଟନାୟକ, ଇଂ. ନିରଞ୍ଜନ ସାହୁ, ତପସ୍ୱିନୀ ସାହୁ ଭଜନ ପରିବେଷଣ କରିଥିଲେ । ଏଥିରେ ବଂଶୀବାଦକ ଜି. ମହେଶ ଏବଂ ଢୋଲକରେ ପ୍ରକାଶ ମହାକୁଡ଼ ସହଯୋଗ କରିଥିଲେ।

## ଡକାୟତି ଅଭିଯୁକ୍ତ ୩ ମାସ ପରେ ଗିରଫ

ଜୟପୁର,୧୦।୨(ଡି.ଏନ୍.ଏ.)

ଜୟପୁର ସଦରଥାନା ପକ୍ଷରୁ ସ୍ଥାନୀୟ କଳାଗୁଡ଼ାର ବାସିନ୍ଦା ଥିବା ତଥା ଡକାୟତି ଓ ଚୋରି ମାମଲାର ଅଭିଯୁକ୍ତ ୩ ମାସ ପରେ ଗିରଫ ହେବା ପରେ ଶନିବାର କୋର୍ଟ ଚାଲାଣ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ କିଶୋର କୁଳଦିପ (୨୫) । ସେ ୩ ମାସରୁ ଊର୍ଦ୍ଧ୍ୱ ହେଲାଣି ଜୟପୁର ସଦରଥାନାରେ ବାଇକ ଓ ମୋବାଇଲ ଚୋରି ମାମଲା ଏବଂ କୋରାପୁଟ ସଦରଥାନା ଅଞ୍ଚଳରେ ଡକାୟତି ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ଗତ ଶୁକ୍ରବାର ପୋଲିସ ଚୋରି ବାଇକ ସହ ସ୍ଥାନୀୟ ତେଲିଗୁଡ଼ା ନିକଟରୁ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଗତ ଅକ୍ଟୋବର ୩୦ ରାତିରେ ଜୟପୁର ପାରାବେଡ଼ା ବାସିନ୍ଦା କେ. ସନ୍ତୋଷ ଆଚାରୀ ପାଲିଗୁଡ଼ା ଫାର୍ମ ହାଉସରେ ଶୋଇଥିବା ବେଳେ ତାଙ୍କର ୨ଟି ମୋବାଇଲ ଓ ବାଇକ (ଓଡି ୧୦୧୮୦୬) ଚୋରି କରିନେଇଥିଲେ। ପୋଲିସ ଦଫା ୩୭୬ ଅନୁଯାୟୀ ମାମଲା (୧୮୬/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ନଭେମ୍ବର ୪ ତାରିଖ ତାଙ୍କ ଗ୍ରାମ ନିକଟରେ ପୋଲିସ ଗୋଡ଼ାଇଥିବା ବେଳେ ମୋବାଇଲ ଫିଙ୍ଗିଦେଇ ଘଟଣାସ୍ଥଳରୁ ବାଇକରେ ଫେରାର ହୋଇଯାଇଥିଲେ। ସେହିପରି ଅକ୍ଟୋବର ୫ରେ କୋରାପୁଟ ସଦରଥାନା ବାସୁଗୁଡ଼ା ନିକଟରୁ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ଅନ୍ୟ ୩ଜଣଙ୍କ ସହ କିଶୋର ଅଭିଯୁକ୍ତ ଥିଲେ।

# କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ବାଗ୍‌ଦେବୀଙ୍କ ଆରାଧନା



କୋରାପୁଟ ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାଳୟ।



ସୁନାବେଡ଼ା।



କୋଲାବନଗର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର।



ଦାମନଯୋଡ଼ି ସରସ୍ୱତୀ ବିହାର ପୂଜାମଣ୍ଡପ।



ଜୟପୁର ଶାରଦା ବିହାର ଶିଶୁମନ୍ଦିର।



ଦାମନଯୋଡ଼ି ନାଲକୋ ଟାଉନଶିପ୍ ସରସ୍ୱତୀ ବିଦ୍ୟା ମନ୍ଦିର।



କୋରାପୁଟ ବିଏସ୍‌ସି ନର୍ସିଂ କଲେଜ।



ବର୍ତ୍ତମାନର ଫର୍ମକୁ ଅନୁଧ୍ୟାନ କଲେ ଏଥର ଭାରତ ଓ ଇଂଲଣ୍ଡକୁ ବିଶ୍ୱକପ୍ ଟାଇଟଲ ଫେଭରାଇଟ୍ କୁହାଯାଇପାରେ, କିନ୍ତୁ ଆମ ଦେଶର ମଧ୍ୟ ସମ୍ଭାବନା ରହିଛି।
–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

ଭାରତ ବିପକ୍ଷ ଟି୨୦ ସଫଳତା ଦ୍ୱାରା ଆମ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି, ବାଂଲାଦେଶ ବିପକ୍ଷ ଆଗାମୀ ଘରୋଇ ସିରିଜରେ ଭଲ କରିବୁ ବୋଲି ଆଶା।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



## ସଂକ୍ଷେପରେ

### ମହିଳା ହକି: ଭାରତ ଏ’ ଦଳ ବିଜୟୀ

ଗୋରଖପୁର (ଉତ୍ତର ପ୍ରଦେଶ), ୧୦।୨ (ପି.ଟି.): ଭ୍ରମଣକାରୀ ଫ୍ରାନ୍ସ ‘ଏ’ ମହିଳା ହକି ଦଳ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଭାରତ ‘ଏ’ ୩-୨ ଗୋଲରେ ଜିତି ନେଇଛି। ସ୍ଥାନୀୟ ବୀର ବାହାଦୁର ସିଂ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ମିକାଏଲା ଲାଲା ୧୪ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଫ୍ରାନ୍ସ ‘ଏ’କୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ପରେ ମାରିଆନା କୁଜୁର (୧୯ତମ), ଲାଲ୍‌ରେମସିଆମି (୩୦ତମ) ଓ ମମ୍‌ତାଜ ଖାଁ (୩୪ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ମ୍ୟାଚକୁ ଘରୋଇ ଦଳ ସପକ୍ଷକୁ ନେଇ ଆସିଥିଲେ। ଭ୍ରମଣକାରୀଦଳ ପକ୍ଷରୁ ଗୁସ୍‌ଜେ ଭାନ୍ ବୋଲ୍‌ହୁଇସ୍ (୫୮ତମ) ଶେଷକ୍ୱାର୍ଟରରେ ଏକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ପ୍ରଥମ ମ୍ୟାଚରେ ପରାଜିତ ହୋଇଥିବା ଭାରତ ଏ’ ସିରିଜକୁ ୧-୧ ସ୍ତରକୁ ନେଇ ଆସିଛି।

### ଆର୍‌ଏସ୍‌ପିବି ଚାମ୍ପିୟନ

ଗ୍ୱାଲିୟର,୧୦।୨ (ପି.ଟି.): ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଦଳ ରବିବାର ଅନୁଷ୍ଠିତ ଫାଇନାଲରେ ୩-୨ ଗୋଲରେ ଗତଥରର ଚାମ୍ପିୟନ ପଞ୍ଜାବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ହରସାହିବ ସିଂ (୩୫ ତମ, ୪୫ ତମ ମିନିଟ) ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିବାବେଳେ ଦିଲପ୍ରୀତ ସିଂ (୫୭ତମ) ଅନ୍ୟ ଗୋଲଟିକୁ ସ୍କୋର କରିଥିଲେ। ପରାଜିତ ପଞ୍ଜାବ ତରଫରୁ ରୁପିନ୍ଦର ପାଲ୍‌ସିଂ (୨୩ତମ) ଓ ରମଣଦୀପ ସିଂ (୬୦ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ୪-୧ ଗୋଲରେ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କକୁ ହରାଇ ବ୍ରୋଞ୍ଜ ପଦକ ଲାଭ କରିଛି।

### ୪ ରନ୍‌ରେ ହାରିଲା ଭାରତ

# ନ୍ୟୁଜିଲାଣ୍ଡ ୨–୧ରେ ବିଜୟୀ

ହାମିଲଟନ,୧୦।୨(ପି.ଟି.)

ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ଟି୨୦ରେ ନେଇଛି ନ୍ୟୁଜିଲାଣ୍ଡ। ଭାରତଠାରୁ ଦିନିକିଆ ସିରିଜରେ ୪–୧ରେ ହାରିବା ପରେ ନ୍ୟୁଜିଲାଣ୍ଡ ଟି୨୦ ସିରିଜକୁ ୨–୧ରେ ହାତେଇ ନେଇଛି। ଫଳରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ ଅତ୍ୟନ୍ତ ସଫଳ ହୋଇଥିଲେ ମଧ୍ୟ ଶେଷରେ ପରାଜୟ ସହ ଭାରତକୁ ସ୍ୱଦେଶ ଫେରିବାକୁ ପଡିଛି। ରବିବାର ସ୍ଥାନୀୟ ସେଡନ ପାର୍କରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ମାତ୍ର ୪ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଓପନର କଲିନ୍ ମୁନରୋଙ୍କ ଧୂଆଁଧାର ୭୨ ରନର ଅର୍ଦ୍ଧଶତକୀୟ ପାଳି (୪୦ ବଲ, ୫ ଚୌକା, ୫ ଛକା) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଭାରତୀୟ ବୋଲର ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇ ନ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ବଡ଼ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ଜବରଦସ୍ତ ଲଢେଇ କରିଥିଲେ ମଧ୍ୟ ୪ ଉଇକେଟ ହରାଇ ୨୦୮ ରନରେ ସୀମିତ ରହି ବିଜୟଠାରୁ ୫ ରନ ଦୂରରେ ରହିଯାଇଥିଲା। ବିଜୟୀ ହୋଇଥିଲେ ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମ ଟି୨୦ ସିରିଜ ଜିତି ଭାରତ ଇତିହାସ ସୃଷ୍ଟି କରିଥାନ୍ତା। ଧୂଆଁଧାର ମ୍ୟାଚ୍ ବିଜୟୀ ଇନିଂସ ପାଇଁ ମୁନରୋଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଛି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଅନ୍ୟତମ ନ୍ୟୁଜିଲାଣ୍ଡ ଓପନର ଟିମ୍ ସେଇଫର୍ଟ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।



ଟ୍ରଫି ସହ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ଖେଳାଳିମାନେ ।

୨୧୩ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ପାଇଁ ଅନ୍ତିମ ଓଭରରେ ଅଭିଜ୍ଞ ସାଉଦିଙ୍କ ୬ ବଲରୁ ବିଜୟ ପାଇଁ ୧୬ ରନ ଆବଶ୍ୟକ ହେଉଥିବା ବେଳେ ଦୀନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଯୋଡ଼ି ୧୨ ରନ ସଂଗ୍ରହ କରିଥିଲେ। ଅନ୍ତିମ ବଲ୍‌ରେ ଛକା ମାରିଥିଲେ ମଧ୍ୟ ଦ୍ୱିତୀୟ ଓ ତୃତୀୟ ବଲ୍‌ରେ କାର୍ତ୍ତିକ ରନ ନେଇ ପାରି ନ ଥିଲେ ଓ ଶେଷରେ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭାରତ ପ୍ରଥମେ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇଥିଲା। ୪ ରନ କରିଥିବା ବେଳେ ଧାୱନ ମିଚେଲ ସାଣ୍ଟନରଙ୍କ ଫୁଲ୍ ଲେଙ୍ଥ ବଲ୍‌କୁ ସୁଇପ୍ କରିବାକୁ ଯାଇ ମିଡ୍ ଉଇକେଟରେ ଡାରେଲ ମିଚେଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ଅଧିନାୟକ ରୋହିତ ଶର୍ମା ଓ ଅଲରାଉଣ୍ଡର ବିଜୟ ଶଙ୍କର ୪୬ ବଲରୁ ୭୫ ରନ କରି ସ୍ଥିତି ସମ୍ଭାଳିଥିଲେ। ତେବେ ଶଙ୍କର ୨୮ ବଲରୁ ୫ ଚୌକା ଓ ୨ ଛକା ସହ ୪୩ ରନ କରିଥିବା ବେଳେ ସାଣ୍ଟନରଙ୍କ ଅଫ୍ ସାଇଡ ବଲକୁ ସୁଇପ୍ କରିଥିଲେ ଓ ଡିପ୍ ସ୍କୋୟାରରେ କଲିନ୍ ଡି ଗ୍ରାଣ୍ଡହୋମଙ୍କ ହାତରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୨ ବଲରୁ ୧ ଚୌକା ଓ ୩ ଛକା ସହ ୨୮ ରନ କରି ଜମିଆସୁଥିବା ବେଳେ ବ୍ଲେୟାର ଟିକନରଙ୍କ ଫୁଲଟସ୍ ବଲକୁ ମାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବଲ ବ୍ୟାଟର ଏଜ୍ ନେଇଥିଲା। ଫଳରେ ସେ ମିଡଉଇକେଟ୍‌ରେ ୱିଲିୟମସନଙ୍କ ହାତରେ ଧରାପଡିଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୧ ବଲରୁ ୧ ଚୌକା ଓ ୨ ଛକା ସହ ୨୧ ରନ କରି ସ୍କଟ କୁଗେଲେଜିନ୍‌ଙ୍କ ବଲ୍‌ରେ ମିଡ୍ ଅଫ୍‌ରେ କେନ୍ ୱିଲିୟମସନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୨ ରନ କରି ଡାରେଲ ମିଚେଲଙ୍କ ବଲ୍‌ରେ ଟିମ୍ ସାଉଦିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ଦିନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ୨୮ଟି ବଲରୁ ଅପରାଜିତ ୬୩ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସାଣ୍ଟନର ଓ ମିଚେଲ ୨ଟି ଲେଖାଏ, କୁଗେଲେଜିନ୍ ଓ ଟିକନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ତରଫରୁ ମୁନରୋଙ୍କ ଦ୍ରୁତ ୭୨ ରନକୁ ବାଦ୍ ଦେଲେ ଅନ୍ୟତମ ଓପନର ସେଇଫର୍ଟ ୨୫ ବଲରୁ ୩ ଚୌକା ଓ ୩ ଛକା ସହ ୪୩ ରନ କରିଥିଲେ। ଓପନିଂ ଯୋଡିରେ ଦୁଇ ଓପନର ୮୦ ରନ କରିଥିଲେ। ୱିଲିୟମସନ ୨୧ ବଲରୁ ୨୭, ଗ୍ରାଣ୍ଡହୋମ ୧୬ ବଲରୁ ୩ ଚୌକା ଓ ୧ ଛକା ସହ ୩୦ ରନ କରି ଆଉଟ ହୋଇଥିଲେ। ଡାରେଲ ମିଚେଲ ୧୧ ବଲରୁ ୧୯, ଟେଲର ୭ ବଲରୁ ୧୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୨, ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**


ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୨/୪ (ମୁନରୋ– ୭୨, ସେଇଫର୍ଟ– ୪୩, ଗ୍ରାଣ୍ଡହୋମ– ୩୦, ୱିଲିୟମସନ– ୨୭, କୁଲଦୀପ– ୨/୨୬)।

ଭାରତ ୨୦ ଓଭରରେ ୨୦୮/୬ (ଶଙ୍କର– ୪୩, ରୋହିତ– ୩୮, ପନ୍ତ– ୨୮, ହାର୍ଦ୍ଦିକ– ୨୧, କାର୍ତ୍ତିକ– ୩୩*, କ୍ରୁନାଲ– ୨୬*, ସାଣ୍ଟନର– ୨/୩୨, ମିଚେଲ– ୨/୨୭)।

### ଧୋନୀ ପ୍ରଥମ ଭାରତୀୟ କ୍ରିକେଟର

ନୂଆଦିଲ୍ଲୀ,୧୦।୨

ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରବିବାର ନିଜ କ୍ୟାରିୟରରେ ଆଉ ଏକ ସଫଳତା ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍ ଖେଳି ସେ ଦେଶର ପ୍ରଥମ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମୋଟ ଉପରେ ୩୦୦ରୁ ଊର୍ଦ୍ଧ୍ୱ ଟି୨୦ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କ ତାଲିକାରେ ଧୋନୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି।



ଭେଟେରାନ ଉଇକେଟକିପର ଧୋନୀଙ୍କ ସହ ଇଂଲଣ୍ଡର ଅଲ୍‌ରାଉଣ୍ଡର ଲ୍ୟୁକ ରାଇଟ୍ ମିଳିତ ଭାବେ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଧୋନୀ ଟି୨୦ କ୍ୟାରିୟରରେ ଏପର୍ଯ୍ୟନ୍ତ ୩୮.୩୫ ହାରରେ ୬୧୩୬ ରନ୍ କରିଛନ୍ତି। ଏଥିରେ ୨୪ଟି ଅର୍ଦ୍ଧଶତକ ରହିଛି। ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଧୋନୀଙ୍କ ପଛକୁ ରୋହିତ ଶର୍ମା (୨୯୮) ଓ ସୁରେଶ ରାଇନା (୨୯୬) ରହିଛନ୍ତି। ସୂଚନାଯୋଗ୍ୟ, ସର୍ବାଧିକ ୪୪୬ ଟି୨୦ ମ୍ୟାଚ୍ ଖେଳି ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କିରନ ପୋଲାର୍ଡ ଶୀର୍ଷରେ ରହିଛନ୍ତି।

## ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ: ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର,୯।୨(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାରେ ଚାଲିଥିବା ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଟାଇଟଲ ହାସଲ କରିଛି। ରବିବାର ସ୍ଥାନୀୟ ଇଡେନ ଗାର୍ଡେନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୧୪ ରନରେ ଆନ୍ଧ୍ରପ୍ରଦେଶକୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ ଆନ୍ଧ୍ରପ୍ରଦେଶ ୫ ଉଇକେଟ ହରାଇ ୧୯୧ ରନ କରି ପରାସ୍ତ ହେବା ସହ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ବି ୩ ଓ ବି୧ କାଟାଗୋରୀରେ ଓଡ଼ିଶାର ପଙ୍କଜ ଭୁଏ ଓ ଜାଫର ଇକ୍‌ବାଲ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସେହିପରି ଆନ୍ଧ୍ରର ଅଜୟ ରେଡ୍ଡୀ ବି୨ କାଟାଗୋରୀରେ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପଙ୍କଜ ସେମିଫାଇନାଲ ଓ ଫାଇନାଲ ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଓଡ଼ିଶା ଟ୍ରଫି ସହ ଆସୋସିଏଶନ ଅଫ୍ ବ୍ଲାଇଣ୍ଡ୍ ଇନ୍ ଇଣ୍ଡିଆଠାରୁ ଏକ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛି। ଶନିବାର ଭାରତ ସେମିଫାଇନାଲରେ ଝାଡଖଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ିଶା ଏହି ଟୁର୍ନାମେଣ୍ଟରେ ଗ୍ରୁପ୍ ଡି’ରେ ସାମିଲ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ଉପରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଗୋଆ, ରାଜସ୍ଥାନ, ପଣ୍ଡିଚେରୀ ଓ ପଞ୍ଜାବକୁ ହରାଇଥିଲା। ତେବେ ଓଡ଼ିଶା ଏକମାତ୍ର ମ୍ୟାଚ୍ କର୍ଣ୍ଣାଟକଠାରୁ ପରାସ୍ତ ହୋଇଥିଲା। ଫଳରେ ଗ୍ରୁପ୍ ଡି’ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଗତ୨୫ ତାରିଖରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ହରିୟାଣାକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ଚତୁର୍ଥଥର ପାଇଁ ଓଡ଼ିଶା ଏହି ଜାତୀୟସ୍ତର ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ୨୦୧୬ରେ ଓଡ଼ିଶା ଗୁଜରାଟକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା।

## ମହିଳା ଟି୨୦ରେ ନ୍ୟୁଜିଲାଣ୍ଡର କ୍ଲିନ ସୁଇପ୍

ହାମିଲଟନ,୧୦।୨

ସ୍ଥାନୀୟ ସେଡନ ପାର୍କଠାରେ ଖେଳାଯାଇଥିବା ଭାରତୀୟ ଦଳ ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ଦଳ ୨ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ନ୍ୟୁଜିଲାଣ୍ଡ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬୨ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୫୯ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଘରୋଇ ଦଳ ସୋଫି ଡେଭିନଙ୍କ ୭୨ ରନ୍‌ର ଇନିଂସ ବଳରେ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଆମି ସାଟ୍ଟରଥୱେଟ ୩୧ ଓ ସୁଜି ବାଟେ ୨୪ ରନ୍ କରିଥିଲେ। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ।



ଭାରତକୁ ୩–୦ରେ ପରାସ୍ତ କରିଥିବା ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଟିମ୍ ।

ଜବାବରେ ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ୮୬ ରନ୍ ଇନିଂସ ସତ୍ତ୍ୱେ ଭାରତ ବିଜୟ ଲକ୍ଷ୍ୟଠାରୁ ୩ ରନ୍ ପଛରେ ରହିଯାଇଥିଲା। ମନ୍ଧାନା ୬୨ ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ଲଗାଇଥିଲେ। ଜେମିମା ରୋଡ୍ରିଗୁଏଜ ୨୧, ମିଥାଲି ରାଜ ୨୪ ଓ ଦୀପ୍ତି ଶର୍ମା ୨୧ ରନ କରିଥିଲେ। ବିଜୟୀ ଦଳର ଡେଭିନ ୨ ଉଇକେଟ ନେଇଥିଲେ।

## ୩ ବର୍ଷ ପରେ ଜାତୀୟ ଦଳକୁ ଫେରିଲେ କଳ୍ପନା

ନୂଆଦିଲ୍ଲୀ,୧୦।୨

ଆଗାମୀ ଇଂଲଣ୍ଡ ଗସ୍ତ ଲାଗି ରବିବାର ଭାରତୀୟ ମହିଳା କ୍ରିକେଟ ଦଳ ଘୋଷିତ ହୋଇଯାଇଛି। ଏହି ଦଳରେ ରବି କଳ୍ପନା ସ୍ଥାନ ପାଇଛନ୍ତି। ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ସେ ଜାତୀୟ ଦଳରେ ସାମିଲ ହୋଇଛନ୍ତି। ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ଉଇକେଟକିପର ବ୍ୟାଟ୍ସୱମ୍ୟାନ କଳ୍ପନା ଅନ୍ତିମଥର ଲାଗି ୨୦୧୬ ଫେବୃୟାରୀରେ ଖେଳିଥିଲେ। ତାଙ୍କୁ ଦାୟାଲାନ ହେମଲତାଙ୍କ ବଦଳ ଖେଳାଳି ଭାବେ ଦଳରେ ସ୍ଥାନ ମିଳିଛି। ହେମଲତା ନ୍ୟୁଜିଲାଣ୍ଡ ବିପକ୍ଷ ୨ୟ ଟି୨୦ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡଠାରେ ଖେଳୁଥିବା ଦଳରେ କୌଣସି ପରିବର୍ତ୍ତନ ହୋଇନାହିଁ। ଇଂଲଣ୍ଡ ଦଳ ଭାରତ ଗସ୍ତରେ ଆସି ୩ ଦିନିକିଆ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ୱାଙ୍ଖେଡେ ଷ୍ଟାଡିୟମ୍‌ଠାରେ ଚଳିତ ମାସ ୨୨, ୨୩ ଓ ୨୮ ତାରିଖରେ ଖେଳାଯିବ। ଏହି ସିରିଜ ଆଇସିସି ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ। ଦିନିକିଆ ସିରିଜ୍ ଭଳି ଗୁଆହାଟୀଠାରେ ଉଭୟ ଦଳ ମଧ୍ୟରେ ୩ଟି ଟି୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

ଭାରତୀୟ ମହିଳା ଦଳ: ମିଥାଲି ରାଜ(ଅଧିନାୟିକା), ଝୁଲଣ ଗୋସ୍ୱାମୀ, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ, ହରମନପ୍ରୀତ୍ କୌର, ଦୀପ୍ତି ଶର୍ମା, ତାନିୟା ଭାଟିଆ ଓ ଆର. କଳ୍ପନା(ଉଇକେଟକିପର), ମୋନା ମେଶ୍ରମ, ଏକ୍ତା ବିସ୍ତ, ରାଜେଶ୍ୱରୀ ଗାଏକ୍ୱାଡ୍, ପୁନମ ଯାଦବ, ଶିଖା ପଣ୍ଡେ, ମାନସୀ ଯୋଶୀ ଓ ପୁନମ୍ ରାଉତ।

## କ୍ରିଷ୍ଟିକାଙ୍କୁ ଦ୍ୱୈତ ସଫଳତା

### ଅଲ୍ ଓଡ଼ିଶା ର୍‌ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଷ୍ଟେଟ୍ ସେକ୍ରେଟାରିଏଟ୍ ବ୍ୟାଡମିଣ୍ଟନ ଆସୋସିଏଶ୍ (ଓଏସ୍‌ଏସ୍‌ବିଏ) ଓ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ଆନୁକୂଲ୍ୟରେ ସ୍ଥାନୀୟ ସହିଦ ନଗରସ୍ଥିତ ଓଡ଼ିଶା ସାଇ ରିଜିଓନାଲ ବ୍ୟାଡମିଣ୍ଟନ ଏକାଡେମୀରେ ଅଲ୍ ଓଡ଼ିଶା ର୍‌ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ର କ୍ରିଷ୍ଟିକା ବିରୋଳ ଉଭୟ ମହିଳା ସିଙ୍ଗଲ୍ସ ଓ ମହିଳା ଡବଲ୍ସ ଟାଇଟଲ ଜିତି ଦ୍ୱୈତ ସଫଳତା ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ କ୍ରିଷ୍ଟିକା ସମ୍ବଲପୁରର ପ୍ରଶଂସା ଦାସଙ୍କୁ ୨୧–୧୫,୨୧–୧୧ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସରେ କ୍ରିଷ୍ଟିକା ଓ ସୁନ୍ଦରଗଡ଼ର ଆକାଂକ୍ଷା କୁରେ ୨୧–୧୬, ୨୧–୧୧ରେ ନନ୍ଦିନୀ କୁମାରୀ ଓ ଭୁବନେଶ୍ୱରର ଯଶଶ୍ରୀ ସାମଲଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସମ୍ବଲପୁରର ନନ୍ଦୀଶ୍ ପୋଦ୍ଦାର ଅନୁଗୋଳ ଆୟୁଷ ଦାସଙ୍କୁ ୨୧–୧୬, ୧୨–୨୧, ୨୧–୧୨ରେ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ନନ୍ଦୀଶ ପୋଦ୍ଦାରଙ୍କୁ ୧୫–୨୧,୨୧–୧୩, ୨୧–୯ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ସମ୍ବଲପୁରର ଚାୟାଁ ସହରିଆ ଓ ମହମ୍ମଦ ସାହିଲ ଭୁବନେଶ୍ୱରର ଯଶରାଜ ବିଶ୍ୱାଳ ଓ ପ୍ରିୟାଂଶୁ ମହାନ୍ତିଙ୍କୁ ୨୧–୧୯, ୧୪–୨୧ ୨୧–୧୪ରେ ହରାଇ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସରେ ଭୁବନେଶ୍ୱରର ଜ୍ଞାନଚାନ୍ଦ ଓ ମାନସ ରଞ୍ଜନ ରାଉତରାୟ ୨୧–୧୩, ୨୬– ୨୪ କଟକର ଅଜିତ୍ କୁମାର ମହାନ୍ତି ଓ ପ୍ରମୋଦ କୁମାର ରଣାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି।

ସମ୍ବଲପୁରର ଅନିର୍ବାଣ ସାମନ୍ତ ଓ ହର୍ଷିତା ରାଉତଙ୍କୁ ଟୁର୍ନାମେଣ୍ଟର ଉଦୀୟମାନ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ମୋଟ ଉପରେ ୪୩ ହଜାର ଟଙ୍କା ପୁରସ୍କାର ଆକାରରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମା, ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଉମା ଶଙ୍କର ମହାପାତ୍ର, ଓଏସଏସବିଏ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ, ଉପ–ସଭାପତି ବିଶ୍ୱଜିତ୍ ମହାନ୍ତି, ଆସୋସିଏଶନ ମୁଖ୍ୟ ଉପଦେଷ୍ଟା ତଥା ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମହାପାତ୍ର, ଯୁଗ୍ମ ସମ୍ପାଦକ ତପନ କୁମାର ପଟ୍ଟନାୟକ, ଗେମ୍ ଡାଇରେକ୍ଟର ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ବରେଶ ନାଥ ପ୍ରଧାନ ଓ ମୁଖ୍ୟ ରେଫରି ମନୋଜ କୁମାର ସାବତ୍ ଉପସ୍ଥିତ ଥିଲେ।

### ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ

# ଫାଇନାଲ ଲକ୍ଷ୍ୟରେ ଭାରତ

### ନେପାଳ ବିପକ୍ଷ ମୁକାବିଲା ଆଜି

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଭାରତ ସୋମବାର ନେପାଳକୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଶନିବାର ଇରାନକୁ ୧–୦ ଗୋଲରେ ପରାସ୍ତ କରି ଭାରତ ଅଭିଯାନ ଆରମ୍ଭ କରିଥିଲା। ଅଞ୍ଜୁ ତମାଙ୍ଗ ୪୮ତମ ମିନିଟରେ ଗୋଲ ଦେଇ ଭାରତକୁ ବିଜୟୀ କରାଇଥିଲେ। ସୋମବାର ନେପାଳକୁ ହରାଇପାରିଲେ ଭାରତ ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟର ଫାଇନାଲକୁ ସିଧାସଳଖ ପ୍ରବେଶ କରିବ। ଇରାନକୁ ହରାଇବା ପରେ ଭାରତୀୟ ମହିଳା ଦଳ ଆନ୍ତର୍ଜାତିକ ଫୁଟବଲ୍‌ରେ କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅସାଧାରଣ ସଫଳତା ହାସଲ କରିଛି। ଏହାପୂର୍ବରୁ ଭାରତ ଇଣ୍ଡୋନେସିଆ ଓ ହଂକଂକୁ ଦୁଇଟି ଲେଖାଏ ମ୍ୟାଚ୍‌ରେ ହରାଇଥିଲା। ପ୍ରତ୍ୟେକ ମ୍ୟାଚ୍‌କୁ ଆମେ ଜିତିବାକୁ ଚେଷ୍ଟା କରିଥାଉ। ଇରାନ୍ ବିପକ୍ଷରେ ମଧ୍ୟ ଏହା ହୋଇଥିଲା। ତେଣୁ ନେପାଳକୁ ମଧ୍ୟ ଆମେ ହରାଇବାକୁ ସବୁମତେ ଚେଷ୍ଟା କରିବା ସହ ଫାଇନାଲ ଟିକେଟ ହାସଲ କରିବୁ ବୋଲି ଭାରତୀୟ କୋଚ୍ ମେମୋଲ ରକି କହିଛନ୍ତି। ଇରାନକୁ ଅଧିକ ବ୍ୟବଧାନରେ ଭାରତ ହରାଇ ପାରିଥାନ୍ତା। ତେବେ ସଞ୍ଜୁ ଓ ଅଞ୍ଜୁ ଗୋଟିଏ ଲେଖାଏ ସୁବର୍ଣ୍ଣ ସୁଯୋଗ ହରାଇଥିଲେ। ଭାରତ ପ୍ରଥମ ମ୍ୟାଚ୍‌ରେ ଭଲ ଖେଳିଥିଲା ଓ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଏହି ଭଳି ଖେଳିବ। ଭାରତୀୟ ଖେଳାଳିଙ୍କ ନିକଟରେ ଦକ୍ଷତା ଓ ପ୍ରତିଭା ରହିଛି। ଏସିଆର ଅନ୍ୟତମ ଶକ୍ତିଶାଳୀ ଦଳକୁ ଭାରତ ହରାଇଛି। ଫଳରେ ଆମ ଖେଳାଳିଙ୍କ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଛି ବୋଲି ମେମୋଲ କହିଛନ୍ତି।

ଅପରପକ୍ଷରେ ନେପାଳ ତା’ର ପ୍ରଥମ ମ୍ୟାଚ୍‌ରେ ମ୍ୟାନମାରଠାରୁ ୦–୩ ଗୋଲରେ ଶୁକ୍ରବାର ପରାସ୍ତ ହୋଇଥିଲା। ନେପାଳ ମଧ୍ୟ ଏକ ଶକ୍ତିଶାଳୀ ଦଳ। ନେପାଳ ପାଖରେ ଫିନିସିଂ ସ୍କିଲ ରହିଛି ଖେଳାଳିମାନେ ଦ୍ରୁତ ଖେଳ ପ୍ରଦର୍ଶନ କରିଥାନ୍ତି। ବିଜୟୀ ହେବାକୁ ହେଲେ ଆମକୁ ପୂରା ସାମର୍ଥ୍ୟ ସହ ନୂଆ ତଥା ଭିନ୍ନ ରଣନୀତି ନେଇ ପଡିଆକୁ ଓହ୍ଲାଇବାକୁ ହେବ।



ଭାରତୀୟ ମହିଳା ଫୁଟବଲ ଦଳର ଖେଳାଳି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଫେବୃୟାରୀ ୧୧ /୨୦୧୯ Rayagada, Monday, February 11 / 2019

## ଡମ୍ଫର ଧକ୍କାରେ ବାଇକ ଚାଳକ ମୃତ

ପାତ୍ରପୁର,୧୦।୨(ଡି.ଏନ୍.ଏ.)– ଜରଡା ଥାନା ରାଙ୍କୁଡା ନିକଟରେ ରବିବାରମ ଡମ୍ଫର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ପଛରେ ବସିଥିବା ମହିଳା ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ସୁନାରେଡି ଗ୍ରାମର କଣ୍ଡାଲା ପ୍ରଦୀପ କୁମାର (୪୮) ଓ ଆହତ ଜଣକ ଦୁଆଡା ତ୍ରିବେଣୀ (୫୫)। ପ୍ରଦୀପ ଓ ଦୁଆଡା ବାଇକରେ ଭୋଜି ଖାଇବାକୁ ବମକେଇ ଯାଉଥିବାବେଳେ ରାଙ୍କୁଡା ନିକଟରେ ଏକ ଡମ୍ଫର ଧକ୍କା ଦେଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜରଡା ପୋଲିସ ବାଇକ୍ ଓ ଡମ୍ଫର ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଆସିକା,୧୦।୨(ଡି.ଏନ୍.ଏ.)–ଆସିକା–ବାଲିପଦର ମୁଖ୍ୟରାସ୍ତାର ଭେଟନଇ ଗ୍ରାମ ନିକଟ ଏକ ଚାଷ ଜମିରେ ରବିବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପଡି ରହିଥିଲା। ଫୁଲ ପ୍ୟାଣ୍ଟ, ସାର୍ଟ ପିନ୍ଧିଥିବା ଏହି ବ୍ୟକ୍ତିଙ୍କ ବୟସ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ଓ କିଭଳି ମୃତ୍ୟୁ ଘଟିଛି ତାହାର କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏ ନେଇ ଆସିକା ଥାନାରେ ନଂ.୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




## ସଂକ୍ଷେପରେ

### ଶିଶୁ ସାହିତ୍ୟ ଆସର



**ପାରଳାଖେମୁଣ୍ଡି, ୧୦।୨ (ସ୍ୱ.ପ୍ର.):** ପାରଳାଖେମୁଣ୍ଡି ରାଜଗୁରୁ ସାହିସ୍ଥିତ ଶ୍ରୀ ରସିକରାଜ ମଠରେ ବାଲ୍ ମୁକୁନ୍ଦ କେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। 'କୃପାଳୁ ଶିଶୁ ସାହିତ୍ୟ ଆସର' ଅନୁଷ୍ଠିତ ହୋଇଥିଲା। ପ୍ରଣତି ଚୌଧୁରୀଙ୍କ ଗାୟତ୍ରୀ ପ୍ରଜ୍ଞାପୀଠ ବିଦ୍ୟାରମ୍ଭର ଶ୍ରୀ ଗଣେଶ କରାଯାଇ ପିଲାମାନଙ୍କୁ ମିଠା ଓ ପେନ୍ ବଣ୍ଟା ଯାଇଥିଲା। ପରେ ସଂଯୋଜିକା ନମିତା ଚୌଧୁରୀ ଏବଂ ବାସନ୍ତି ଚୌଧୁରୀଙ୍କ ଦ୍ୱାରା ମନଗଡ ଧାମର ବଡ ଦିଦିଙ୍କ ଜନ୍ମଦିନ ଏବଂ କେନ୍ଦ୍ର ଶିଶୁ ଶୁଭଦର୍ଶିନୀ ମହାରଣାଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଶିକ୍ଷାବିତ୍ ଉମାକାନ୍ତ ପଣ୍ଡା ଏବଂ ଗୌରୀଶଙ୍କର ମହାରଣା ଅତିଥିଭାବେ ଯୋଗଦେଇ ଶ୍ରୀପଞ୍ଚମୀ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ବାଲ୍‌ମୁକୁନ୍ଦ କେନ୍ଦ୍ର ପୁରୋଧା ହରେରାମ କୃଷ୍ଣ ଚୌଧୁରୀ ପରିଚାଳନା କରିଥିଲେ। ମୁରଲୀଧର ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ।

### ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

**ପାରଳାଖେମୁଣ୍ଡି, ୧୦।୨ (ସ୍ୱ.ପ୍ର.):** ପାରଳାଖେମୁଣ୍ଡି ଭଣ୍ଡାରୀ ସାହିସ୍ଥିତ ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ ସତ୍ୟନାରାୟଣ ପଣ୍ଡାଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ସକାଳେ ରୀତିନୀତି ଅନୁଯାୟୀ ଯଜ୍ଞ ଓ ସନ୍ଧ୍ୟାରେ ସଂକୀର୍ତ୍ତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପିଙ୍କୁ ପଟ୍ଟନାୟକ, ଅରୁଣ ମହାରଣା ପ୍ରମୁଖଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# କଳା, ବିଦ୍ୟା ଦେବୀଙ୍କୁ ଆବାହନ

**ପାରଳାଖେମୁଣ୍ଡି, ୧୦।୨ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନରେ ଧୁମଧାମରେ କଳା, ବିଦ୍ୟାର ଦେବୀ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ସ୍କୁଲ ଓ କଲେଜ ପରିସରରେ ଛାତ୍ରୀଛାତ୍ରମାନେ ନୂତନ ପୋଷାକ ପରିଧାନ କରି ସ୍କୁଲକୁ ଯାଇ ମା'ଙ୍କ ପୂଜା କରିଥିଲେ। ସହରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ





ପାରଳାଖେମୁଣ୍ଡି ସହରସ୍ଥିତ +୨ ମହିଳା ମହାବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲରେ ମା' ସରସ୍ୱତୀଙ୍କ ପୂଜା କରାଯାଉଛି।

ହୋମଯଜ୍ଞ ହୋଇଥିଲା। ପୁଷ୍ପାଞ୍ଜଳି ଦେଇ ମା'ଙ୍କୁ ଆବାହନ କରିଥିଲେ। ଅନ୍ୟପକ୍ଷରେ ବିଭିନ୍ନ ସାହି, ଛକ ସ୍ଥାନରେ ମଧ୍ୟ ମା' ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ତେବେ ଶିକ୍ଷାନୁଷ୍ଠାନ ଗୁଡିକରେ ଏହି ଅବସରରେ ବେଶ୍ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।

# ହେଲ୍‌ମେଟ୍‌ଧାରୀଙ୍କୁ ମିଠା ବାଣ୍ଟିଲା ପୋଲିସ



ହେଲ୍‌ମେଟଧାରୀଙ୍କୁ ପୋଲିସ କର୍ମଚାରୀ ମିଠା ଦେଉଛନ୍ତି।

**ଗୋଷାଣୀ,୧୦।୨(ଡି.ଏନ୍.ଏ.):** ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ପକ୍ଷରୁ ୭ମାଇଲ ଛକରେ ରବିବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଥାନାଧିକାରୀ ପି.ଏସ୍. ରାଓ ଏହାର ନେତୃତ୍ୱ ନେଇଥିଲେ। ହେଲ୍‌ମେଟ୍ ପିନ୍ଧିବା, ସିଟ୍ ବେଲଟ୍ ବାନ୍ଧିବା, ଡ୍ରାଇଭିଂ ବେଳେ ମୋବାଇଲ ଫୋନ୍‌ରେ କଥା ନ ହେବା, ସିଙ୍ଗିଲଲାଇନକୁ ଓଭରଟେକ୍ ନକରିବା, ଦ୍ରୁତ ବେଗରେ ଓ ମଦ୍ୟପାନ କରି ଗାଡି ନ ଚଳାଇବା ଭଳି ସଚେତନତା ବାର୍ତ୍ତା ଦିଆଯାଇଛି। ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ପୋଲିସ ପକ୍ଷରୁ ମିଠା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଏସ୍ଆଇ ଚନ୍ଦନ କୁମାର , ଏଏସ୍ଆଇ ଲଳିତ ମୋହନ ଦାଶଙ୍କ ସମେତ ପୋଲିସ କର୍ମଚାରୀ ପରିଚାଳନା କରିଥିଲେ।

# ଏମ୍‌ପି, ମନ୍ତ୍ରୀଙ୍କୁ ଭେଟିଲେ ଆଶାୟୀ ପ୍ରାର୍ଥୀ

**ପାରଳାଖେମୁଣ୍ଡି, ୧୦।୨ (ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝି ଏବଂ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା ରବିବାର ସନ୍ଧ୍ୟା ୫ଟାରେ ହଠାତ୍ ପାରଳାଖେମୁଣ୍ଡି ସର୍କିଟ ହାଉସରେ ପହଞ୍ଚିଥିଲେ। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ଆଶାୟୀ ପ୍ରାର୍ଥୀ ମାରୁତ କୁମାର ପାଳ ଏହି ଦୁଇ ବରିଷ୍ଠ ନେତାଙ୍କୁ ଭେଟିଥିଲେ। ଜିଲା ବିଜେଡି ପକ୍ଷରୁ ଅନ୍ୟ କୌଣସି କର୍ମକର୍ତ୍ତା ଏଠାରେ ଉପସ୍ଥିତ ନ ଥିଲେ। ଏ ସମ୍ପର୍କରେ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କୁ ପଚାରିବାରୁ ସେ ସେଠାରେ ଉପସ୍ଥିତ ନ ଥିଲେ, ମାତ୍ର ପରେ ଉଭୟ ନେତା ଆସିଥିବାର ଖବର ପାଇଥିବା କହିଛନ୍ତି। ଏହା କୌଣସ ଗସ୍ତ ନୁହେଁ ବରଂ ଉଭୟ ନେତା ଏହି ରାସ୍ତା ଦେଇ ଯାଉଥିବାବେଳେ ଜଳପାନ ପାଇଁ ସର୍କିଟ ହାଉସରେ କିଛି ସମୟ ପାଇଁ ଅଟକିଥିଲେ ବୋଲି କହିଥିଲେ। ଆଗକୁ ନିର୍ବାଚନ ଥିବାବେଳେ ଏଭଳି ଗସ୍ତ ବିଷୟରେ ଜିଲା ସଭାପତି ଜାଣି ନ ଥିବାବେଳେ ଜଣେ ଆଶାୟୀ ପ୍ରାର୍ଥୀ ଏହା ଜାଣିପାରି ଉଭୟଙ୍କୁ ଭେଟିବା ନେଇ ରାଜନୀତି ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।



■ ଭାଜପା ମଣ୍ଡଳସ୍ତରୀୟ ବୈଠକ

# ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ପାରଳାଖେମୁଣ୍ଡି, ୧୦।୨ (ସ୍ୱ.ପ୍ର.)**

ଗଜପତି ଜିଲା ଭାଜପା ପକ୍ଷରୁ ଗୋଷାଣୀ ମଣ୍ଡଳସ୍ତରୀୟ ବୈଠକ ଗାରବନ୍ଧା ଗ୍ରାମ ନିକଟସ୍ଥ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସଭାପତି ଜି.ଭେଙ୍କଟରାବଣା ଯୋଗ ଦେଇଥିଲେ। ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବାକୁ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଯେଉଁ ଲୋକମାନେ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଲାଭ ନେଇଛନ୍ତି ସେମାନଙ୍କ ସହ କଥା ହୋଇ ଉକ୍ତ ଯୋଜନାକୁ ସୁଦୂର ପ୍ରସାରୀ କରିବା ପାଇଁ କର୍ମୀମାନେ କାମ କରନ୍ତୁ ବୋଲି ଆଲୋଚନା ହୋଇଥିଲା। ତୃଣମୂଳସ୍ତରରେ କର୍ମୀମାନଙ୍କୁ କିପରି ଏକତ୍ରିତ କରାଯାଇ ଆଗାମୀ ଦିନରେ ଲଢେଇ ହେବ ସେ ବିଷୟରେ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ ପ୍ରମୁଖଙ୍କ ସହ ବହୁ ମଣ୍ଡଳସ୍ତରୀୟ ଏବଂ ଜିଲାସ୍ତରୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

**ରେଳ ବିକାଶ ନିଗମ ଲିମଟେଡ୍**

**"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"**

**"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"**

ସମ୍ବଲପୁର ଏବଂ ୱାଲଟିଅର ଡିଭିଜନ, ପୂର୍ବତଟ ରେଳପଥର ସେକ୍ସନ ଟିଟିଲାଗଡ଼ (ବହିର୍ଭୂତ) – ଜିମିଡ଼ିପେଟା (ଅନ୍ତର୍ଭୁକ୍ତ) କିମି ୨୦୨.ସିଏଚ୍.୬୮୬ରୁ କିମି ୩୫୭ ସିଏଚ୍.୨୬୮ର ୩ୟ ଲାଇନ୍ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ ପ୍ରଚଳନ ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ପ୍ରତ୍ୟେକ ଲେଭଲକ୍ରସିଂରେ ରାସ୍ତାରୁ ୪.୬୭ମି.ର ସ୍ପଷ୍ଟ ଉଚ୍ଚତାରେ ହାଇଟ୍ ଗଜ୍ ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସକ୍ରିୟ ଟ୍ରାକ୍ସନ୍ ତାର ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ । ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ଲୋଡିଂ କରିବା ଉଦ୍ଦେଶ୍ୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ହାଇଟ୍ ଗେଜ୍‌ଗୁଡିକୁ ଯେପରି ଯାନବାହନରେ ଲୋଡ୍ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହା ଦୃଷ୍ଟିରେ ରଖାଯିବା ଆବଶ୍ୟକ । ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:

(i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ଏହା ପରବର୍ତ୍ତୀ ରାସ୍ତା ତଥା ରେଳପଥ ଅବରୋଧ ।
(ii) ନିଆଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନବାହନ ପ୍ରତି ବିପଦ ।
(iii) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ନିଆଁ ଓ ଜୀବନର ବିପଦ ମଧ୍ୟ ରହିଛି ।

ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ),
ରେଳ ବିକାଶ ନିଗମ ଲିମିଟେଡ୍, ୱାଲ୍‌ଟିଅର

**JEWELS INTERNATIONAL**
**Chetana College of Special Education**

(Recognized by SSEPD Department, Govt. of Odisha, Approved by Rehabilitation Council of India)
Affiliated to Utkal University

Contact : 9437126187, 9437265920, 9090207307
E-mail : chetanacollege@yahoo.co.in
Website: http://www.chetana-jewelsinternational.org

Applications are invited for admission in to D.Ed.Special Education (MR) for the Academic Session 2019-2021. Last date for receiving on line application is 15.03.2019. The Prospectus and Application form is available at RCI Website **https://applyadmission.net/aioat2019/.** Application Forms of B.Ed, M.Ed. Special Education (MR) & M.A in Applied Psychology will be available after 15.03.2019.

**Principal**

**SBI**

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ଼, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

**କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩**

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | **ତାଳଚେର ଫର୍ଟିଲାଇଜର ଟାଉନସିପ୍ ଶାଖା /** ୧. ରଣଗ୍ରହୀତା: **ସୁମନ୍ତ ସାହୁ**, ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୨୩୪୦୧୦୮୮୨, ୩୨୫୫୮୩୯୬୧୯୨, ୩୧୭୩୪୨୩୩୦୫୫** | | **ସୁମନ୍ତ ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତୁରଙ୍ଗ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୯୨୯/୨୫୬୦, ପ୍ଲଟ୍ ନଂ.: ୧୯୩୦/୯୭୧୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ଖାତା ନଂ.: ୯୨୯/୨୬୧୪, ପ୍ଲଟ୍ ନଂ.: ୧୯୨୫, କ୍ଷେତ୍ର: ଏକର୦.୦୬ଡିସିମିଲି ଓ ପ୍ଲଟ୍ ନଂ.: ୧୯୩୧, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ଖାତା ନଂ.: ୯୨୯/୨୭୪୫, ପ୍ଲଟ୍ ନଂ.: ୧୯୩୦, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୩ଡିସିମିଲି,** କିସମ: ଘରବାରୀ | **୩୧.୦୭.୨୦୧୪ ସୁଦ୍ଧା ଟ.୭୧,୨୧,୧୩୪/-** + ୦୧.୦୮.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୧୧.୦୯.୨୦୧୪** | ଟ.୧,୪୭,୬୦,୦୦୦/- / ଟ.୧୪,୭୬,୦୦୦/- / ଟ.୧,୦୦,୦୦୦/- |
| | ୨. ରଣଗ୍ରହୀତା: **ରଘୁନାଥ ନାଏକ,** ପିତା: ହରିହର ନାଏକ, ସା/ପୋ: ସାକସିଂହା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୦୮୫୯୫୩୧୨୧** | ଜାମିନ୍‌ଦାର/ବନ୍ଧକଦାତା: **ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ | | **୨୧.୦୯.୨୦୧୬ ସୁଦ୍ଧା ଟ.୧୯,୧୬,୧୨୦.୮୧** + ୨୨.୦୯.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୨୨.୦୯.୨୦୧୬** | |
| ୨. | **ଏସ୍ଏଲ୍ ମାଇନିଂ ଶାଖା, ଜୁରୁଡି /** ରଣଗ୍ରହୀତାମାନେ: ୧) **ରୋଜ୍ ମହମ୍ମଦ,** ପିତା: ଅବଦୁଲ ସତାର, ୨) **ଶେହନାଜ୍ ବାନୋ,** ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / **ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬** | | ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | **୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୭,୯୦୬/-** + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୦୨.୦୫.୨୦୧୬** | ଟ.୧,୧୪,୫୮,୦୦୦/- / ଟ.୧୧,୪୫,୮୦୦/- / ଟ.୧,୦୦,୦୦୦/- |

* ମାନ୍ୟବର ଡେବ୍‌ଟ୍ସ ରିକଭରି ଆପିଲେଟ୍ ଟ୍ରିବୁନାଲ୍, କୋଲକାତାଙ୍କ ଠାରେ ବିଚାରାଧିନ ଟେଣ୍ଡର ନଂ. ୧୩୧/୨୦୧୭ ର ନିର୍ଣ୍ଣୟ ଅନୁଯାୟୀ କ୍ର. ନଂ. ୧ରେ ଦର୍ଶିତ ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: **ତା.୨୧.୦୨.୨୦୧୯ରିଖ** ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
**ତା.୨୬.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ରଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ **www.sbi.co.in at link https://bank.sbi/portal/web/home/auction-notices** ଦେଖନ୍ତୁ

ତାରିଖ : ୦୮.୦୨.୨୦୧୯, ସ୍ଥାନ: ଭଦ୍ରକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର



**ସାରା ଓଡ଼ିଶାରେ ଏକ ସାଥିରେ ପାଳନ ହେଉଛି**

**ଉଜ୍ଜ୍ୱଳା "ସ୍ୱାଭିମାନ ଉତ୍ସବ"**

**ଶୁଶ୍ରୀ ଉମା ଭାରତୀ**
ପାନୀୟ ଜଳ ଏବଂ ପରିମଳ ମନ୍ତ୍ରୀ
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

**ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେବେ**

**ଉତ୍ସବ ସ୍ଥଳ**

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ | ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|---|---|
| ମୟୂରଭଞ୍ଜ | ମେଳଣ ପଡ଼ିଆ, କରଞ୍ଜିଆ | କନ୍ଧମାଳ | ଶିବ ମନ୍ଦିର ପଡ଼ିଆ, କେ ନୂଆଗାଁ |
| ମୟୂରଭଞ୍ଜ | ଗାନ୍ଧି ପଡ଼ିଆ, ନଛିପୁରିଆ, ବେତନଟୀ | ଗଞ୍ଜାମ | ରଥଦାଣ୍ଡ, ଜରଡ଼ା, ପାତ୍ରପୁର |
| ବାଲେଶ୍ୱର | ଚଣ୍ଡିମନ୍ଦିର ସାମ୍ନା ପଡ଼ିଆ, ସଜନାଗଡ଼, ନୀଳଗିରି | ଗଞ୍ଜାମ | ସମଲେଇ ମନ୍ଦିର ପାଖ ପଡ଼ିଆ, ବୁରୁପଦା, ହିଞ୍ଜିଳି |
| ଭଦ୍ରକ | ବ୍ଲକ୍ ଅଫିସ୍ ସାମ୍ନା ପଡ଼ିଆ, ବନ୍ତ | ରାୟଗଡ଼ା | ବସ୍‌ଷ୍ଟାଣ୍ଡ ପାଖ ପଡ଼ିଆ, ଶିକରପଇ, କଲ୍ୟାଣସିଂହପୁର |
| କେନ୍ଦ୍ରାପଡ଼ା | ରାଜନଗର ହାଇସ୍କୁଲ ପଡ଼ିଆ, ରାଜନଗର | କୋରାପୁଟ | ବ୍ଲକ୍ ଅଫିସ୍ ପାଖ ପଡ଼ିଆ, ଲକ୍ଷ୍ମୀପୁର |
| ଯାଜପୁର | ବାସନ୍ତୀ ପଡ଼ିଆ, ଦାଣ୍ଡିସାହି, ଦଶରଥପୁର | ମାଲ୍‌କାନଗିରି | ମାଥିଲି ଖେଳ ପଡ଼ିଆ, ମାଥିଲି |
| କେନ୍ଦୁଝର | ଗାଁ ପଡ଼ିଆ, ବାଲିପାଳ, ଘସିପୁରା | ନବରଙ୍ଗପୁର | ରତାଖଣ୍ଡିଗୁଡ଼ା ଷ୍ଟାଡିୟମ, ରତାଖଣ୍ଡିଗୁଡ଼ା, ଝରିଗାଁ |
| ଅନୁଗୋଳ | ମକର ମେଳଣ ପଡ଼ିଆ, ବାଲିସାହି | କଳାହାଣ୍ଡି | ପଞ୍ଚାୟତ ହାଇସ୍କୁଲ ପଡ଼ିଆ, ଦୁଆରସୁଣି, ଭବାନୀପାଟଣା |
| ଢେଙ୍କାନାଳ | ବିଶ୍ୱକର୍ମା ପଡ଼ିଆ, ଖଜୁରିଆକଟା, ହିନ୍ଦୋଳ | ନୂଆପଡ଼ା | ସାପ୍ତାହିକ ବଜାର ପଡ଼ିଆ, ବୋଡ଼େନ, ଖରିଆର |
| କଟକ | ବନିପଦା ଫୁଟବଲ ପଡ଼ିଆ, ଟାଙ୍ଗୀ | ବଲାଙ୍ଗୀର | କରମତଳା ହାଇସ୍କୁଲ ପଡ଼ିଆ, ସଇଁତଳା |
| କଟକ | ଗୋବରୀ ବ୍ରିଜ୍ ପାଖ ପଡ଼ିଆ, ଅଳିଜୋଡ଼ା, ମାହାଙ୍ଗା | ବରଗଡ଼ | ଗାଁ ପଡ଼ିଆ, କଣ୍ଟାପାଲି |
| ଜଗତସିଂହପୁର | ବିବେକାନନ୍ଦ ହାଇସ୍କୁଲ ପଡ଼ିଆ, ଜୋତ | ଝାରସୁଗୁଡ଼ା | ସତସଙ୍ଗ ଭବନ ପଡ଼ିଆ, ମନମୋହନ ଏମ୍ଇ ସ୍କୁଲ ପାଖ |
| ପୁରୀ | ଶୁଭପ୍ରଭା ମଣ୍ଡପ ପଡ଼ିଆ, କୁସୁପୁର, ଗୋପ | ସମ୍ବଲପୁର | ମିନି ଷ୍ଟାଡିୟମ, ନାକଟିଦେଉଳ |
| ଖୋର୍ଦ୍ଧା | ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆ, ଜଟଣୀ | ସୁନ୍ଦରଗଡ଼ | ରାଜାବଙ୍ଗଳା ପଡ଼ିଆ, ବାଲିଶଙ୍କରା |
| ନୟାଗଡ଼ | ବାଲୁଙ୍କେଶ୍ୱର ପଡ଼ିଆ, କଞ୍ଚନବିଲି | ସୁନ୍ଦରଗଡ଼ | ରାହାସ ପଡ଼ିଆ, ଜଗନ୍ନାଥ ମନ୍ଦିର ପାଖ, କୁଆଁରମୁଣ୍ଡା |

**୧୧ ଫେବୃୟାରୀ ୨୦୧୯**



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
-ଯିଶୁଖ୍ରୀଷ୍ଟ






ଗୁଣପୁର, ପଦ୍ମପୁର,ଗୁଡାରୀ, ଟିକିରିରେ ପୂଜା ପାଉଥିବା ମା' ସରସ୍ୱତୀ।

## ସଂକ୍ଷେପରେ

### ପ୍ରତିଶ୍ରୁତି ପରେ ମା' ବାପାଙ୍କ ଅନଶନ ପ୍ରତ୍ୟାହୃତ

ମୁନିଗୁଡ଼ା,୧୦।୨(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ସମ୍ମୁଖରେ ପୁଅ ହତ୍ୟାକାରୀଙ୍କୁ ଗିରଫ ଦାବିରେ ବାପା ଶୁଭେନ୍ଦୁ ଦାସ ଓ ମାଆ ସନ୍ଧ୍ୟାରାଣୀଙ୍କ ଅନଶନ ରବିବାର ପ୍ରତ୍ୟାହୃତ ହୋଇଛି। ମୁନିଗୁଡ଼ା ବିକାଶ ପରିଷଦ ସଭାପତି ଏମଡ଼ି ଆୟୁବ, ସମ୍ପାଦକ ସୁଧାକର ମହାରଣାଙ୍କ ସମ୍ମୁଖରେ ରାୟଗଡ଼ା ଡ଼ିଏସପି ଶିବରାମ ନାଏକ ଦୀର୍ଘ ୨ ଘଣ୍ଟା ଧରି ଆଲୋଚନା କରିଥିଲେ। ଆସନ୍ତା ୧୨ ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକ ମୁନିଗୁଡ଼ା ଥାନାକୁ ଆସି ଶୁଭେନ୍ଦୁଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିବେ। ପରେ ପୋଲିସ ତୁରନ୍ତ ହତ୍ୟାକାରୀଙ୍କୁ ଚିହ୍ନଟ କରିବ। ଉକ୍ତ କେସକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯିବ ବୋଲି ଡ଼ିଏସପି ମୌଖିକ ଭାବେ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବେଳେ ଥାନା ସେକେଣ୍ଡ ଅଫିସର ରିଗାନ କିଣ୍ଡୋ ଉପସ୍ଥିତ ଥିଲେ। ପରେ ବିକାଶ ପରିଷଦ ସଭାପତି ପଇଡ଼ ପିଆଇ ଅନଶନରତ ଦ୍ୱୟଙ୍କୁ ଉଠାଇଥିଲେ। ବଜରଙ୍ଗଦଳ ସଦସ୍ୟ ମହେଶ୍ୱର ଭୁକ୍ତା, ଭୀମ ବେହେରା, ମନୋରଞ୍ଜନ ଦଳାଇ ପ୍ରମୁଖ ଅନଶନରତ ସ୍ଥଳକୁ ଯାଇ ମୃତ ଆଦିତ୍ୟଙ୍କ ମାଆ ବାପାଙ୍କୁ ବୁଝାଶୁଝା କରିଥିଲେ। ପ୍ରକାଶ ଥାଉ କି, ୨୦୧୮ ଜାନୁୟାରୀ ୫ ତାରିଖରେ ଆଦିତ୍ୟ ନିଖୋଜ ହୋଇଯାଇଥିଲେ। ୨୦ ଦିନ ପରେ ଆଦିତ୍ୟଙ୍କ ମୃତଦେହ ବିଷମକଟକ ଥାନା ଗଡିଗୁଡା ନିକଟସ୍ଥ ଏକ ପଥର କ୍ୱାରିରୁ ପୋଲିସ ଉଦ୍ଧାର କରାଯାଇଥିଲା। ଏନେଇ ଆଦିତ୍ୟଙ୍କ ବାପା ପୁଅକୁ ଅପହରଣ କରି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ତେଣୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ତାଙ୍କ ବାପାମାଆ ମୁନିଗୁଡ଼ା ଥାନା ସମ୍ମୁଖରେ ଅନଶନରେ ବସିଥିଲେ।

### ଅଭ୍ୟାସ ଟେକ୍ନୋ ସ୍କୁଲ ଉଦ୍‌ଘାଟିତ

ପଦ୍ମପୁର,୧୦।୨(ଡି.ଏନ୍.ଏ.): ପଦ୍ମପୁର ସଦର ମହକୁମାଠାରେ ରବିବାର ନୂତନ ଇଂରାଜୀ ମାଧମ ବିଦ୍ୟାଳୟ ଅଭ୍ୟାସ ଟେକ୍ନୋ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ୮୪ ଛାତ୍ରୀଛାତ୍ର ନାମ ଲେଖାଇଥିବା ସ୍କୁଲ ସମ୍ପାଦକ ଲାଡି ତୁକାରାମ୍ ପ୍ରକାଶ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିଚାଳନା ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ରହି ଉକ୍ତ ସିବିଏସ୍‌ଇ ପଦ୍ଧତିର ଅନୁଷ୍ଠାନ ସମ୍ପର୍କରେ ଉପସ୍ଥିତ ଅତିଥିବୃନ୍ଦଙ୍କୁ ଅବଗତ କରାଇଥିଲେ।

# ୧୫ ଦାଦନ ଶ୍ରମିକ ଉଦ୍ଧାର

ରାୟଗଡା ଅଫିସ୍, ୧୦।୨

ଇଟାଭାଟିରେ କାମ କରିବାକୁ ବଲାଙ୍ଗୀର ଜିଲାରୁ ତେଲେଙ୍ଗାନାକୁ ଯାଇଥିବା ୬ ପରିବାରର ୧୫ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଛନ୍ତି। ସେମାନେ ହେଲେ ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ସିକୁଆ ଗ୍ରାମର ଲୁଚନ ତାମୁଲିଆ ଓ ତାଙ୍କ ସ୍ତ୍ରୀ ଜ୍ୟୋସ୍ନା ତାମୁଲିଆ, ଗୁଡଭେଲା ଗ୍ରାମର ଆଦିତ୍ୟ ସାମରତ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ସାମରଥ, ଉପରତଡା ଗ୍ରାମର ଚୈତନ୍ୟ କୁମ୍ଭରିଆ ଓ ତାଙ୍କ ସ୍ତ୍ରୀ ସବିତା କୁମ୍ଭରିଆ, ଇନ୍ଦିରା ବିନା , ପହିଲମାନ ନାୟକ ଏବଂ ତାଙ୍କ ସ୍ତ୍ରୀ ବିଳାସିନୀ ନାୟକ, ସଇଁତଳା ଥାନା ଅନ୍ତର୍ଗତ କୁମ୍ଭାରି ଗ୍ରାମର ବଚନ ସାହାଣୀ ଓ ତାଙ୍କ ସ୍ତ୍ରୀ କେଶରୀ ସାହାଣୀ, ତୁରେକାଲ ଥାନା ଅନ୍ତର୍ଗତ ଗୋଏନିମାଲ ଗ୍ରାମର ମାୟାଧର ତାଣ୍ଡି ଓ ତାଙ୍କ ସ୍ତ୍ରୀ ରାଧିକା ତାଣ୍ଡି, ସଜନା କୁମ୍ଭାର ଏବଂ ଗୁପ୍ତ ଖରସେଲ। ଜିଲା ଶ୍ରମ ବିଭାଗ ଓ ଏକ ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ ଏମାନଙ୍କୁ ଉଦ୍ଧାର କରାଯାଇଛି।



ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

ତେଲେଙ୍ଗାନା ରାଜ୍ୟ ପାଇଡାପାଲି ଜିଲା ଅନ୍ତର୍ଗତ କାର୍ଲାଚିଲା ଗ୍ରାମରେ ଇଟାଭାଟି ମାଲିକ ଆରିଫ୍‌ଙ୍କ ନିକଟରେ ଦାଦନ ଖଟିବା ପାଇଁ ଉକ୍ତ ୧୫ଜଣ ଶ୍ରମିକ ଯାଇଥିଲେ। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଖୁନଲୁଗୁଡା ଗ୍ରାମର ଦଲାଲ ପୁରୁଣ ବାଘ ଓ ଗୋକୁଲଙ୍କ ଦ୍ୱାରା ଦାଦନ ଖଟିବା ପାଇଁ ସେମାନେ ଯାଇଥିଲେ। ସେଠାରେ ୫ମାସ ହେବ ଏକ ଇଟାଭାଟିରେ କାର୍ଯ୍ୟ କରିଥିଲେ। ହେଲେ କାମ କରିବାର କିଛି ଦିନପରେ ଶ୍ରମିକମାନେ ମଜୁରି ଟଙ୍କା ମାଗିବାରୁ ଆରମ୍ଭ ହୋଇଥିଲା ନିର୍ଯାତନା। ଏଭଳିକି ସେମାନଙ୍କୁ ବନ୍ଦୀ ଭାବେ ରଖାଯାଇ ଜୋର ଜବରଦସ୍ତ କାମ କରାଯାଉଥିଲା। ଉକ୍ତ ଇଟାଭାଟିରେ ଆହୁରି ୧୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ନିର୍ଯାତନାର ଶିକାର ହୋଇ ସେଠାରେ କାମ କରୁଛନ୍ତି। କୌଶଳକ୍ରମେ ସେଠାରୁ ଖସି ଆସି ରାୟଗଡାରେ ପହଞ୍ଚିଛୁ ବୋଲି କହିଛନ୍ତି ଶ୍ରମିକମାନେ। ଏନେଇ ଖବରପାଇ ରାୟଗଡା ଶ୍ରମ ବିଭାଗ ସେମାନଙ୍କୁ ଉଦ୍ଧାର କରି ଷ୍ଟେଶନ୍‌ରେ ରଖିଥିଲା। ବଲାଙ୍ଗୀର ଶ୍ରମ ବିଭାଗ ସହ ଯୋଗାଯୋଗ କରି ସେମାନଙ୍କୁ ନିଜ ଘରକୁ ସୁରକ୍ଷିତ ଅବସ୍ଥାରେ ପଠାଯାଇଥିଲା।

# ବିଭିନ୍ନ ଅନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା

ରାୟଗଡା ଅଫିସ/ ଗୁଣପୁର/ ଟିକିରି/ ଚନ୍ଦ୍ରପୁର, ୧୦।୨(ଡି.ଏନ.ଏ)

ରାୟଗଡାର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଅନେକ ଶିଶୁ ମା' ସରସ୍ୱତୀଙ୍କ ନିକଟରେ ଖଡି ଛୁଇଁ ଶିକ୍ଷା ଆରମ୍ଭ କରିଥିଲେ। ଗୁଣପୁରର ବିଭିନ୍ନ ସ୍କୁଲ ଏବଂ କଲେଜରେ ସରସ୍ୱତୀଙ୍କ ପୂଜା ଧୂମଧାମର ସହ ପାଳିତ ହୋଇଯାଇଛି। ଏଥିଲାଗି ପିଲାଙ୍କ ମଧ୍ୟରେ ପ୍ରବଳ ଉତ୍ସୁକତା ଦେଖାଦେଇଥିଲା। ସ୍କୁଲ ଏବଂ କଲେଜରେ ପୂଜା ସ୍ଥାନଗୁଡିକୁ ଆଲୋକମାଳାରେ ସଜ୍ଜା ଯାଇଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ପିଲାମାନେ ନାମ ଲେଖା ଆରମ୍ଭ କରିବାସହ ନୂତନ ଭାବେ ଖଡି ଛୁଆଁ କାର୍ଯ୍ୟ କରିଥିଲେ। କଲେଜ ନିକଟ ଗଣେଶ ମନ୍ଦିରରେ ଥିବା ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ନିକଟରେ ପିଲାମାନେ ଖଡି ଛୁଆଁ କାର୍ଯ୍ୟ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିରରେ ନୂତନ ଛାତ୍ରୀଛାତ୍ରଙ୍କ ନାମ ଲେଖା କରାଯାଇଥିଲା। ସେହିପରି କାଶୀପୁର ବ୍ଲକ ବିଭିନ୍ନ ବିଦ୍ୟାଳୟରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁଙ୍କ ତ୍ତ୍ୱାବଧାନରେ ଟିକିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ୍ୟ ପୂଜା ପାଳନ କରାଯାଇଥିଲା। ସେହିପରି ଚନ୍ଦ୍ରପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ ହୋଇଛି। ୧୦ ଫୁଟ ଉଚ୍ଚତାର ଏକ ମୂର୍ତ୍ତିକୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ସଜାଇ ପୂଜାପାଠ କରାଯାଇଥିଲା। ଡ଼ାଙ୍ଗସୋରଡ଼ା ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଜୟଲାଲ ନାୟକଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବିଏମ୍‌ଏସ୍‌ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଯୋଗ ଦେଇଥିବା ସଂଘର କର୍ମକର୍ତ୍ତା।

ରାୟଗଡା ଅଫିସ୍, ୧୦।୨

ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍)ର ୧୩୧ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସିଦ୍ଧି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ଦିଲୀପ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦ କରି ଆସନ୍ତା ୨୦ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ବିକ୍ଷୋଭ ସହ ଧାରଣା ଦିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ସରକାରଙ୍କ ପକ୍ଷରୁ ଯେଉଁ ବଜେଟ ଉପସ୍ଥାପନ କରାଯାଉଛି, ସେଥିରେ ଶ୍ରମିକମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଅବହେଳା କରାଯାଇଥିବାରୁ ଏହାକୁ ନିନ୍ଦା କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀମାନେ ଦାବି ଉପସ୍ଥାପନ କଲେ କାର୍ଯ୍ୟରୁ ନିଲମ୍ବନ କରାଯାଉଥିବାରୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ରାଜ୍ୟରେ ଦାଦନ ଶ୍ରମିକଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସରକାର ଏହାକୁ ଦୃଷ୍ଟିଦେଇ ସାମାଜିକ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ଦାବି କରାଯାଇଥିଲା। ୨ଦିନଧରି ସଂଘ ପକ୍ଷରୁ ଏହିଭଳି ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ବିଏମ୍‌ଏସ୍‌ର ରାୟଗଡା ଜିଲା ସଭାପତି ଯୋଗେଶ୍ୱର ଦାସ, ପୂର୍ବତନ ଅଖିଳ ଭାରତୀୟ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ରାଜ୍ୟ ପ୍ରଭାରୀ ଗଣେଶ ମିଶ୍ର, ଜିଲା ସମ୍ପାଦକ ଖଗେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ରାୟଗଡା ଅଫିସ୍, ୧୦।୨

ଗତ ୪ତାରିଖରୁ ଆରମ୍ଭ ହୋଇଥିବା ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ବାହାର କରାଯାଇ ଲୋକଙ୍କୁ ସଡକ ସୁରକ୍ଷା ନେଇ ସଚେତନ କରାଯାଇଥିଲା। ସ୍ଥାନୀୟ ଜିସିଡି ଖେଳ ପଡିଆରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଡିଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ରାଜକିଶୋର ଦାସ ଓ ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ଯୋଗ ଦେଇଥିଲେ। ସଡକ ସୁରକ୍ଷା ସମ୍ପର୍କରେ ସଚେତନ ନେଇ ଏକ ଲଟେରି ଉଠାଣ କରାଯାଇଥିଲା। ଏଥିରେ ୪ଜଣ କୃତୀ ପ୍ରତିଯୋଗୀଙ୍କୁ ଆଞ୍ଚଳିକ ବିଭାଗ ପକ୍ଷରୁ ହେଲମେଟ ଓ ପ୍ରଶଂସା ପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୋଟରଯାନ ନିରୀକ୍ଷକ ଶିବପ୍ରସାଦ ଚୌଧୁରୀ, ଜିସିଡି ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଅଫିସ୍‌ର ଅଶୋକ କୁମାର ଦାସ ଏବଂ ଏସ୍‌ଆଇ ସୁଶାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାୟଗଡା ଅଫିସ୍, ୧୦।୨

ବିଷମକଟକ ବ୍ଲକ୍ ଡୁମୁରୁନେଲି ପଞ୍ଚାୟତ କଟଲିପଦରରେ ବ୍ଲକ୍‌ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଶୁଭାରମ୍ଭ କରିଥିଲେ। ସରପଞ୍ଚ ସଞ୍ଜୁକ୍ତା କଲକା, ସାହାଡା ସରପଞ୍ଚ ଜୟରାମ କାଡ୍ରାକା ଓ ନାଏବ ସରପଞ୍ଚ ବିଶ୍ୱନାଥ ଉଲ୍ଲାକା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରବିବାର କରିବିରି ଓ ମିନାହାଲ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୮–୨୫ପଏଣ୍ଟ ବ୍ୟବଧାନରେ କିରିବିରି ବିଜୟୀ ହୋଇଥିଲା। ରେଫରି ଭାବେ ବଳରାମ ମୁଣ୍ଡିକା ଉପସ୍ଥିତ ଥିଲେ।



ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# ମୁନିଗୁଡ଼ା କ୍ରିକେଟ୍ ଟୁର୍ନାମେଣ୍ଟ : ଜୟପୁର ଚାମ୍ପିୟନ

ମୁନିଗୁଡ଼ା,୧୦।୨(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ା ମୁନିଖୋଲ ପଡ଼ିଆଠାରେ ମୁନିଗୁଡ଼ା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମୁନିଗୁଡ଼ା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଭୁବନେଶ୍ୱର ଓ ଜୟପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫୬ ରନ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୧୫୧ ରନରେ ସମସ୍ତ ଉଇକେଟ ହରାଇଥିଲା। ଫଳରେ ଜୟପୁର ଦଳ ଚାମ୍ପିୟନ ହୋଇଥିଲା। ଏଥିରେ ବେଦାନ୍ତର ଡ଼ାଇରେକ୍ଟର ଏକ୍ସଟ୍ରାନାଲ ଆଫାଆଇଆସ ସଞ୍ଜୀବ କୁମାର, ସିଏସଆର ମୁଖ୍ୟ ହରମିତ୍ ସେରା, ତହସିଲଦାର ଦେବାଶିଷ ଗୌଡ଼, ବେଦାନ୍ତ ପିଆରଓ ଶିବଦତ୍ତ ମିଶ୍ର, ସଞ୍ଜୀବ କାଡ୍ରାକା, ପ୍ରମୋଦ ଖଣ୍ଡେଲୱାଲ, ପ୍ରଦୀପ ପରିଚ୍ଛା, ରତନଲାଲ ଜୈନ, ପୂର୍ଣ୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ବିଜୟୀ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଭୁବନେଶ୍ୱର ଦଳକୁ ମଧ୍ୟ ରନର୍ସଅପ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚକୁ ବିସିସିଆଇ ପେନାଲ ଅମ୍ପାୟର ଅସିତ୍ ପଟ୍ଟନାୟକ, ଓସିଏ ଅମ୍ପାୟର ରମେଶ ସ୍ୱାଇଁ ପରିଚାଳନା କରିଥିଲେ। ମୁନିଗୁଡ଼ା କ୍ରିକେଟ ଆସୋସିଏଶନ ସଭାପତି ନନ୍ଦକିଶୋର ପଟ୍ଟନାୟକ, ସମ୍ପାଦକ ବାଳକୃଷ୍ଣ ରଥଙ୍କ ମିଳିତ ସଂଯୋଜନାରେ ମୁନିଗୁଡ଼ାର ବରିଷ୍ଠ ଖେଳାଳିମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଚତୁର୍ଭୁଜ ବନଛର ଧନ୍ୟବାଦ ଦେଇଥିଲେ।




ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

# ପାଚିକା ନିଯୁକ୍ତିରେ ତ୍ରୁଟି ନେଇ ଅସନ୍ତୋଷ

ପଦ୍ମପୁର,୧୦।୨ (ଡି.ଏନ୍.ଏ.)

ରାୟଗଡା ଜିଲା ପଦ୍ମପୁର ବ୍ଲକ ଅଧୀନ ୨ଟି ଛାତ୍ରାବାସରେ ପାଚିକା ନିଯୁକ୍ତିରେ ତ୍ରୁଟି ହୋଇଥିବା ଜଣାଯାଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମନୋନୀତ ହୋଇଥିବା ୨ ଜଣ ପାଚିକା କେଉଁଠି ନିଯୁକ୍ତି ପାଇବେ ସେନେଇ ବାରମ୍ବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ।

ପଦ୍ମପୁର ବ୍ଲକ ଅଧୀନ ଗୁଡିଆବନ୍ଧସ୍ଥିତ ବସନ୍ତ ଦେବୀ ବିଦ୍ୟାପୀଠରେ ଗୋଟିଏ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଏବଂ ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରୀ ନିବାସ ୨୦୧୬ରେ ସ୍ଥାପନ କରାଯାଇଥିଲା। ଏଥିଲାଗି ୨୦୧୬ ସେପ୍ଟେମ୍ବର ୨୦ ତାରିଖରେ ସମ୍ପ୍ରସାରଣ ଅଧିକାରୀଙ୍କ ଉପସ୍ଥିତିରେ ୨ ଜଣ ପାଚିକା ଓ ୨ ଜଣ ପାଚକଙ୍କୁ ଚୟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୫୧ ତା ୨୪।୩।୨୦୧୮ ମାଧ୍ୟମରେ ବିଜୟକୃଷ୍ଣ ଶବର ଓ ବାସନ୍ତୀ ଶବରଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ଅନ୍ୟ ୨ଜଣ ବୃନ୍ଦାବନ ଶବର ଓ ସୁନିତା ଶବରଙ୍କୁ ଅଦ୍ୟାବଧି ନିଯୁକ୍ତି ନିର୍ଦ୍ଦେଶନାମା ଆସିନାହିଁ। ତେବେ ଏ ସମ୍ବନ୍ଧରେ ଜିଲା ମଙ୍ଗଳ ଅଧିକାରୀଙ୍କ ଚିଠି ନମ୍ବର ୧୯୮୧, ତା ୨୬।୧୧।୨୦୧୮ ମାଧ୍ୟମରେ ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ତରଫରୁ ପ୍ରଶାସନକୁ ଅବଗତ କରାଯାଇଥିବା ଜଣାପଡିଛି। ଏନେଇ ବୃନ୍ଦାବନ ଓ ସୁନିତା ଜିଲା ମଙ୍ଗଳ ଅଧିକାରୀଙ୍କୁ ଅଭିଯୋଗ କଲେ, ପଦ୍ମପୁର ବ୍ଲକର ଖମ୍ଭାରିଗୁଡା ବୃନ୍ଦରାଜ ହାଇସ୍କୁଲ ଛାତ୍ରାବାସକୁ ଭୁଲକ୍ରମେ ୪ ଜଣଙ୍କୁ ନିଯୁକ୍ତି କରାଯାଇଛି। ସେଥିପାଇଁ ଆପଣମାନଙ୍କ ନିଯୁକ୍ତି ହୋଇପାରୁ ନାହିଁ ବୋଲି ଉତ୍ତର ମିଳୁଥିବା ଉକ୍ତ ଦୁଇଜଣ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ବସନ୍ତ ଦେବୀ ବିଦ୍ୟାପୀଠର ହଷ୍ଟେଲ ୨ଶହ ଶଯ୍ୟା ବିଶିଷ୍ଟ ସ୍ଥାନରେ ୪ ଜଣଙ୍କ ବଦଳରେ କେବଳ ୨ ଜଣଙ୍କୁ ନିଯୁକ୍ତି ନିର୍ଦ୍ଦେଶନାମା ମିଳିଛି। ମାତ୍ର ଖମ୍ଭାରିଗୁଡା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସରେ ୪ ଜଣ ପାଚକ ପାଚିକାଙ୍କୁ ନିର୍ଦ୍ଦେଶନାମା ଦିଆଯାଇଛି। ଏଭଳି ତ୍ରୁଟି ଯୋଗୁ ଉକ୍ତ ଦୁଇଜଣ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି। ବ୍ଲକ ପ୍ରଶାସନ ଏନେଇ ଜିଲା ମଙ୍ଗଳ ବିଭାଗକୁ ଅବଗତ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନନ୍ଦଲାଲ୍ ବିଶ୍ୱାଳଙ୍କୁ ପଚାରିବାରୁ, ପ୍ରଶାସନିକ ତଥ୍ୟ ଅନୁଯାୟୀ ନିଯୁକ୍ତି ନିର୍ଦ୍ଦେଶନାମା ଦିଆଯାଇଥିବା କହିଛନ୍ତି।



ବୃନ୍ଦାବନ ଶବର



ସୁନିତା ଶବର